

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୧ ଫେବୃଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 01 FEBRUARY 2022
Vol.No. 33 ■ No. 30 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022

ପ୍ରକାଶ ଅପେକ୍ଷାରେ....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

# ଆଜି ସାଧାରଣ ବଜେଟ୍

## ବଜେଟରେ ଅନେକ ଆଶା ରଖିଛନ୍ତି ମଧ୍ୟବିତ୍ତ



ନୂଆଦିଲ୍ଲୀ, ୩୧/୦୧ କାଲି ଆଗତ ହେବ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ବଜେଟ୍ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ବିଶ୍ୱର ସବୁଠାରୁ ବଡ ଗଣତନ୍ତ୍ରର ବଜେଟ୍ ଆଗତ କରିବେ । କରୋନା ସ୍ଥିତିରେ ଟିକେ ସୁଧାର ଆସୁଥିବାରୁ, ଅର୍ଥନୀତି ପୁଣି ଥରେ ଟ୍ରାକକୁ ଫେରୁଥିବାରୁ ଏଥର ମଧ୍ୟବିତ ପରିବାରର ଲୋକ ଅନେକ କିଛି ଆଶା ରଖିଛନ୍ତି । ଏଥିସହ ଆମ ରାଜ୍ୟର ସାଂସଦ କେନ୍ଦ୍ରରେ ରେଳମନ୍ତ୍ରୀ ଥିବାରୁ ଚଳିତ ବର୍ଷ ରେଳବାଇରେ ଓଡିଶାକୁ ବିଶେଷ ଫାଇଦା ମିଳିବ ନେଇ ଆଶା ରହିଛି । ସଂସଦରେ ଉପସ୍ଥାପନ ହେଲା ଅର୍ଥନୈତିକ ସର୍ଭେ ରିପୋର୍ଟ । ୨୦୨୧-୨୨ ଆର୍ଥିକ ବର୍ଷରେ ଅଭିବୃଦ୍ଧି ୯.୨ ପ୍ରତିଶତ । ଆସନ୍ତା ଆର୍ଥିକ ବର୍ଷ ପାଇଁ ୮-୮.୫ ପ୍ରତିଶତ ଅଭିବୃଦ୍ଧି ଆକଳନ । ମଙ୍ଗଳବାର ଆଗତ ହେବ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୟୁନିୟନ ବଜେଟ୍ । ଏହାର ପୂର୍ବ ଦିନ ସଂସଦରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ । ଇକୋନମିକ୍ ସର୍ଭେ ରିପୋର୍ଟ ବା ଅର୍ଥନୈତିକ ସର୍ଭେ ରିପୋର୍ଟ ହେଉଛି ଦେଶର ଆର୍ଥିକ ସ୍ଥିତିର ସମ୍ପୂର୍ଣ୍ଣ ବିବରଣୀ । ଚଳିତ ଆର୍ଥିକ ବର୍ଷରେ କ'ଣ ସ୍ଥିତି ରହିଛି, ଆସନ୍ତା ଆର୍ଥିକ ବର୍ଷରେ କିଭଳି ରହିବ ଦେଶର ଆର୍ଥିକ ସ୍ଥିତି, ଏ ନେଇ ଆକଳନ କରାଯାଇଥାଏ । ଅର୍ଥନୈତିକ ସର୍ଭେ ରିପୋର୍ଟ କହୁଛି, ମହାମାରୀ ଯୋଗୁଁ ମାନ୍ଦା ପଡ଼ିଥିବା ଅର୍ଥନୀତି ପୁଣିଥରେ ଟ୍ରାକକୁ ଫେରୁଛି । ଅଭିବୃଦ୍ଧି ମଧ ଆଶାନୁରୂପ ହେଉଛି । ଚଳିତ ଆର୍ଥିକ ବର୍ଷରେ ୯.୨ ପ୍ରତିଶତ ▶▶ପୃଷ୍ଠା ୭

# ଫେବୃଆରୀ ମାସ ପାଇଁ ଗାଇଡ୍ ଲାଇନ୍

## ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜାକୁ ଅନୁମତି, ୧୦୦% କର୍ମଚାରୀରେ ଚାଲିବ ଅଫିସ୍



ଭୁବନେଶ୍ୱର, ୩୧/୦୧ (ନି.ପ୍ର): ଫେବୃଆରୀ ମାସ ଲାଗି ରାଜ୍ୟ ସରକାର ନୂଆ ଗାଇଡଲାଇନ୍ ଜାରି କରିଛନ୍ତି। ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଦ୍ୱାରା ଜାରି ନୂଆ ଗାଇଡଲାଇନ୍ ଅନୁଯାୟୀ ଏଥର ମଧ୍ୟ ରାଜ୍ୟର ସମସ୍ତ ସହରାଂଚଳରେ ରାତି ୧୦ଟାରୁ ପରଦିନ ସକାଳ ୫ଟା ଯାଏଁ ନାଇଟ୍ କର୍ଫ୍ୟୁ ଜାରି ରହିବ। ସମସ୍ତ ସରକାରୀ କାର୍ଯ୍ୟାଳୟ, ସରକାରୀ ଉଦ୍ୟୋଗ, ସ୍ୱୟଂଶାସିତ ଅନୁଷ୍ଠାନ କୋଭିଡ୍ କଟକଣା ମଧ୍ୟରେ ୧୦୦ ପ୍ରତିଶତ କର୍ମଚାରୀଙ୍କ ଉପସ୍ଥାନରେ ଚାଲିବ। ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜାକୁ ଅନୁମତି ଦିଆଯାଇଛି। ମାଘ ସପ୍ତମୀ ଓ ମାଘ ପୂର୍ଣ୍ଣିମାରେ ସମୁଦ୍ର, ନଦୀ, ପୋଖରୀ କିମ୍ବା ଅନ୍ୟ ଜଳାଶୟରେ ଶ୍ରଦ୍ଧାଳୁଙ୍କ ସମାଗମକୁ ବାରଣ କରାଯାଇଛି।ଶ୍ରଦ୍ଧାଳୁମାନେ ଏସବୁ ଜଳସ୍ରୋତରେ ବୁଡ଼ ପକାଇ ପାରିବେ ନାହିଁ। ଏସଆରସି କହିଛନ୍ତି ଅଳ୍ପସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ନେଇ ସରସ୍ୱତୀ ପୂଜା କରାଯାଇ ପାରିବ। ତେବେ ସ୍କୁଲ ଓ ଶିକ୍ଷାନୁଷ୍ଠାନ ଛଡ଼ା ଅନ୍ୟତ୍ର ସରସ୍ୱତୀ ପୂଜାକୁ ବାରଣ କରାଯାଇଛି। କୋଭିଡ କଟକଣା ମଧ୍ୟରେ ଘରେ ପରିବାରର ସଦସ୍ୟଙ୍କ ସହ ପୂଜା ପାଳିବାକୁ ଜନସାଧାରଣଙ୍କୁ ଅନୁରୋଧ ଘରେ ରହି ପରିବାର ସହ ସରସ୍ୱତୀ ପୂଜା ପାଳନ ପାଇଁ ପରାମର୍ଶ ଦିଆଯାଇଛି। ପୂଜା ଅବସରରେ ହେଉଥିବା ଭୋଜିକୁ ଅନୁମତି ନାହିଁ। ଅତ୍ୟାବଶ୍ୟକୀୟ ସାମଗ୍ରୀର ହୋମ ଡେଲିଭରିକୁ ଅନୁମତି। ଜମାଟୋ ଓ ସ୍ୱିଗି ଆଦି ସଂସ୍ଥା ରେଷ୍ଟୋରାଁରୁ ଖାଦ୍ୟ ପହଂଚାଇ ପାରିବେ। ଓମଫେଡ୍, ଓପୋଲୋଫେଡ୍ ଓ ଚିଲିକା ଫ୍ରେସ୍ ଆଉଟଲେଟ୍ ରାତ୍ରିକାଳୀନ କର୍ଫ୍ୟୁ ବେଳେ ଖୋଲା ରହିପାରିବ। ସକାଳ ୫ଟାରୁ ରାତି ୧୦ ଟାଏ ସମସ୍ତ ପ୍ରକାର ଦୋକାନ, ମଲ୍, ସପିଂ କମ୍ପ୍ଲେକ୍ସ, ବଜାର, ହାଟ, ସିନେମା ହଲ୍, ସୁଇମିଂ ପୁଲ୍, ମନୋରଞ୍ଜନ କମ୍ପ୍ଲେକ୍ସ, ଥିଏଟର୍ ଓ ସମ୍ମିଳନୀ କକ୍ଷ ଖୋଲା ରହିପାରିବ।

## ପୁଣି ଘାତକ ମିଶାଇଲ୍ ପରୀକ୍ଷଣ କଲା ଉତ୍ତର କୋରିଆ

ନୂଆଦିଲ୍ଲୀ, ୩୧/୦୧ ଲଗାତାର ଘାତକ କ୍ଷେପଣାସ୍ତ୍ରର ପରିକ୍ଷଣ କରିଚାଲୁଛି ନର୍ଥ କୋରିଆ । ଗତ ରବିବାର ଟେଷ୍ଟ ହୋଇଥିବା ଏକ ମିଶାଇଲ ୨୦୧୭ ପରେ ସବୁଠୁ ଘାତକ ବୋଲି କୁହାଯାଉଛି । ଚୀନ ଓ ଉତ୍ତର କୋରିଆରରେ ମିଶାଇଲର ପରିକ୍ଷଣ ଯୋଗୁଁ ଦକ୍ଷିଣ କୋରିଆ, ଅମେରିକା ସମେତ ଜାପାନ କୁ ବଡ ପ୍ରଭାବ ପକାଇପାରେ ବୋଲି କୁହାଯାଉଛି । କେବଳ ଜାନୁଆରି ମାସରେ ହିଁ ୭ ଟି ମିଶାଇଲ ଟେଷ୍ଟ ହୋଇଥିବା ଜଣାପଡିଛି । ଗୋଟିଏ ପରେ ଗୋଟିଏ ଘାତକ ମିଶାଇଲ ଟେଷ୍ଟ କରୁଛି ନର୍ଥ କୋରିଆ । ରବିବାର ନର୍ଥ କୋରିଆ ପୁଣିଏକ ଘାତକ କ୍ଷେପଣାସ୍ତ୍ର ପରୀକ୍ଷଣ କରିଛି । ଏହାକୁ ମିଶାଇ ଜାନୁଆରି ମାସରେ ମୋଟ ୭ ଟି ମିଶାଇଲ ଟେଷ୍ଟ କରିଛି ନର୍ଥ କୋରିଆ । ପୂର୍ବରୁ ପରିକ୍ଷଣ ହୋଇଥିବା କ୍ଷେପଣାସ୍ତ୍ର ସବୁ କମ୍ ରେଂଜର ହୋଇଥିବାବେଳେ ରବିବାର ହ୍ୟୁସୋଙ୍ଗ ମିଜାଇଲ୍ ପରୀକ୍ଷଣ କରିଥିବା ସୂଚନା ମିଳିଛି । ନ୍ୟୁୟର୍କ ଟାଇମ୍ସର ରିପୋର୍ଟ ଅନୁସାରେ ରବିବାର ଉତର କୋରିଆ ପରିକ୍ଷଣ କରିଥିବା ମିସାଇଲ୍ ଗତ ୪ ବର୍ଷ ଭିତରେ ସବୁଠାରୁ ଘାତକ । ଶେଷଥର ୨୦୧୭ରେ ସବୁଠାରୁ ଘାତକ ହାଇଡ୍ରୋଜେନ୍ ବୋମାର ପରୀକ୍ଷଣ କରିଥିଲା ଉତର କୋରିଆ । ରବିବାର ହୋଇଥିବା ଏହି ଘାତକ ମିସାଇଲ ଟେଷ୍ଟ ଦ୍ୱାରା ଦକ୍ଷିଣ କୋରିଆ, ଆମେରିକା ସମେତ ଜାପାନକୁ ମଧ ବଡ ପ୍ରଭାବ ପକାଇଛି । ଏହାପରେ ଜାପାନ୍ ଓ ଆମେରିକା ସୁରକ୍ଷା ଅଧିକାରୀ କ୍ଷେପଣାସ୍ତ୍ର ପରିକ୍ଷଣ ନେଇ ଉତର କୋରିଆ ସହ ଯୋଗାଯୋଗ କରୁଛନ୍ତି । ଆମେରିକାର ପ୍ରମୁଖ ଖବର ନ୍ୟୁୟର୍କ ଟାଇମସର ଏକ ରିପୋଟ ଅନୁସାରେ, ଉତର କୋରିଆ ଏହି ମିସାଇଲ ଟେଷ୍ଟ ଜଗାଙ୍ଗ ଅଂଚଳରେ କରିଛି ଯାହା ଉତର କୋରିଆ ▶▶ପୃଷ୍ଠା ୭

## ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଜମି ବିକ୍ରି ପ୍ରସଙ୍ଗରେ ସରକାରଙ୍କ ଉପରେ ବର୍ଷିଲା ବିଜେପି



ଭୁବନେଶ୍ୱର, ୩୧/୦୧ (ନି.ପ୍ର): ଓଡିଶାର ମୂଲ୍ୟବାନ ସଂପତି, ସଂପଦ, ପ୍ରାକୃତିକ ସଂପଦାକୁ ଶାସକ ବିଜେଡିର ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ଲୁଚି ଲୁଚି ହରିଲୁଟ୍ କରିଥିବା ବ୍ୟକ୍ତି ଓ ଅନୁଷ୍ଠାନଗୁଡିକ ଆଜି ଖୋଲାଖୋଲି ଭାବେ ଭଗବାନଙ୍କ ସଂପତିକୁ ହରିଲୁଟ୍ କରିବାକୁ ପଛାଉନାହାନ୍ତି । ଏହା ସିଧାସଳଖ ଓଡିଶାବାସୀଙ୍କ ସହ ବିଶ୍ୱାସଘାତକତା ଏବଂ ଆତ୍ମା ଉପରେ କୁଠାରାଘାତ ବୋଲି ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଜମି ବିକ୍ରି ପ୍ରସଙ୍ଗରେ ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି । ଦେବୋତର ଆଇନ ଅନୁଯାୟୀ ଦେବଦେବୀ ହେଉଛନ୍ତି ଆଜନ୍ମ ବାଳକ । ସେଥିପାଇଁ ତାଙ୍କ ସଂପତିର ସୁରକ୍ଷା ପାଇଁ ଟ୍ରଷ୍ଟବୋର୍ଡ ଗଠନ ହୋଇଛି । ମାତ୍ର ମୁଖ୍ୟମନ୍ତ୍ରୀଙ୍କ ପାଖରେ ବସି ରାଜ୍ୟ ଶାସନ ବ୍ୟବସ୍ଥାକୁ ତୃତୀୟ ମହାଲାରେ ବସି ନିୟନ୍ତ୍ରଣ କରୁଥିବା କଳାପାହାଡମାନେ ଜମିମାଫିଆଙ୍କ ଏଜେଂଟ ସାଜି ଶାଗମାଛ ଦରରେ ଜମି ଓ ସଂପତିକୁ ବିକ୍ରି କରୁଛନ୍ତି । ଏହି ଷଡଯନ୍ତ୍ରରେ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ, ଦେବୋତର ବିଭାଗ, ସାଧାରଣ ପ୍ରଶାସନ, ବିଡିଏ, ମନ୍ତ୍ରୀ, ଯନ୍ତ୍ରୀ ସମସ୍ତେ ସଂପୃକ୍ତ ଅଛନ୍ତି । ନବୀନ ନିବାସ ପଛ ପାର୍ଶ୍ୱରେ ଥିବା ଲିଙ୍ଗରାଜଙ୍କ ଜମିକୁ ଶାଗମାଛ ଦରରେ ବିକ୍ରି କରାଗଲା । ଅସରାଏ ବର୍ଷା ହେଲେ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି । ମାଷ୍ଟର ପ୍ଲାନକୁ ବ୍ୟତିକ୍ରମ କରାଯାଇ ଯେଉଁ ଜମି ସବୁ ବିକ୍ରି ହୋଇପାରିବ ନାହିଁ, ସେହି ସବୁ ଜମି ▶▶ପୃଷ୍ଠା ୭

## ରାଜ୍ୟରେ ଆଉ ୧୮ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୩୧/୦୧ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୧୮ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୮୬୧୨ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ୪ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଯାଜପୁର ଓ ଗଂଜାମ ଜିଲ୍ଲାରେ ୩-୩ ଜଣଙ୍କର ମୃତ୍ୟୁ ଘଟିଛି । ସେହିପରି ଜଗତସିଂହପୁର ୨ ଜଣଙ୍କର ମୃତ୍ୟୁ ଘଟିଛି । ଭଦ୍ରକ, କଟକ, ଢେଂକାନାଳ, କେନ୍ଦୁଝର, ନୟାଗଡ ଓ ପୁରୀ ଜିଲ୍ଲାରେ ଜଣେ – ଜଣେ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

## ପୌରସଂସ୍ଥା ଅଧ୍ୟକ୍ଷ ପଦ ପାଇଁ ଆସିଲା ଚୂଡାନ୍ତ ତାଲିକା

ଭୁବନେଶ୍ୱର, ୩୧/୦୧ (ନି.ପ୍ର): ପୌରସଂସ୍ଥା ଅଧ୍ୟକ୍ଷ ପଦ ପାଇଁ ଚୂଡାନ୍ତ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି । ୧୦୭ ପୌରସଂସ୍ଥା ଅଧ୍ୟକ୍ଷ ପଦ ପାଇଁ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି । ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଆଉ ଏହି ଘୋଷଣା ପରେ ପୌରାଞ୍ଚଳରେ ଚଳଚଞ୍ଚଳ ହୋଇଛି ରାଜନୀତି । ଚୂଡାନ୍ତ ସଂରକ୍ଷଣ ତାଲିକା ଘୋଷଣା ପରେ ୯ଟି ପୌରସଂସ୍ଥା ଅଧ୍ୟକ୍ଷ ପଦ ଏସସି ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିବା ବେଳେ ୮ଟି ପୌରସଂସ୍ଥା ଅଧ୍ୟକ୍ଷ ପଦ ଏସସିଙ୍କ ପାଇଁ ସଂରକ୍ଷିତ ରହିଛି । ସେହିଭଳି ୫ଟି ପୌରସଂସ୍ଥା ଅଧ୍ୟକ୍ଷ ପଦ ଏସଟି ମହିଳାଙ୍କ ପାଇଁ, ୩ଟି ପୌରସଂସ୍ଥା ଅଧ୍ୟକ୍ଷ ପଦ ଏସଟିଙ୍କ ପାଇଁ ସଂରକ୍ଷିତ ରହିଛି । ଏହାବାଦ୍ ୪୦ଟି ପୌରସଂସ୍ଥା ଅଧ୍ୟକ୍ଷ ପଦ ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିବା ବେଳେ ୪୨ଟି ପୌରସଂସ୍ଥା ଅଧ୍ୟକ୍ଷ ପଦ ଅଣସଂରକ୍ଷିତ ରହିଛି ।

## ପୁଣି ଫେରିପାରେ ସଂକ୍ରମଣ : ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ




ଭୁବନେଶ୍ୱର, ୩୧/୦୧ (ନି.ପ୍ର): ଏବେ ରାଜ୍ୟରେ କରୋନା ସ୍ଥିତିରେ ସୁଧାର ଆସୁଛି । ଦୈନିକ ସଂକ୍ରମଣ ସଂଖ୍ୟା ବି କମୁଛି । ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ବି କମୁଛି। ଧିରେ ଧିରେ କରୋନା ସ୍ଥିତିରେ ସୁଧାର ପରିଲକ୍ଷିତ ହୋଇଛି। ମାତ୍ର ଆମକୁ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ଓମିକ୍ରନର ସଂକ୍ରମଣ କ୍ଷମତା ଡେଲଟାଠୁ ବହୁତ ଅଧିକ। ତେଣୁ କେତେବେଳେ ବି ଏହା ପୁଣି ଫେରିପାରେ। ତେଣୁ ଆମକୁ ସତର୍କ ରହିବାକୁ ପଡିବ। ବର୍ତ୍ତମାନ ଯାହା କଟକଣା ରହିଛି ତାହା ଲୋକଙ୍କ ଜୀବନ ଜୀବିକା ଉପରେ ସାମନ୍ୟତମ ପ୍ରଭାବ ପକାଉନି। ସେଥିପାଇଁ ସଂକ୍ରମଣର ଗ୍ରାଫ୍ ସମ୍ପୂର୍ଣ୍ଣ ତଳେ ନ ପହଂଚିବା ପର୍ଯ୍ୟନ୍ତ ଆମକୁ ସତର୍କ ରହିବାକୁ ହେବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି। ଅପରପକ୍ଷରେ କୋଭିଡ ମୃତ୍ୟୁ ବଢିବା ନେଇ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ, କରୋନାର ଲହର ଶୀର୍ଷରେ ପହଂଚିବା ପରେ ମୃତ୍ୟୁ ସଂଖ୍ୟା ଟିକିଏ ବଢେ। ଜାନୁଆରୀ ମାସରେ ୨ ଲକ୍ଷରୁ ଅଧିକ ସଂକ୍ରମିତ ଚିହ୍ନଟ ହୋଇଥିଲେ ତାହା ତୁଳନାରେ ଆମର ମୃତ୍ୟୁ ବହୁତ କମ ରହିଛି। ଡେଲଟା ଏବେ ବି ରହିଥିବାରୁ କିଛି ଆକ୍ରାନ୍ତଙ୍କ ମୃତ୍ୟୁ ହେଉଛି ।

## ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥାକୁ ନେଇ ଜାରି ହେଲା ଏସଓପି



ପୁରୀ, ୩୧/୦୧ (ନି.ପ୍ର): ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥାକୁ ନେଇ ଜାରି ହେଲା ନୂଆ ଏସଓପି । ସକାଳ ୬ଟାରୁ ରାତି ୯ଟା ଯାଏଁ ଭକ୍ତଙ୍କ ପାଇଁ ଖୋଲା ରହିବ ମନ୍ଦିର । ରବିବାର ଶ୍ରୀମନ୍ଦିର ବିଶୋଧନ ପାଇଁ ବନ୍ଦ ରହିବ ସାଧାରଣ ଦର୍ଶନ । ଆରଟିପିସିଆର ନେଗେଟିଭ କିମ୍ବା ସମ୍ପୂର୍ଣ୍ଣ ଟିକାକରଣ ରିପୋର୍ଟ ବାଧ୍ୟତାମୂଳକ । କୋଭିଡ ପ୍ରମାଣପତ୍ର ଯାଞ୍ଚ ବ୍ୟବସ୍ଥା ୧୭ ତାରିଖ ପର୍ଯ୍ୟନ୍ତ ରହିବ । କରୋନା ତୃତୀୟ ଲହରକୁ ଦୃଷ୍ଟିରେ ରଖି ୨୦ ଦିନ ହେବ ବନ୍ଦ ରହିଥିଲା ସାଧାରଣ ଭକ୍ତଙ୍କୁ ଜଗା ଦର୍ଶନ । ଏବେ କରୋନା କଟକଣାକୁ ମାନି ଖୋଲିବ କାଲିଠୁ ଶ୍ରୀମନ୍ଦିର ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି । ମନ୍ଦିରକୁ କୋଭିଡ କଟକଣାରେ ଯାଇ ଜଗା ଦର୍ଶନ କରିପାରିବେ ଶ୍ରଦ୍ଧାଳୁ । ଏନେଇ ଆଜି ଶ୍ରୀମନ୍ଦିର ପରିସରକୁ ପ୍ରଶାସନ ପକ୍ଷରୁ ସାନିଟାଇଜ କରାଯାଇଛି ।

## ଫେବୃଆରୀ ୪ରେ ବିଭିନ୍ନ ଜିଲ୍ଲାରେ କୁଆପଥର ବର୍ଷା



ଭୁବନେଶ୍ୱର, ୩୧/୦୧ (ନି.ପ୍ର): ଆଗାମୀ ୩ରୁ ୪ ଦିନ ମଧ୍ୟରେ ରାତିର ତାପମାତ୍ରା ୩ ରୁ ୫ ଡ଼ିଗ୍ରୀ ଯାଏଁ ବୃଦ୍ଧି ପାଇବ। ତେଣୁ ଶୀତ କମିବ। ଅପରପକ୍ଷରେ ପଶ୍ଚିମା ଝଡ଼ ପ୍ରଭାବରେ ଫେବୃଆରୀ ୪ ତାରିଖରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ କୁଆପଥର ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶ ଡକ୍ଟର ଏଚ୍.ଆର୍. ବିଶ୍ୱାସ କହିଛନ୍ତି, ଆଜିଠାରୁ ଫେବୃଆରୀ ଦୁଇ ତାରିଖ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବ। ୩ ତାରିଖ ସନ୍ଧ୍ୟା ଓ ରାତିରେ ଉତର ଓଡ଼ିଶାରେ କେତେକ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, କେନ୍ଦୁଝର ଜିଲ୍ଲାରେ ବର୍ଷା ହେବାର ଆଶଙ୍କା ରହିଛି। ଏହିସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଫେବ୍ରୁଆରୀ ୪ ତାରିଖରେ ବର୍ଷା ବଢ଼ିବ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ▶▶ପୃଷ୍ଠା ୭

## ପଂଚାୟତ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ଦିଆଯିବ ବୁଷ୍ଟର ଡୋଜ୍



ଭୁବନେଶ୍ୱର, ୩୧/୦୧ (ନି.ପ୍ର): ରାଜ୍ୟରେ ହେବାକୁ ଥିବା ପଂଚାୟତ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ସମସ୍ତ ସରକାରୀ କର୍ମଚାରୀଙ୍କୁ କୋଭିଡ୍-୧୯ ବୁଷ୍ଟର ଡୋଜ୍ ଦିଆଯିବ ବୋଲି ରାଜ୍ୟ ନିର୍ବାଚନ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଥିବା ସମସ୍ତ କର୍ମଚାରୀଙ୍କୁ କୋଭିଡ୍ ସମ୍ମୁଖ ଯୋଦ୍ଧା ଭାବେ ଘୋଷଣା କରିବା ସହ ନିର୍ବାଚନ ପୂର୍ବରୁ ସମସ୍ତଙ୍କୁ କୋଭିଡ୍ ବୁଷ୍ଟର ଡୋଜ୍ ଦେବାପାଇଁ ରାଜ୍ୟ ନିର୍ବାଚନ କମିଶନ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ପଂଚାୟତ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସମସ୍ତ କର୍ମଚାରୀଙ୍କୁ କୋଭିଡ୍ ଓ ସମ୍ମୁଖ ଯୋଦ୍ଧା ଭାବେ ଘୋଷଣା ସମସ୍ତଙ୍କୁ ବୁଷ୍ଟର ଡୋଜ୍ ଟିକା ଦେବା ନିମନ୍ତେ ରାଜ୍ୟ ସରକାର ପତ୍ର ମାଧ୍ୟମରେ କେନ୍ଦ୍ର ସରକାରଙ୍କ ଅନୁମତି ଲୋଡ଼ିଥିଲେ। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପଂଚାୟତ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଥିବା ସମସ୍ତ କର୍ମଚାରୀଙ୍କୁ ଯେଉଁମାନଙ୍କର କୋଭିଡ୍ ଦ୍ୱିତୀୟ ପାନ ଟୀକା ଦେବାର ୩ ମାସ କିମ୍ବା ୯୦ ଦିନ ପୂରଣ ହୋଇଥିବ। ସେମାନଙ୍କୁ ବୁଷ୍ଟର ଡୋଜ୍ ଦିଆଯିବ ବୋଲି କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରାଜ୍ୟ ସରକାରଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ତଦନୁସାରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ତରଫରୁ ରାଜ୍ୟର ସମସ୍ତ ଜିଲ୍ଲାପାଳ, ସମସ୍ତ ମୁନିସ୍ପାଲିଟି କମିଶନର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀମାନଙ୍କୁ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଥିବା କର୍ମଚାରୀମାନଙ୍କୁ କୋଭିଡ୍ ବୁଷ୍ଟର ଡୋଜ୍ ଦେବା ଲାଗି ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପତ୍ର ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି।

## ପ୍ରେମିକାଙ୍କ ସହ ସାମ୍ନାକୁ ଆସିଲେ ଦୂତୀ ଚାନ୍ଦ

ଭୁବନେଶ୍ୱର, ୩୧/୦୧ (ନି.ପ୍ର): ପୁଣି ଚର୍ଚ୍ଚାରେ ଦୌଡରାଣୀ ଦୂତୀ ଚାନ୍ଦଙ୍କ ପ୍ରେମ କାହାଣୀ । ଗୋଟିଏ ପାରିବାରିକ ପତ୍ରିକାର କଭର ପେଜ୍ ପାଇଁ ଫଟୋସୁଟ୍ ବେଳେ ତାଙ୍କ ଯୁବତୀ ବାନ୍ଧବୀଙ୍କ ସହ ସମ୍ପର୍କକୁ ନେଇ ଖୋଲାଖୋଲି ମତ ରଖିଛନ୍ତି ଦୂତୀ । ପତ୍ରିକାର ସମ୍ପାଦିକାଙ୍କ ଆଗରେ ବଖାଣିଲେ କେମିତି ହେଲା ଉଭୟଙ୍କ ମଧ୍ୟରେ ପ୍ରେମ, ଆଗକୁ ରହିବେ ଏକାଠି । ଅନ୍ତର୍ଜାତୀୟ ଧାବିକା ଦୂତୀଙ୍କ ଏହି ଫଟୋସୁଟ୍ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ପ୍ରଥମ ଥର ପାଇଁ ସର୍ବସମ୍ମୁଖରେ ନିଜ ପ୍ରେମିକାଙ୍କ ସହ ନଜର ଆସିଛନ୍ତି ଦୂତୀ ଚାନ୍ଦ । ଉକ୍ତ ପତ୍ରିକାର କଭର ପେଜ୍ ପାଇଁ ସେ ନିଜ ପାର୍ଟନର ସହ ଫଟୋ ସୁଟ୍ କରିଛନ୍ତି । ଅନ୍ତରଙ୍ଗ ଭାବେ ଦୁହିଁଙ୍କ ▶▶ପୃଷ୍ଠା ୭

# ପ୍ରଧାନ ଶିକ୍ଷକଙ୍କ ନିଆରା ଢଙ୍ଗରେ ପାଠପଢା : ଘରେ ଘରେ କଳାପଟା

କନ୍ଧମାଳ,୩୧/୧ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ଜଣେ ପ୍ରଧାନଶିକ୍ଷକଙ୍କ ନିଆରା ଢଙ୍ଗରେ ଶିକ୍ଷାଦାନର ଅଭିନବ ପ୍ରୟାସ । ଘରେ ଘରେ ମୋ କଳାପଟା ଅଭିଯାନ କରି ପ୍ରାଥମିକ ଶିକ୍ଷାକୁ ଛାତ୍ରଛାତ୍ରୀଙ୍କ ନିକଟରେ ପହଂଚାଇବାକୁ ଶିକ୍ଷକଙ୍କ ଅଭିନବ ପ୍ରୟାସ । ସମଗ୍ର ଦେଶ ଓ ରାଜ୍ୟ ପରି କନ୍ଧମାଳ ଜିଲାରେ ମଧ କରୋନା ସଂକ୍ରମିତ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ବର୍ତମାନ ସମଗ୍ର ରାଜ୍ୟରେ କରୋନାର ତୃତୀୟ ଲହର ମୁଣ୍ଡ ଟେକିଥିବା ବେଳେ କରୋନା କଟକଣା ଯୋଗୁଁ ପ୍ରଥମ ଲହର ଆରମ୍ଭରୁ ହିଁ ସମଗ୍ର ଜିଲାରେ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଛି । ଏପରି ସ୍ଥିତିରେ ଘରେ ଘରେ ମୋ କଳାପଟା ଅଭିଯାନ ଆରମ୍ଭ କରିଛନ୍ତି ଫିରିଙ୍ଗିଆ ବ୍ଲକର କରଣ୍ଡାଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ । ବର୍ଷ ବର୍ଷ ଧରି ବିଦ୍ୟାଳୟ ବନ୍ଦଥିବା ଯୋଗୁଁ ପ୍ରାଥମିକ ଶିକ୍ଷା ସମ୍ପୂର୍ଣ୍ଣ ଭାବେ ଭୁଷୁଡ଼ି ପଡ଼ିଥିବା ବେଳେ ଗ୍ରାମାଚଂଳ ମାନଙ୍କରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଛି । ରାଜ୍ୟ ସରକାରଙ୍କ ପ୍ରଚେଷ୍ଟାରେ ଅନ୍ ଲାଇନ୍ ଓ ଅଫ୍ ଲାଇନ୍ ମାଧମରେ ଶିକ୍ଷାଦାନ ଜାରି ରହିଥିଲେ ମଧ ଏହି ଅନଲାଇନ୍ ଶିକ୍ଷା ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ଜିଲାର ଦୁର୍ଗମ ଅଂଚଳରେ ପହଂଚି ପାରିନାହିଁ । ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କୁ ଘରକୁ ଘର ଯାଇ ଗାଁରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ଶିକ୍ଷାଦାନ ଜାରି ରଖିଥିବା ବେଳେ କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ୍ ଅନ୍ତର୍ଗତ ଆଦର୍ଶଗ୍ରାମ କରଣ୍ଡାଗଡ଼ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୀମାଂଚଳ ମୁଖୀ ତାଙ୍କର ନିଜସ୍ୱ ପ୍ରଚେଷ୍ଟାରେ ଘରେ ଘରେ ମୋ କଳାପଟା ନୂତନ କୌଶଳ ପ୍ରୟୋଗ କରିଥିବାର ଦେଖିବାକୁ ମିଳିଛି । ନିଜ ପ୍ରଚେଷ୍ଟାରେ ମୋ ଘର କଳାପଟା କାର୍ଯ୍ୟକ୍ରମ ଜରିଆରେ ମିଶନ ଏକ-ଦୁଇ-ତିନିକୁ ପୁରଣ କରିବାକୁ ସମସ୍ତ ପ୍ରକାର ଉଦ୍ୟମ କରିଥିବା ବେଳେ ଉକ୍ତ ଆଦର୍ଶ ଗ୍ରାମର ଛାତ୍ରଛାତ୍ରୀ ମାନେ ଯେଉଁମାନେ ପ୍ରାଥମିକ ଶିକ୍ଷାଗ୍ରହଣ କରୁଛନ୍ତି ସେହି ଛାତ୍ରଛାତ୍ରୀ ମାନଙ୍କର ପ୍ରତ୍ୟେକ ଘର କାନ୍ଥରେ ତିଆରି ହୋଇଛି କଳାପଟା । ଉକ୍ତ କଳାପଟାରେ ଅକ୍ଷର, ସଂଖ୍ୟା, ଶବ୍ଦ ଇତ୍ୟାଦି ଲେଖାଯାଇଛି । ଆଖପାଖ ଗ୍ରାମର ସମସ୍ତ ଗାଁ ମାନଙ୍କର ସମସ୍ତ ଘର ମାନଙ୍କରେ ମୋ ଘର କଳାପଟା କରିବାକୁ ଆଶା ରଖିଛନ୍ତି ଏହି ଶିକ୍ଷକ । ପ୍ରଧାନ ଶିକ୍ଷକଙ୍କ ମୋ ଘର କଳାପଟାରେ ପାଠପଢା ପିଲାମାନଙ୍କୁ ବହୁତ ଆନନ୍ଦ ଦେବା ସହିତ ନିଜ ଘର କାନ୍ଥରେ ଥିବା କଳାପଟାରେ ନିଜକୁ ବ୍ୟସ୍ତ ରଖୁଥିବାର ଦେଖାଯାଇଛି । ବିଗତ ଦିନରେ ପାଢପଢାକୁ ବନ୍ଦ ରଖି ଯେଉଁ ଛାତ୍ରଛାତ୍ରୀ ମାନେ ବୁଲାବୁଲି କରୁଥିଲେ ସେହିମାନେ ଏବେ ପ୍ରତ୍ୟେକ ଦିନ ଘର ଆଗରେ ଥିବା କଳାପଟାରେ ବସି ଶିକ୍ଷା ଗ୍ରହଣ କରୁଥିବା ବେଳେ ଏଥିରେ ପରିବାରର ସଦସ୍ୟମାନେ ମଧ ନିଜ ପିଲା ପାଠ ପଢୁଥିବାରୁ ବେଶ୍ ଖୁସି ଅଛନ୍ତି । ଶିକ୍ଷକଙ୍କର ଏଭଳି ଅଭିନବ ଉପାୟକୁ ବେଶ୍ ସ୍ୱାଗତ କରାଯିବା ସହ ନିଜ ନିଜ ପିଲାମାନଙ୍କୁ ମଧ ଶିକ୍ଷା ଗ୍ରହଣରେ ଏହା ବେଶ୍ ସହାୟକ ହେଉଥିବାରୁ ପ୍ରଧାନ ଶିକ୍ଷକଙ୍କ ଏଭଳି ଉଦ୍ୟମକୁ ସାଧୁବାଦ ଜଣାଇଛନ୍ତି ଅଭିଭାବକ । ପ୍ରଧାନ ଶିକ୍ଷକଙ୍କ ଏଭଳି ଅଭିନବ ପ୍ରୟାସ ଯୋଗୁଁ ଗ୍ରାମର ଘରେ ଘରେ ଶିକ୍ଷଣୀୟ ପରିବେଶ ସୃଷ୍ଟି ହୋଇଥିବାର ଦେଖାଯାଇଛି ।

# ଯୋଗ୍ୟ ପ୍ରାର୍ଥୀଙ୍କୁ ନିର୍ବାଚିତ କଲେ ଅଂଚଳର ଭବିଷ୍ୟତ ସୁରକ୍ଷିତ ରହିବ : ନରସିଂହ

ବଲାଙ୍ଗିର ,୩୧/୧ (ନି.ପ୍ର): ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚନ ହେଉଛି ଶ୍ରେଷ୍ଠ ପର୍ବ । ଏହି ସମୟରେ ଜନସାଧାରଣ ଭୋଟ ଦେବା ସହ ନିଜ ତଥା ଅଂଚଳର ଭବିଷ୍ୟତ କିପରି ହେବ ତାହା ନିର୍ଦ୍ଧାରିତ କରିଥାନ୍ତି । ମିଛ ପ୍ରତିଶୃତିରେ ପଡି ଅଯୋଗ୍ୟ ତଥା ଅନୁଚିତ ପ୍ରାର୍ଥି ଚୟନ କଲେ ବ୍ୟକ୍ତି ବିଶେଷ ତଥା ଅଂଚଳର ଭବିଶ୍ୟତ ଅନ୍ଧାର ହେବାର ଯଥେଷ୍ଟ ସମ୍ଭାବନା ରୁହେ । ଅନୁଚିତ ପ୍ରାର୍ଥି ଚୟନ କଲେ,ନିର୍ବାଚନୀ ସମୟରେ ମାଳ ମାଳ ପ୍ରତିଶୃତି ଦେଇଥିବା ସେହି ପ୍ରାର୍ଥି ନିର୍ବାଚିତ ହେବା ପରେ ବିଭିନ୍ନ ଲୋକାଭୀମୁଖି କାମ କରିବା ତ ଦୁରେ ଥାଉ, ଜନତାଙ୍କ ଦୁଃଖ ଗୁହାରି ଶୁଣିବା ପାଇଁ ମଧ ତାର ବେଳ ନଥିବା ନଜିର ରହିଛି । ତେଣୁ ଜନସାଧାରଣ ଏହି ସମୟର ସଦଉପେଯାଗ କରିବା ସହିତ କୌଣସି ଲୋଭରେ ନପଡି ଲୋକଙ୍କ ହକ ପାଇଁ ଲଢି ପାରୁଥିବା ଯୋଗ୍ୟ ପ୍ରାର୍ଥିଙ୍କୁ ହିଁ ଭୋଟ ଦେଇ ବିଜୟୀ କରନ୍ତୁ । ତାଛଡା ଏହି ମହାମାରୀ ସମୟରେ ଜନସାଧାରଣ କୋଭୀଡ ନିୟମାବଳି ପାଳନ କରି ସୁସ୍ଥ ରୁହନ୍ତୁ ବୋଲି ଆଜି ବଲାଙ୍ଗିର ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସଦର ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କୁ ସଚେତନ କରିଛନ୍ତି ।

ଆଜି ଅପରାହ୍ନରେ ବିଧାୟକ ଶ୍ରୀ ମିଶ୍ର ଜୋନ ୨୩ର କଂଗ୍ରେସ ଜିଲ୍ଲା ପରିଷଦ ପ୍ରାର୍ଥି ନିଳେନ୍ଦ୍ରି ସେଠଙ୍କ ସହ ସଦର ବ୍ଲକ ଅନ୍ତର୍ଗତ ବାରପୁଡଗିଆ, କେରମେଲି, କର୍ଲାପିଟା, ସିବତଲା, ଆଡେନଡୁଙ୍ଗୁରି, ଝରେଇବାହାଲି, ସାହାଜବାହାଲ ଓ ଆମପାଣି ଗ୍ରାମରେ ଲୋକଙ୍କୁ ଜନ ସଚେତନ କାର୍ଯ୍ୟକ୍ରମ ସମୟରେ ଲୋକେ ବିଭିନ୍ନ ସ୍ଥାନୀୟ ସମସ୍ୟା ଉପରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ନିର୍ବାଚିତ ପ୍ରତିନିଧିଙ୍କ ସାଧାରଣତଃ ଦେଖା ମିଳୁ ନଥିବା ବେଳେ ବାରମ୍ବାର ଗୁହାରି ସତ୍ୱେ ସ୍ଥାନୀୟ ସମସ୍ୟା ଯୋଉଟା କୁ ସେଇଟା ରହିଥିବା ଲୋକେ କହିଥିଲେ । ତାର ଉତ୍ତରରେ ବିଧାୟକ ଲୋକଙ୍କୁ ଉଚିତ ପ୍ରାର୍ଥିଙ୍କୁ ନିର୍ବାଚିତ ନକରି ଯଦି ଲୋକେ ଭୟ କିମ୍ବା ଲୋଭରେ ଅଯୋଗ୍ୟ ପ୍ରାର୍ଥିଙ୍କୁ ନିର୍ବାଚିତ କଲେ ଅଂଚଳର ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଏ । ଗ୍ରାମାଂଚଳର ଜଳ ଯୋଗାଣ, ରାସ୍ତାଘାଟ ଅଂଚଳର ଉନ୍ନତି ଭଳି ବିଭିନ୍ନ ବିଷୟ ନିର୍ଦ୍ଧାରିତ କରିବାରେ ଜିଲ୍ଲା ପରିସଦ ସଭ୍ୟମାନଙ୍କର ଭୂମୀକା ଗୁରୁତ୍ୱପୂର୍ଣ୍ଣ ରହେ । ଆହୁରି ନିର୍ବାଚନୀ ସମୟରେ ବିଭିନ୍ନ ଦଳ ଲୋକଙ୍କୁ ମିଛ ପ୍ରତିଶୃତି ଦେଇ ଭୋଟ ହାତେଇଲା ପରେ ଭୋଟ ଦେଇଥିବା ଜନତାଙ୍କ ସୁବିଧା ଅସୁବିଧା ଭୁଲି ଯାଆନ୍ତି । ବିଜେଡି ଓ ବିଜେପି ଦଳର ଗତ ନିର୍ବାଚନୀ ପ୍ରତିଶୃତି ମନେ କଲେ ଏହା ସ୍ପଷ୍ଟ ବାରି ହୁଏ । ଶିକ୍ଷା, କୃଷି, ରାସ୍ତାଘାଟ, ଜଳସେଚନ, ନାରୀ ସୁରକ୍ଷା ଭଳି ବିଭୀନ୍ନ ସମସ୍ୟାର ସମାଧାନ ତ ଦୁରରେ ଥାଉ ଏହି ଉଭୟ ଦଳ ବିଭୀନ୍ନ ଆଂଚଳିକ ସମସ୍ୟାର ସମାଧାନ ମଧ କରି ପାରି ନାହାନ୍ତି । ବୋଝ ଉପରେ ନଳିତା ବିଡା ପରି ବିଭିନ୍ନ ଅତ୍ୟାବଶକୀୟ ସାମଗ୍ରୀ ଓ ତୈଳ ଦର ବୃଦ୍ଧି କରି ଲୋକଙ୍କୁ ଆହୁରି ତଳି ତଳାନ୍ତ କରିଛନ୍ତି । ଏଣୁ ଲୋକେ ଅଂଚଳର ଉଜ୍ୱଳ ଭବିଷ୍ୟତ ତଥା ବିଭୀନ୍ନ ସମସ୍ୟାର ସମାଧାନ ପାଇଁ ଜୋନ ୨୩ର କଂଗ୍ରେସ ପ୍ରାର୍ଥି ନିଳେନ୍ଦ୍ରି ସେଠ ଭଳି ଜଣେ ଯୋଗ୍ୟ ପ୍ରାର୍ଥିଙ୍କୁ ହାତ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରାନ୍ତୁ ବୋଲି ଶ୍ରୀ ମିଶ୍ର ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି ।

# ବିରଳ ପ୍ରଜାତିର ବଜ୍ରକାପ୍ତା ଉଦ୍ଧାର

ଜୟପୁର,୩୧/୧ (ନି.ପ୍ର): କୋରାପୁଟ ବନଖଣ୍ଡ ଅନ୍ତର୍ଗତ ମାଂଗରା ଗ୍ରାମ ନିକଟରୁ ଏକ ବିରଳ ପ୍ରଜାତିର ବଜ୍ରକାପ୍ତାକୁ ଉଦ୍ଧାର କରିଛି ବନବିଭାଗ । ଉଦ୍ଧାର ହୋଇଥିବା ବଜ୍ରକାପ୍ତାର ଲମ୍ବ ୧୩୦ ସେଂଟିମିଟର ଏବଂ ଓଜନ ୮ କେଜି ୮୬୦ ଗ୍ରାମ ରହିଛି । ଏହାକୁ ଦଲାଲ୍ ମାନେ ଧରି ବିକ୍ରି କରିବା ପାଇଁ ଡିଲ୍ କରୁଥିଲେ । ଏତିକି ବେଳେ କୌଣସି ସୂତ୍ରରୁ ଖବର ପାଇ କୋରାପୁଟ ବନଖଣ୍ଡ ଓ ଏସଟିଏଫର ଏକ ମିଳିତ ଟିମ୍ ପହଂଚି ବଜ୍ରକାପ୍ତାଟିକୁ ଉଦ୍ଧାର କରିବା ସହ ଦୁଇଜଣ ଅଭିଯୁକ୍ତ ଙ୍କୁ ଗିରଫ କରାଯାଇଥିବା କୋରାପୁଟ ବନଖଣ୍ଡ ଅଧିକାରୀ ଅମିତା ରାଣୀ ରାଏ ଜଣାଇଛନ୍ତି । ବଜ୍ରକାପ୍ତାଟିକୁ ଉଦ୍ଧାର କରି ବନାଚଂଳ କାର୍ଯ୍ୟାଳୟରେ ରଖାଯାଇ ତାର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି । ଏହି ରାକେଟରେ ଦୁଇଜଣ ବ୍ୟକ୍ତି ସମ୍ପୃକ୍ତ ଥିବା ବେଳେ ଏହି ଘଟଣାର ତଦନ୍ତ ଜାରି ରହିଛି ବୋଲି ସେ ସୂଚନା ଦେଇଛନ୍ତି । ବଜ୍ରକାପ୍ତା ଗୋଟିଏ ରାତ୍ରିଚର ପ୍ରାଣୀ ଓ ସାଧାରଣତଃ ଔଷଧରେ ବ୍ୟବହାର କରିବା ପାଇଁ ଏହାର ଚୋରା ଚାଲାଣ କରାଯାଇଥାଏ ବୋଲି ସେ ସ୍ପଷ୍ଟ କରିଛନ୍ତି । କୋରାପୁଟ ବନ ବିଭାଗ ଓ କ୍ରାଇମବ୍ରାଂଚ ଏସଟିଏଫର ଏକ ସ୍ୱତନ୍ତ୍ର ଦଳ ଅତର୍କିତ ଚଢ଼ଉ କରି ଏହି ଜୀବନ୍ତ ବଜ୍ରକାପ୍ତାକୁ ଉଦ୍ଧାର କରିଥିବା ବେଳେ ଦୁଇ ଜଣ ବନ୍ୟଜନ୍ତୁ ତସ୍କରଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି । ଏସଟି ଏଫର ସ୍ୱତନ୍ତ୍ର ଦଳ କୋରାପୁଟ ସଦର ଥାନା ଅନ୍ତର୍ଗତ ବୋରିଗୁମ୍ମା ବାଇପାସ୍ ରୋଡ ରେ ମାଧବ ପରଜା ଓ ଜଗବନ୍ଧୁ ପରଜା ନାମକ ଦୁଇଜଣ ବନ୍ୟଜନ୍ତୁ ଚାଲାଣକାରୀ ଉକ୍ତ ବଜ୍ରକାପ୍ତାଟିକୁ ବିକ୍ରି ପାଇଁ ଯୋଜନା କରୁଥିବା ସମୟରେ ନିଜ କବ୍ଜାକୁ ନେଇଥିଲେ । ଏହି ଦୁଇଜଣ ଅଭିଯୁକ୍ତଙ୍କ ଘର ବିସିଙ୍ଗପୁର ଥାନା ଅନ୍ତର୍ଗତ ବିନ୍ଧାଣିଗୁଡା ବୋଲି ଜଣାପଡିଛି । ଜବତ ପରେ ବଜ୍ରକାପ୍ତାଟିକୁ କୋରାପୁଟ ଡି ଏଫ ଓ ଅମିତା ରାଣୀ ରାଏଙ୍କୁ ହସ୍ତାନ୍ତର କରାଯାଇଥିଲା ।

# ଚାରି ନେତାଙ୍କ ପାଇଁ ପଚାଂୟତ ନିର୍ବାଚନ ଅଗ୍ନି ପରୀକ୍ଷା

## ବ୍ଲକ ଦଖଲକୁ ନେଇ ରାଜନୀତି ହେଉଛି ସରଗରମ

ପୁରୀ,୩୧/୧ (ନି.ପ୍ର): ପଚାଂୟତ ନିର୍ବାଚନକୁ ନେଇ ଗାଁ ରାଜନୀତି ସରଗରମ ହେଲାଣି । ନେତା ଗାଁରେ ଢ଼େରା ପକାଇଲେଣି । ତୃଣମୂଳ ସ୍ତରରୁ ଭୋଟରଙ୍କୁ ସଂଗଠିତ କରିବା ପାଇଁ ପଚାଂୟତ ହିଁ ଏକମାତ୍ର ମାଧମ । ୱାର୍ଡ଼ମେମ୍ବର, ସରପଚଂ, ସମିତିସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟଙ୍କ ଉପରେ ଆଶାୟୀ ବିଧାୟକଙ୍କ ଭାଗ୍ୟ ନିର୍ଭର କରୁଛି । କେବଳ ଜିଲ୍ଲାପରିଷଦ ସଭ୍ୟକୁ ଛାଡ଼ିଦେଲେ ଅନ୍ୟ ପ୍ରତିନିଧି ମାନଙ୍କର ଦଳୀୟ ସଙ୍କେତ ଦିଆଯାଉନାହିଁ । ଏଣୁ ବିଜେଡ଼ି ବିଜେପି କହୁଛନ୍ତି ଯିଏ ଜିତିବ ସିଏ ଆମର । ପୁରୀ ସଦର ବ୍ଲକ ଓ ବ୍ରହ୍ମଗିରି ବ୍ଲକକୁ ନେଇ ରାଜନୈତିକ ଘମାଘୋଟ ଲଢେଇ ଆରମ୍ଭ ହୋଇଗଲାଣି ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ, ପୁରୀ ସଦରବ୍ଲକ ଚେୟାରମ୍ୟାନ ପଦକୁ ନେଇ ଏବେ ବି ଦ୍ୱନ୍ଦ ଲାଗି ରହିଛି । ଏନେଇ ଶୀତଳ ଯୁଦ୍ଧ ଚାଲିଛି । ଯଦି ଦଳୀୟ ଅର୍ନ୍ତଦ୍ୱନ୍ଦ ତୀବ୍ରତର ହୁଏ ତେବେ ଅନ୍ୟଦଳ ଏଥିରୁ ଫାଇଦା ନେବାର ଯଥେଷ୍ଟ ସମ୍ଭାବନା ରହିଛି । ଜଣେ ସମିତିସଭ୍ୟ ଗଣତନ୍ତ୍ରକୁ କୌଶଳକ୍ରମେ କିଣି ନେଇ ଭୋଟରଙ୍କ ଅଧିକାରକୁ ଛଡ଼େଇ ନେଇଥିବା ଆଲୋଚନା ହେଉଛି । ପଚାଂୟତ ନିର୍ବାଚନ ମହେଶ୍ୱର, ସଞ୍ଜୟ, ଜୟନ୍ତ ଓ ଶୁଭାଶିଷଙ୍କ ପାଇଁ ଅଗ୍ନି ପରୀକ୍ଷା ହେବ ବୋଲି ଗାଁ ଗହଳିରେ ଆଲୋଚନା ହେଉଛି । ବ୍ରହ୍ମଗିରିରେ ଯଦି ପଚାଂୟତ ନିର୍ବାଚନରେ ସଞ୍ଜୟଙ୍କ ସମର୍ଥିତ ପ୍ରାର୍ଥୀ ଅଧିକ ସଂଖ୍ୟାରେ ବିଜୟ ଲାଭ କରି ବ୍ଲକ ଦଖଲ ନକରନ୍ତି ତେବେ ଆଗକୁ ଟିକେଟ୍ ପାଇବାର ସମ୍ଭାବନା କମ୍ ରହିଛି ବୋଲି ସାଧାରଣରେ ଆଲୋଚନା ହେଉଛି । ସେହିପରି ମହେଶ୍ୱର ଓ ଦିବାକର ମେଂଟ ଯଦି ବ୍ଲକ୍ ଦଖଲ ନକରନ୍ତି ତେବେ ତାଙ୍କର ଭାଗ୍ୟ ମଧ ସୂତା ଖିଅରେ ଝୁଲୁଛି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି । ପିନାକୀ ଓ ଶୁଭାଶିଷ ନୂଆ ଧାରାରେ ସେମାନଙ୍କ ସମର୍ଥକଙ୍କୁ ଧରି ବ୍ଲକ ଦଖଲ ପାଇଁ ବ୍ଲୁ ପ୍ରିଂଟ ପ୍ରସ୍ତୁତ କରୁଛନ୍ତି । ଯଦି ଶଙ୍ଖ ଫାଟେ ତେବେ ଫୁଲ ହସିବାର ସମ୍ଭାବନା ରହିଛି । ଯଦି ଶଙ୍ଖ ଯୋଡ଼ି ହୁଏ ତେବେ ଫୁଲ ମଉଳିବାର ଆଶଙ୍କା ରହିଛି । ଫେବୃଆରୀ ୨୦ରେ ଜନତାଙ୍କ ଜନାଦେଶ ନେତାଙ୍କ ଭାଗ୍ୟ ପରୀକ୍ଷା କରିବ ।

# କୀର୍ତ୍ତନ ବିହାରୀ ସ୍ମୃତି ସଂସଦର ୨୭ତମ ବାର୍ଷିକ ଉତ୍ସବ

ଘସିପୁରା,୩୧/୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅନ୍ତର୍ଗତ କେଶବୁରାପାଳ ଠାରେ କିର୍ତନ ବିହାରୀ ମିଶ୍ର ସ୍ମୃତି ସଂସଦର ୨୭ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । କିର୍ତନ ବିହାରୀ ମିଶ୍ର ଗ୍ରାମାଚଂଳରେ ଜନ୍ମ ହୋଇଥିଲେ ମଧ ତାଙ୍କର ଚିନ୍ତାଧାରା ଉର୍ଦ୍ଧ୍ୱଗାମୀ ଥିଲା । ଗ୍ରାମାଚଂଳରେ ଶିକ୍ଷା, ସଂସ୍କୃତିର ଆଲୋକ ଦେଖାଇବା ସହିତ ଲୋକେ କିପରି ଅନ୍ଧବିଶ୍ୱାସରୁ ଦୁରେଇ ରହି ସଠିକ୍ ମାର୍ଗ ଅନୁସରଣ କରିବେ ସେଥିନେଇ ସେ ସର୍ବଦା ପ୍ରୟାସ ଜାରୀ ରଖିଥିଲେ । ଶିକ୍ଷା, ସ୍ୱାସ୍ଥ୍ୟ ଆଦି ଅନୁଷ୍ଠାନ ଗଢିବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା ବୋଲି କିର୍ତନ ବିହାରୀ ମିଶ୍ର ସ୍ମୃତି ସଂସଦର ୨୭ ତମ ଜୟନ୍ତୀ ବାର୍ଷିକ ଶ୍ରାଦ୍ଧ ଦିବସ ଉପଲକ୍ଷେ ଆୟୋଜିତ ଏହି ଉତ୍ସବରେ ଅତିଥି ମାନେ ମତବ୍ୟକ୍ତ କରିଥିଲେ ।

ଏହି ଉତ୍ସବରେ କିର୍ତନ ବିହାରୀ ମିଶ୍ର ସ୍ମୃତି ସଂସଦର ସ୍ଥାୟୀ ସଭାପତି ଦନାର୍ଦ୍ଦନ ଅଚାର୍ଯ୍ୟ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଡ଼. ରାମଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ଝାଡେଶ୍ୱର ମହାବିଦ୍ୟାଳୟର ବିଶିଷ୍ଟ ପ୍ରଧାପକ ଦେବେନ୍ଦ୍ର ନାଥ ପୁହାଣ ଯୋଗ ଦେଇ କିର୍ତନ ବିହାରୀ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ ।

ଏହି ଅବସରରେ ବିଶିଷ୍ଟ ଲେଖିକା ବିଦ୍ୟୁତପ୍ରଭା ଦେଓ, ବିଶିଷ୍ଟ ସାହିତ୍ୟିକ ହଳଧର ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ଗୌତମ ଚରଣ ସାହୁ, ବିହାରୀ ସାହୁ, କୁଶଳେଶ୍ୱର ଆଂଚଳିକ ମହାବିଦ୍ୟାଳୟର ବରିଷ୍ଠ ଅଧକ୍ଷ ଗୋଲକ ଆଚାର୍ଯ୍ୟଙ୍କ ସହିତ ଅନ୍ୟ ୩ ଜଣ ଅଧାପକଙ୍କୁ ଉତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହିତ ଆଂଚଳିକ ମହାବିଦ୍ୟାଳୟର ୨,୩ ଓ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର, ନିମ୍ନ ପ୍ରାଥମିକ ଶ୍ରେଣୀ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ୫୪ ଜଣ ଛାତ୍ରଛାତ୍ରୀଙ୍କୁ ୩୦୦୦,୨୦୦୦,୧୦୦୦କରି ପୁରସ୍କାର ରାଶି ପ୍ରଦାନ କରାଯାଇଛି । ସଂପାଦକ ମଙ୍ଗୁଳି ଚରଣ ପୃଷ୍ଟି ସଂପାଦକୀୟ ପାଠ କରିଥିବା ବେଳେ କବିରତ୍ନା କର ଦାସ ଉତ୍ସବକୁ ସଂଯୋଜନା କରିଥିଲେ । କବିତା ପାଠ ଉତ୍ସବରେ ଦନାର୍ଦ୍ଦନ ସେଠୀ, କୈଳାସ ପାତ୍ର, ବିଜୟ କୁମାର କର, ବିଜୟ ସାହୁ, ବେଲାଳ ସେନ ପତି, ଉଦୟ ନାଥ ସ୍ୱାଇଁ, ମାଧବାନନ୍ଦ ମିଶ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ସଂସଦର ମୂଖ୍ୟ ହରିପ୍ରସାଦ ମିଶ୍ର, ଶିବ ପ୍ରସାଦ ମିଶ୍ର, କିଶୋର ଚନ୍ଦ୍ର ଦାଶ, ଦେବ ପ୍ରସାଦ ମିଶ୍ର ପ୍ରମୁଖ ମଂଚ ପରିଚାଳନା କରିଥିଲେ । କୁଶଳେଶ୍ୱର କଳା ନିକେତନର ସାଥୀ କଳାକର ମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ପରିବେଶଣ କରାଯାଇଥିବା ବେଳେ ଶିବପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଘରୋଇ ବସ ମାଲିକ ସଙ୍ଘର ସଦସ୍ୟ ନିର୍ବାଚିତ

ଜୟପୁର,୩୧/୧ (ନି.ପ୍ର): ଜୟପୁର ଘରୋଇ ବସ ମାଲିକ ସଙ୍ଘର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ସଭାପତି ମହେଶ୍ୱର ବିଶୋୟୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସଙ୍ଘର ନୂତନ ସଦସ୍ୟ ନିର୍ବାଚିତ ହୋଇଛନ୍ତି । ନୂତନ ସଭାପତି ଭାବେ ମହେଶ୍ୱର ବିଶୋୟୀ ନିର୍ବାଚିତ ହୋଇଥିବାବେଳେ ଉପସଭାପତି ଭାବେ ଶୁଭ୍ରମଣ୍ୟମ୍ ପାତ୍ର, ସାଧାରଣ ସମ୍ପାଦକ ନରେନ୍ଦ୍ର କୁମାର ମହାନ୍ତି, ସମ୍ପାଦକ ପବିତ୍ର ମୋହନ ପାତ୍ର, ଯୁଗ୍ମ ସମ୍ପାଦକ ଅଶୋକ କୁମାର ମହାପାତ୍ର ଓ ସଞ୍ଜୟ କୁମାର ପାଢୀ ନିର୍ବାଚିତ ହୋଇଛନ୍ତି । କୋଷାଧକ୍ଷ ଭାବେ ପ୍ରଶାନ୍ତ କୁମାର ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ଅଜୟ କୁମାର ରାଉତ, ପରିଚାଳନା ସମ୍ପାଦକ ଏନ.ଶଙ୍କର ରାଓ ଓ ସନ୍ତୋଷ କୁମାର ପାଢୀ, ମୁଖ୍ୟ ପରାମର୍ଶଦାତା ଭାବେ ରାମଚନ୍ଦ୍ର ପାଢୀ, ବିଏସଆର ସେନାପତି, ବସନ୍ତ କୁମାର ବିଶ୍ୱାଳ, କିଶୋର ଚନ୍ଦ୍ର ତ୍ରିପାଠୀ ଓ ଅଶୋକ କୁମାର ରାୟ ଚୟନ ହୋଇଛନ୍ତି । ଆଇନ ପରାମର୍ଶଦାତା ରୂପେ ଶୁଶାନ୍ତ କୁମାର ଅଧିକାରୀ ଚୟନ ହୋଇଛନ୍ତି । ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ସମ୍ବା ଶିବ ରାଓ, ସୁନୀଲ କୁମାର ସାହା, ସନ୍ତୋଷ କୁମାର ସାମନ୍ତରାୟ, ବିଦ୍ୟାଧର ପ୍ରଧାନ, ଜଗନ୍ନାଥ ପାଣିଗ୍ରାହୀ, ସଂଗ୍ରାମ କେଶରୀ ବାରିକ୍, କୈଳାସ ସେନାପତି, ଦିଲେଶ୍ୱର ବେହେରା, ଉମା ଶଙ୍କର ଗୌଡ, ରବିନ୍ଦ୍ର ରଥ, ସୁନୀଲ କୁମାର ପାଢୀ, ରବିନ୍ଦ୍ରନାଥ ବିଶ୍ୱାଳ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି । ଆଜିର ବୈଠକରେ ନୂଆ ବସଷ୍ଟାଣ୍ଡରେ ରାତ୍ର ଜଗୁଆଳି ନିୟୋଜିତ କରିବା ସହ ସିସିଟିଭି ଲଗାଇବା ନିମନ୍ତେ ନିଷ୍ପତି ନିଆଯାଇଛି । ଗତ ସେପଟ୍ଟେମ୍ବରରୁ ଡିସେମ୍ବର ୨୦୨୧ ମାସ ପର୍ଯ୍ୟନ୍ତ ସଙ୍ଘର ଆୟବ୍ୟୟ ଉପସ୍ଥାପନା କରାଯାଇଥିଲା । ଆଇନ ପରାମର୍ଶଦାତା ଶ୍ରୀ ଅଧିକାରୀ ଉକ୍ତ ନିର୍ବାଚନ ପ୍ରକ୍ରିୟା ପରିଚାଳନା କରିଥିଲେ ।

# ଜନତା ନେତାଙ୍କୁ ମାଗୁଛନ୍ତି ଜବାବ : ବ୍ରିଜ୍ ନାହିଁ ତ ଭୋଟ୍ ନାହିଁ

ପୁରୀ,୩୧/୧ (ନି.ପ୍ର): ଚାଷୀ ହୁଡ଼ିଲେ ବରଷେ । ନେତା ହୁଡ଼ିଲେ ୫ବର୍ଷ । ଜନତା ଜନାର୍ଦ୍ଦନଙ୍କ ଜନାଦେଶକୁ ସମସ୍ତେ ମାନିବେ । ୫ ବର୍ଷର ରାଗ ଭୋଟରମାନେ ତାଙ୍କ ଭୋଟ୍ ରେ ସୁଝାଇବେ । ସ୍ୱାଧୀନତାର ୭୫ ବର୍ଷ ପରେ ମଧ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ଲୋକମାନେ ଗମନାଗମନ ସୁବିଧାରୁ ବଂଚିତ ହେଉଛନ୍ତି । ଡ଼ିଜିଟାଲ ଯୁଗରେ ଦେଶୀଡ଼ଙ୍ଗା ଭରସା ହୋଇଛି । ରାତି ଅଧରେ ରୋଗୀଟିଏ ଯିବା ପାଇଁ ସାହାଭରସା ପାଉନି । ନେତାଙ୍କ ପ୍ରତିଶୃତି ଓ ରଙ୍ଗଦିଆ କଥା, ପରୀଗପ ଶୁଣିଶୁଣି ନୟାନ୍ତ ହେଲେଣି ଜନତା । ଯାତାୟାତ ପାଇଁ ଭସା ପୋଲରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ଚ୍ୟାନେଲ ଖୋଳିବା ଓ ଭସାପୋଲ ପରିବର୍ତନ କରାଯାଉଛି । ଯେତିକି ଟଙ୍କା ଖର୍ଚ୍ଚ ହେଲାଣି ସେଥିରେ ଦୁଇଟି ବ୍ରିଜ୍ ନିର୍ମାଣ ହୋଇସାରନ୍ତାଣି । ତାମିଲନାଡୁର ରାମେଶ୍ୱର ସମୁଦ୍ର ମଝିରେ ବ୍ରିଜ୍ ନିର୍ମାଣ ହୋଇଥିବା ବେଳେ ଅଗଭୀର ଚିଲିକା ମଝିରେ ବ୍ରିଜ୍ ନିର୍ମାଣ କରିବା ସମ୍ଭବ ହୋଇ ପାରିନାହିଁ । ଭୋଟ୍ ସରିଗଲେ ନେତା ରାଜଧାନୀରେ ରାଜକୀୟ ଢଙ୍ଗୀରେ ଶୀତତାପ ନିୟନ୍ତ୍ରିତ କୋଠରୀରେ ଜୀବନ ବିତାଉ ଥିବାବେଳେ କୃଷ୍ଣପ୍ରସାଦର ଜନତା ପଙ୍କ କାଦୁଅରେ ଘାଂଟି ହେଉଛନ୍ତି । ପଚାଂୟତ ନିର୍ବାଚନରେ ଲୋକଙ୍କ ସମସ୍ୟା ସମାଧାନ କରିବା ପାଇଁ କେତେକ ଗ୍ରାମରେ ବ୍ରିଜ୍ ନାହିଁ ତ ଭୋଟ ନାହିଁ ପ୍ରଚାର ପତ୍ର ଲାଗିଲାଣି । ଆଗାମୀ ଦିନରେ ଜହ୍ନିକୁଦା ଠାରୁ ସାତପଡ଼ା ବ୍ରିଜ୍ ନିର୍ମାଣ କରାନଗଲେ ଜନଗର୍ଜନ ହେବ ବୋଲି ସଚେତନ ନାଗରିକ ମାନସ ସାହୁ କହିଛନ୍ତି ।

# କଂଗ୍ରେସ ଓ ସିପିଆଇ ତରଫରୁ ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ

ଜୟପୁର,୩୧/୧ (ନି.ପ୍ର): ଜୟପୁର ଠାରେ ଜିଲା କଂଗ୍ରେସ ଓ ସିପିଆଇ ତରଫରୁ ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଛି । ଜୟପୁର ସ୍ଥିତ ଜିଲା କଂଗ୍ରେସ ଭବନ ଠାରେ ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଛି । କଂଗ୍ରେସର କର୍ମୀ ଓ ନେତା ମାନେ ଉପସ୍ଥିତ ରହି ମହାତ୍ମାଗାନ୍ଧୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଶ୍ରଦ୍ଧାଂଚଳି ଜ୍ଞାପନ କରିବା ଗାନ୍ଧୀଙ୍କ ନିତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ପାଇ ଆହ୍ୱାନ କରିଥିଲେ । ଏହି କାଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା କୃଷ୍ଣ ନେପାକ, ମଦନ ମୋହନ ନାୟକ, ରାମ ନାୟକ, ଭେଙ୍କଟ ରାଓ ପଟ୍ଟାନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି କୋରାପୁଟ ଜିଲା ସିପିଆଇ ତରଫରୁ ମହାତ୍ମଗାନ୍ଧୀ ଙ୍କ ତିରୋଧାନ ଦିବସ ପାଳିତ ହୋଇଛି । ଜୟପୁର ଶ୍ରମିକ ଭବନ ଠାରେ ମହାତ୍ମାଗାନ୍ଧୀ ଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସଭା କାଯ୍ୟ ଆରମ୍ଭ କରାଯାଇଥିଲା । ଏହି କାଯ୍ୟକ୍ରମରେ ରାଜ୍ୟ ପରିଷଦ ସଭ୍ୟ ପ୍ରମୋଦ କୁମାର ମହାନ୍ତି, ଯୁବ ନେତା ସତ୍ୟବ୍ରତ ନନ୍ଦ, ମନୋଜ ବେହେରା, ନନ୍ଦ ହରିଜନ, ଚଂଚଳା ହରିଜନ ପ୍ରମୁଖ ଉପସ୍ଥିତ ଥିଲେ । ଉପସ୍ଥିତ ଅତିଥି ମାନେ ଦେଶର ଶେଷ ବ୍ୟକ୍ତିଟି ନ୍ୟାୟ ଓ ଅଧିକାର ପାଇବା ପଯ୍ୟନ୍ତ ଲଢିବାକୁ ହେବ । କୃଷକ ମାନଙ୍କ ସମସ୍ୟା, ବେକାରୀ, ବେରୋଜଗାରୀ, ଦରଦାମ ବୃଦ୍ଧୀ, ଶିକ୍ଷା ନୀତି ପରିବତ୍ତନ ବିରୁଦ୍ଧରେ ଲଢେଇ ଜୋରଦାର କରିବା ସହ ଗାନ୍ଧୀଙ୍କ ଦେଶର ମହାନୀୟତା କୁ ଅକ୍ଷୁଣ୍ଣ ରଖିବା ପାଇଁ ସମସ୍ତଙ୍କୁ ପ୍ରଚେଷ୍ଟା କରିବାକୁ ଅତିଥି ମାନେ ଆହ୍ୱାନ କରିଥିଲେ ।

# ଭକ୍ତକବି ମଧୁସୂଦନ ରାଓଙ୍କ ଜୟନ୍ତୀ ପାଳିତ

ମାଲକାନଗିରି,୩୧/୧ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟରେ ଭକ୍ତକବି ମଧୁସୂଦନ ରାଓଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଉପନିବନ୍ଧକ ମନୋଜ କୁମାର ମହାନ୍ତି ଯୋଗଦାନ କରି ଓଡ଼ିଆ ଭାଷାର ମହତ୍ୱ ଓ ମଧୁସୂଦନ ରାଓଙ୍କ ଓଡ଼ିଆ ଭାଷା ପ୍ରତି ଅବଦାନ ସଂପର୍କରେ ପ୍ରକାଶ କରିଥିଲେ । ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ଷଡ଼ଙ୍ଗୀ ଏଥିରେ ଅଧକ୍ଷତା କରିଥିବା ବେଳେ ଅଧାପକ ଡ.ରଞ୍ଜନ କୁମାର ସ୍ୱାଇଁ ଦିବସର ତାତ୍ପର୍ଯ୍ୟ ତଥା ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ସହ ବ୍ୟାପକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗୀୟ ମୁଖ୍ୟ ତପନ କୁମାର ବେହେରା ଉପସ୍ଥିତ ରହି ଓଡ଼ିଆ ଭାଷା ସାହିତ୍ୟର ବର୍ଣ୍ଣବୋଧ ସମ୍ପର୍କରେ ସୁରଚିତ ମତାମତ ଦେବା ସହ ଯୋଗଜନ୍ମା କବି ମଧୁସୂଦନ ରାଓଙ୍କ ଜୀବନ ଉପରେ ଆଲୋକପାତ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଅଧାପକ ଉମେଶ ଚନ୍ଦ୍ର ରାଉତ, ନମିତା ଦଣ୍ଡସେନା, ଲକ୍ଷ୍ମୀ କୁଜୁର, ଡ.ଗୋକୁଳାନନ୍ଦ ପାତ୍ର, ପ୍ରମିୟ ମହାନ୍ତି, ଜିମୁତ ନାୟକ, ଗୌତମ ନାୟକ, ମାନଭଞ୍ଜନ ବେହେରା, କିଶୋର ତ୍ରିପାଠୀ, ଦିଲୀପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ପ୍ରେମରେଖା ଭତ୍ରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଆର.ଉଦୟଗିରି ରାସ୍ତା ପାଲଟିଛି ମରଣଯନ୍ତା

ଆର.ଉଦୟଗିରି,୩୧/୧ (ନି.ପ୍ର): ଗଜପତି ଜିଲା ଆର.ଉଦୟଗିରି ଠାରୁ ମୋହନା ରାସ୍ତାକୁ ଦୀର୍ଘ ୮ ବର୍ଷ ତଳେ ପୂର୍ତ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିଲା । ରାସ୍ତାଟି ରାଜ୍ୟ ରାଜପଥ ୩୨୬ (ଏ) ରୂପେ ଘୋଷଣା ହେବାପରେ ୨୦୧୬ରେ ଜାତୀୟ ରାଜପଥ ବିଭାଗକୁ ହସ୍ତାନ୍ତର ହୋଇଥିଲା । ଆଜି ପର୍ଯ୍ୟନ୍ତ ଆର.ଉଦୟଗିରି ଶଙ୍କନଦୀ ନିକଟରେ ପୋଲ ସମ୍ମୁଖରେ ଥିବା ବଡ ଖାଲ ମରାମତି ହୋଇ ପାରିଲାନି । ସେହିପରି ଚାନ୍ଦିପୁଟ - ହାଟପଦା ନିକଟରେ ଥିବା ପୋଲ ଏବଂ ମାଣିକପୁର ନିକଟରେ ମଧ ଏକ ବଡ ଗର୍ତ ରହିଛି । ଚାନ୍ଦିପୁଟ ଓ ମାଣିକପୁର ଠାରେ ଦୁର୍ଘଟଣା ଘଟିବା ପରେ ପଥର ଗୁଣ୍ଡି ପକାଇ କାମ ଚଳା ଯାଇଛି । ଅଦିନିଆ ବର୍ଷାରେ ତାହା ଧୋଇ ହୋଇଯାଇଛି । ସେହିପରି ମୋହନା - ଲେଡେବନ୍ଧ ପୋଲ ନିକଟରେ ବିରାଟ ବଡ ଖାଲ ହୋଇ ଯାଇଛି । ଏଠାରେ ବାରମ୍ବାର ଦୁର୍ଘଟଣାର ଶୀକାର ହେଉଛନ୍ତି ଲୋକେ । ମୋହନା ଠାରୁ ଆର.ଉଦୟଗିରି ୪୭ କି.ମି. । କିନ୍ତୁ, ମୋଟର ସାଇକେଲ ଓ ବସ୍ ରେ ଦୁଇ ଘଂଟାରୁ ତିନି ଘଂଟା ସମୟ ଲାଗୁଛି । ଏହି ରାସ୍ତାରେ ୩ ଶହରୁ ଉର୍ଦ୍ଧ୍ୱ ଖାଲଖମା ରହିଛି । ଏହି ରାସ୍ତା ଦେଇ ବିଭାଗୀୟ ଯନ୍ତ୍ରୀ, ଜନ ପ୍ରତିନିଧି ଏବଂ ପଦାଧିକାରୀ ଯାତାୟାତ କରୁଛନ୍ତି । ତଥାପି ଏହାର ପୁନରୁଦ୍ଧାର କଥା ଚିନ୍ତା କରୁନଥିବା ଅଂଚଳବାସୀ ଅଭିଯୋଗ କରୁଛନ୍ତି । ରାସ୍ତା ଉପରେ ଲକ୍ଷ ଲକ୍ଷ ଟଙ୍କାର ଟିକସ ଆଦାୟ ହେଉଛି । ଦୀର୍ଘ ବର୍ଷ ହେବ ରାସ୍ତାର ଦୁଇ ପାଖରେ ଲଟାବୁଦା ସଫା କରାଯାଉନି ଯାହାଫଳରେ ବାରମ୍ବାର ଦୁର୍ଘଟଣା ଘଟି ଧନ ଜୀବନ ହାନି ଘଟୁଛି । ଆର.ଉଦୟଗିରିରୁ ଖଜୁରିପଦା ରାସ୍ତାରେ ବାଦପୁର ଘାଟିରେ ରାସ୍ତା ଅତି କଦର୍ଯ୍ୟ ହୋଇଥିବା ବିଷୟ ନେଇ ଯନ୍ତ୍ରୀ ବହୁବାର ଜଣାଇଲେ ମଧ କାମ ଶୂନ । ପ୍ରତିବର୍ଷ ରାସ୍ତା ମରାମତି ନାମରେ ଲକ୍ଷ ଲକ୍ଷ ଟଙ୍କାର କାମ କାଗଜପତ୍ରରେ କରାଯାଉଛି । ଆର.ଉଦୟଗିରି ଆଇସିଡିଏସ ଅଫିସରୁ ରାସ୍ତାର ଦୁଇ ପାର୍ଶ୍ୱରେ ସାଇଡ ଡ୍ରେନ ନଥିବାରୁ ସାମାନ୍ୟ ବର୍ଷା ହେଲେ ଗ୍ରାମର ସମସ୍ତ ଅଳିଆ ରାସ୍ତା ଉପରେ ଭାସୁଛି ତାହାସହ ରାସ୍ତାରେ ଆଣ୍ଠୁଏ ଉଚ୍ଚତାରେ ପାଣି ଜମି ଯାଉଛି ଯାହାଫଳରେ ଲୋକେ ଯାତାୟତ କରିବା ଭାରି ଅସୁବିଧା ହେଉଛି । ଆର. ଉଦୟଗିରି ସଙ୍କନଦୀ ପୋଲ ଉପରେ ଆଣ୍ଠୁଏ ଉପରେ ପାଣି ରହୁଛି । ଏଠାରେ ନିଯୁକ୍ତ ହୋଇଥିବା ସହକାରୀ ଓ କନିଷ୍ଠ ଯନ୍ତ୍ରୀ ଆର.ଉଦୟଗିରିରେ ନ ରହି ସେମାନେ ପାରଳାଖେମଣ୍ଡିରେ ରହୁଛନ୍ତି । ଜାତୀୟ ରାଜପଥ ୩୨୬କୁ ମରାମତି କରାନଗଲେ ଆଗାମୀ ଦିନରେ ରାସ୍ତା ଅବରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଧନଞ୍ଜୟ ହଂସବର୍ଦ୍ଧନଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ ଯେ, ମୋହନାରୁ ଚଂଚାଘାଟି ପର୍ଯ୍ୟନ୍ତ ରାସ୍ତା କାମ ପାଇଁ ୧୫ କୋଟି ଆସିଛି ଏବେ ଏହି ରାସ୍ତା ସଫାକାମ ଚାଲିଛି ।

# ଦିବେଲ୍ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

ପୁରୀ,୩୧/୧ (ନି.ପ୍ର): ପୁରୀ ଜିଲ୍ଲା ସ୍ୱେଚ୍ଛାସେବୀ ସଂଗଠନ ଦିବେଲ୍ ପକ୍ଷରୁ ଗୌଡ଼ବାଡ଼ ସାହି, ବିଧବା ଆଶ୍ରମ ଛକଠାରେ ସଫେଇ କାର୍ଯ୍ୟ କରାଯାଇଥିଲା । ସେଠାରେ ଥିବା ୫୦ରୁ ଉର୍ଦ୍ଧ୍ୱ ଦୋକାନିଙ୍କୁ ଡ଼ଷ୍ଟବିନ୍, ଝାଡୁ, ମାସ୍କ ଓ ସାନିଟାଇଜର ବଂଟନ କରାଯାଇଥିଲା । ଦି ବେଲ୍ ର ଆବାହକ ସିଦ୍ଧାର୍ଥ ରାୟ, ଅନୁଷ୍ଠାନର ସଦସ୍ୟ ତଥା ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା, ସାଇ ଉଦୟଲକ୍ଷ୍ମୀ ଟ୍ରଷ୍ଟର ରାଜକିଶୋର ପାତ୍ର, ସତ୍ୟନାରାୟଣ ସାହୁ, ସଂକଳ୍ପ ଟ୍ରଷ୍ଟର ସୁଚରିତା ପାଢୀ, ସମୁଦ୍ର ବୁଢ଼ାଳି ଟି. ହରି ରାଓ, ସମର୍ପଣର ବ୍ରଜ କିଶୋର ସାହୁ, ଦି ମିରର ର ସଞ୍ଜୟ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।

## ଫଟାଫଟ ପ୍ରସ୍ତୁତ କରନ୍ତୁ ମାଛ ପିଠୋଉ



ଆବଶ୍ୟକ ସାମଗ୍ରୀ: ରୋହି ମାଛ, ଲୁଣ, ହଳଦୀ, ଲଙ୍କା ଗୁଣ୍ଡ, କଟା ପିଆଜ, ଜୀରା ଧନିଆ, ତେଜପତ୍ର, ଗୁଜୁରାତି ଗୁଣ୍ଡ, ଚାଉଳ ପିଠୋଉ, ରିଫାଇନ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କଟା ରୋହି ମାଛରେ ଲୁଣ, ହଳଦୀ ଗୋଳାଇ ରଖନ୍ତୁ। ଚାଉଳ ପିଠୋଉରେ ହଳଦୀ, ଲଙ୍କା ଗୁଣ୍ଡ, ଲୁଣ,କଟା ପିଆଜ, ଜୀରା, ଧନିଆ, ତେଜପତ୍ର, ଗୁଜୁରାତି ଗୁଣ୍ଡ ପକାଇ ଗୋଳେଇ ଦିଅନ୍ତୁ। ଲୁଣ ହଳଦୀ ଗୋଳା ମାଛକୁ ମସଲା ପିଠୋଉରେ ବୁଡ଼େଇ ତେଲରେ ଛାଣନ୍ତୁ। ଏଥର ଗରମାଗରମ ପରଷନ୍ତୁ ମାଛ ପିଠୋଉ।

## ଚୀନ୍‌ର ‘ଗ୍ରେଟ୍ ୱାଲ୍’



ବିଶ୍ୱର ଦୀର୍ଘତମ ପ୍ରାଚୀରର ଦୈର୍ଘ୍ୟ ୨୪୦୦ କିଲୋମିଟର ଏବଂ ଅଧିକାଂଶ ସ୍ଥାନରେ ଏହାର ଉଚ୍ଚତା ୩୦ ଫୁଟ୍ । ପୀତ ନଦୀରୁ କେନ୍ଦ୍ର ଏସିଆ ଯାଏ ପଶ୍ଚିମରୁ ପୂର୍ବକୁ ଏହା ବ୍ୟାପ୍ତ । ଖ୍ରୀଷ୍ଟପୂର୍ବ ୧୦୨୭ରୁ ୨୪୯ ମଧ୍ୟରେ ପ୍ରାଚୀନ ଚୀନ୍ ସଭ୍ୟତା ବିକଶିତ ହୋଇଥିଲା । ପୁଣି ଠିକ୍ ସେହି ସମୟରେ ଉତ୍ତର ଚୀନ୍‌ର କେନ୍ଦ୍ରାଞ୍ଚଳରୁ ଦକ୍ଷିଣ ଆଡକୁ ସାମ୍ରାଜ୍ୟ ପ୍ରସାରଣ ଲକ୍ଷ୍ୟରେ ଅଭିଯାନ ଆରମ୍ଭ କରିଥିଲେ ତତ୍‌କାଳୀନ ଶାସକ । ଏଣୁ ଆକ୍ରମଣ, ପ୍ରତି ଆକ୍ରମଣ ଲାଗି ରହୁଥିଲା । ନିକଟବର୍ତ୍ତୀ ଷ୍ଟେପି ଅଞ୍ଚଳର ଯାଯାବର ମାନେ ଥିଲେ ସ୍ଥାୟୀ ବସତି ବିରୋଧୀ । ସେମାନେ ଯୁଦ୍ଧ-ପ୍ରବଣ ହିଂସ୍ର ସ୍ୱଭାବର ଲଢୁଆ ଜାତି । ଆକ୍ରମଣ-ଲୁଣ୍ଠନ ଥିଲା ସେମାନଙ୍କ ବୃତ୍ତିର ଅଂଶବିଶେଷ । ପୁଣି ସେମାନେ ଥିଲେ ଅତିମାତ୍ରାରେ ଗତିଶୀଳ । ଅତର୍କିତ ଆକ୍ରମଣ କରି ସଂଗେ ସଂଗେ ଫେରି ପଳାୟନ କରୁଥିଲେ ଷ୍ଟେପି ମଧ୍ୟକୁ । ସସମ୍ମାନେ ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ମୁହାଁମୁହିଁ ଯୁଦ୍ଧରେ ଲିପ୍ତହେବା ସେମାନଙ୍କର ପସନ୍ଦ ନଥିଲା । ଘୋଡା ପିଠିରେ ବସି ହଠାତ୍ ତୀର ବର୍ଷଣ କରି ଉଭାନ୍ ହୋଇଯାଉଥିଲେ ସେମାନେ । ସେ କାଳର ଗରିଲା ! ଯେହେତୁ ସେମାନେ ଥିଲେ ଯାଯାବର ଶ୍ରେଣୀର; ଏଣୁ ସେମାନଙ୍କୁ ଆକ୍ରମଣ କରି ଧ୍ୱଂସ କରିବା ସଂଭବ ନଥିଲା । ଯେଉଁମାନଙ୍କର କୌଣସି ଠିକଣା ନାହିଁ, ସେମାନେ ମିଳିବେ କେଉଁଠି ? ଏହି ଯାଯାବର ଲଢୁଆ ଜାତିଙ୍କ କବଳରୁ ସ୍ଥାୟୀ ଜନପଦକୁ ରକ୍ଷା କରିବା ନିମନ୍ତେ ଝାଓ ଶାସନ କାଳରେ ନିର୍ମାଣ ଆରମ୍ଭ କରାଯାଇଥିଲା ସେହି ପ୍ରାଚୀର ଯାହା ଆଜିବି ବିଦ୍ୟମାନ ଏବଂ ପ୍ରସିଦ୍ଧ ‘ଦ ଗ୍ରେଟ୍ ୱାଲ୍ ଅଫ୍ ଚାଇନା’ ଭାବେ ପରିଚିତ । ଉତ୍ତର ଚୀନ୍‌ର ପ୍ରାଦେଶିକ ଶାସକମାନେ ଛୋଟ ଛୋଟ ଡି ଏହାର ସଂଯୁକ୍ତକରଣ ଲାଗି ନିର୍ଦ୍ଦେଶ ଦେଇଥିଲେ । ତାଙ୍କର ସାମରିକ ମୁଖ୍ୟ ମେଙ୍ଗ୍ ତିନ୍ ଏହି କାର୍ଯ୍ୟ ତଦାରଖ କରୁଥିଲେ । ଖ୍ରୀଷ୍ଟପୂର୍ବ ୨୨୧ ରୁ ୨୦୬ ମଧ୍ୟରେ କୀନ୍ ଶାସନ କାଳରେ ଏହା ପୂରା ହୋଇଥିଲା । ଆଜି ଯେଉଁ ପ୍ରାଚୀର ବିଦ୍ୟମାନ ତାହା ବିକଶିତ ହୋଇଥିଲା ୧୩୬୮ ରୁ ୧୬୪୪ ଖ୍ରୀଷ୍ଟାବ୍ଦ ମଧ୍ୟରେ ମିଙ୍ଗ ଶାସନ ଅମଳରେ । ସେଠାରେ ଏହି କାର୍ଯ୍ୟରେ ଶ୍ରମଦାନ କରିଥିଲେ ପ୍ରାୟ ୩ ଲକ୍ଷ ଶ୍ରମିକ ।



## ମଟର ଖାଇବା ଦ୍ୱାରା ଶରୀରକୁ ମିଳିଥାଏ ଏସବୁ ଫାଇଦା

ଶୀତଦିନେ ଖାଦ୍ୟ ଠିକ ଭାବେ ହଜମ ହୋଇ ନଥାଏ। ଏହି କାରଣରୁ ଗ୍ୟାସ ସମସ୍ୟା ଦେଖା ଦେଇଥାଏ। ତେଣୁ ଶୀତଦିନେ ଖାଦ୍ୟ ଖାଇବା ପ୍ରତି ସଚେତନ ରହିବା ନିହାତି ଆବଶ୍ୟକ। ଶୀତଦିନେ ବଜାରରେ ମଟର ପ୍ରଚୁର ପରିମାଣରେ ମିଳିଥାଏ। ମଟରରେ ଅଧିକ ପରିମାଣରେ ଫାଇବର ଓ ପ୍ରୋଟିନ ରହିଥାଏ। ଯାହାକି ପାଚନକ୍ରିୟାକୁ ଠିକ ରଖିଥାଏ।

ମଟର ବିଶେଷ ଭାବେ ମଧୁମେହ ରୋଗୀଙ୍କ ପାଇଁ ଲାଭପ୍ରଦ ହୋଇଥାଏ। ସେହିପରି ଏଥିରେ ଫଲିକ ଏସିଡ ମଧ ରହିଥାଏ। ଯାହା ଗର୍ଭବତୀଙ୍କୁ ପୋଷଣ ଦେବାରେ ସୟାହକ ହୋଇଥାଏ। ଏଥିସହିତ ଏଥିରେ ଭିଟାମିନ ଓ ମିନେରାଲ୍ସ ଭରପୂର ମାତ୍ରାରେ ରହିଥାଏ। ଯାହାକି ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିଥାଏ।

ଏଥିସହିତ ମଟରରେ ମ୍ୟାଗ୍ନେସିୟମ ପୋଟାସିୟମ ଓ କ୍ୟାଲସିୟମ ରହିଛି। ଯାହାକି ଉକ୍ତ ରକ୍ତଚାପ ଓ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣରେ ରଖିଥାଏ। ଫଳରେ ହୃତଘାତ ଭଳି ସମସ୍ୟାର ଆଶଙ୍କା କମ ରହିଥାଏ।



## ଶିଶୁର ଉଜ୍ଜ୍ୱଳ ତ୍ୱଚା

**ପ୍ରତ୍ୟେକ ମହିଳାଙ୍କ ଜୀବନରେ ମା’ ହେବା ଏକ ସ୍ମରଣୀୟ ମୁହୂର୍ତ୍ତ। ମାତୃତ୍ୱ ହିଁ ନାରୀ ଜୀବନର ସମ୍ପୂର୍ଣ୍ଣତା ଆଣିଦିଏ। ଅଧିକାଂଶ ମା’ ଚାହାନ୍ତି ସେମାନଙ୍କ ଶିଶୁର ରଙ୍ଗ ସଫା ଏବଂ ତା’ର ତ୍ୱଚା ଉଜ୍ଜ୍ୱଳ ହେଉ। ତେବେ ଶିଶୁର ରଙ୍ଗ କିପରି ଉଜ୍ଜ୍ୱଳ ହେବ ତାହା ଅଧିକାଂଶ ମା’ ଜାଣନ୍ତିନି। ଏନେଇ କିଛି ଟିପ୍ସ....**



■ ଶିଶୁର ତ୍ୱଚାକୁ ଅଧିକ ସଫା କରିବା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟିପ୍ସ ହେଉଛି ହଟ୍ ଅଏଲ ମସାଜ୍। ଏହା ଏକ ପୁରୁଣା ପଦ୍ଧତି ଏବଂ ଅନେକ ପିଢ଼ି ହେବ ଚାଲି ଆସିଛି। ପ୍ରତିଦିନ ଶିଶୁର ତ୍ୱଚାକୁ ଉଷୁମ ତେଲର ମସାଜ୍ କରିବା ଉଚିତ୍।

■ ଶିଶୁର ତ୍ୱଚା ଅନ୍ୟମାନଙ୍କ ତୁଳନାରେ ୧୦ଗୁଣ ଅଧିକ ସମ୍ବେଦନଶୀଳ ତେଣୁ ସେମାନଙ୍କ କ୍ଷେତ୍ରରେ କିଛି ବଡ଼ି ପ୍ୟାକ ଆପ୍ଲାଏ କରିପାରିବେ ଯାହା ପ୍ରକୃତରେ ନ୍ୟାଚୁରାଲ ହୋଇଥିବ। ସପ୍ତାହରେ ଥରେ ଆପଣଙ୍କ ଶିଶୁର ଶରୀରରେ ବଡ଼ିପ୍ୟାକ ଆପ୍ଲାଏ କରନ୍ତୁ। ବଡ଼ି ପ୍ୟାକ କିଣିବା ପରିବର୍ତ୍ତେ ଆପଣ ହଳଦୀ, ଦୁଗ୍ଧ ଏବଂ ଚନ୍ଦନ ଗୁଣ୍ଡ ମିଶାଇ ପ୍ୟାକ୍ ପ୍ରସ୍ତୁତ କରିପାରିବେ। ଏହି ପ୍ୟାକ ତ୍ୱଚାରେ ଭଲଭାବେ ମାରନ୍ତୁ ଏବଂ ଅଳ୍ପ ଦିନରେ ଶିଶୁ ତ୍ୱଚାର ଉଜ୍ଜ୍ୱଳତାକୁ ବୃଦ୍ଧି କରାନ୍ତୁ।

■ ସ୍କ୍ରବ୍ ଶବ୍ଦକୁ ନେଇ ଆଦୌ କନଫ୍ୟୁଜ ହୁଅନ୍ତୁନି। ଏହା କୌଣସି ଅର୍ଡ଼ିନାରୀ ସ୍କ୍ରବ ନୁହେଁ ଯାହା ଆପଣ ସବୁ ସ୍ଥାନରେ ପାଇପାରିବେ। ଏହାକୁ ଆପଣ ବେସନ, ଦୁଗ୍ଧ, ଗୋଲାପ ଜଳ ଏବଂ ହଳଦୀ ମିଶାଇ ପ୍ରସ୍ତୁତ କରିପାରିବେ। ଏହି ସ୍କ୍ରବ୍ ସୁଥ୍ ଏବଂ ଶିଶୁର ତ୍ୱଚାରେ କୌଣସି କ୍ଷତି ନପହଞ୍ଚାଇ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରିଥାଏ।

■ ଶିଶୁର ତ୍ୱଚାକୁ ଆଦୌ ଶୁଷ୍କ ହେବାକୁ ଦିଅନ୍ତୁନି। ମାର୍କେଟରେ ଉପଲବ୍ଧ ହେଉଥିବା ବେବି ମଏଶ୍ଚରାଇଜିଙ୍ଗ କ୍ରିମ ଆପ୍ଲାଏ କରନ୍ତୁ। ଶିଶୁ ପାଇଁ ବେଷ୍ଟ ପ୍ରଡକ୍ଟ କିଣିବାବେଳେ ଆପଣଙ୍କୁ ଟିକେ ଅଧିକ ଯତ୍ନଶୀଳ ହେବାକୁ ପଡ଼ିବ। ଯଦି ଆପଣ ଜାଣିପାରୁନାହାନ୍ତି କେଉଁଟି ଆପଣଙ୍କ ପାଇଁ ଠିକ୍ ତେବେ କୌଣସି ଡର୍ମାଟୋଲୋଜିଷ୍ଟଙ୍କ ଉପଦେଶ ନିଅନ୍ତୁ।

## ସଦା ଫୁର୍ତ୍ତି ରଖେ ସପୁରି

**ଖରାଦିନର ଫଳ ମଧ୍ୟରୁ ଗୋଟିଏ । ଏହା ଏକ ରସାଳ ଫଳ ହୋଇଥିବାବେଳେ ଅଧିକାଂଶ ଲୋକ ଏହାକୁ ବାଡିବଗିଚାରେ ଲଗାଇଥାନ୍ତି । ତେବେ ସପୁରୀ କେବଳ ସୁସ୍ୱାଦୁ ଫଳ ତାହା ନୁହେଁ ଔଷଧୀୟ ଗୁଣ ମଧ ଭରପୁର ରହିଛି । ଏଥିରେ ଭରପୂର ଭିଟରମିନ୍ ରହିଥାଇ । ଭିଟାମିନ୍ ବି-୧, ବି-୨, ବି-୩, ବି-ସି ପ୍ରଚୁର ପରିମାଣରେ ଥାଏ । ତେବେ ଆସନ୍ତୁ ଜାଣିବା ସପୂରୀରେ ଥିବା ଔଷଡଧୀୟ ଗୁଣ ସମ୍ପର୍କରେ......**

ସପୁରିରେ ଅଧିକ ପରିମାଣରେ ମ୍ୟାଗ୍ନେସିୟମ୍ ରହିଥିବାରୁ ଏହା ହାଡ଼କୁ ମଜଭୁତ୍ କରିଥାଏ । ଦିନକୁ ଏକ କପ୍ ସପୁରୀ ରସ ପିଇଲେ ଶରୀର ଆବଶ୍ୟକ କରୁଥିବା ମ୍ୟାଗ୍ନେସିୟମ୍ର ୭୫% ମିଳିଥାଏ । ହଜମ ଶକ୍ତିବୃଦ୍ଧିରେ ସପୁରି ସହାୟକ ହୋଇଥାଏ ।

ମଧୁମେହ ପାଇଁ ସପୁରି ଉପଯୋଗୀ । ୧୦୦ଗ୍ରାମ୍ ସପୁରି ରସ ସହ ଅଁଳା ମଞ୍ଜି, ଜାମୁ ମଞ୍ଜିରୁ ୧୦ଗ୍ରାମ୍ ଲେଖାଏଁ ଭଲ ଭାବରେ ଗୁଣ୍ଡ କରି ମିଶାଇ ଦିନକୁ ଦୁଇଥର ପିଇଲେ ମଧୁମେହ ରୋଗ ଭଲ ହୋଇଥାଏ ।



ପିଲାଙ୍କ ପେଟରେ କୃମି ହେଲେ ସପୁରି କନ୍ଦା ରସ ପିଇବାକୁ ଦେଲେ କୃମି ରୋଗ ଭଲ ହୋଇଥାଏ ।

## ଶରୀରକୁ ଶକ୍ତି ଯୋଗାଏ ଏସବୁ ଖାଦ୍ୟ





**ଏବର ଜୀବନ ଶୈଳୀରେ ବଢୁଥିବା ପିଢ଼ିର ପ୍ରମୁଖ ଅସୁବିଧା ହେଉଛି ସେମାନଙ୍କୁ ଶୀଘ୍ର ଥକା ଲାଗୁଛି । ଏଣୁ ଖାଦ୍ୟ ବିଶେଷଜ୍ଞଙ୍କ ମତରେ ଖାଦ୍ୟାପାନୀୟ ପ୍ରତି ସଚେତନ ହେଲେ ଏସବୁ ଅସୁବିଧା ଦୂର ହୋଇଯିବ ।**





ଆଭାକୋଡୋ:- ଏବେ ବିଭିନ୍ନ ମୂଲ୍ୟରେ ଏହି ଫଳଟି ସହଜରେ ଉପଲବ୍ଧ ହେଉଛି । ଭିଟାମିନ୍ ବି ଓ ସି’ରେ ଭରପୂର ଏହି ଫଳ ଖାଇଲେ ଶରୀରକୁ ଶକ୍ତି ମିଳିବା ସହ ମସ୍ତିଷ୍କ ଭଲଭାବେ କାର୍ଯ୍ୟ କରିଥାଏ ।

ଷ୍ଟ୍ରବେରୀ:- ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ଏହି ଫଳଟି ଲବେ ଭାରତୀୟ ଭଜାରରେ ସହଜରେ ମିଳୁଛି । ନିୟମିତ ଏହାକୁ ଖାଇଲେ ମଧ ଶରୀରକୁ ପ୍ରଚୁର ପରିମାଣରେ ଶକ୍ତି ମିଳିଥାଏ ।

ବ୍ଲୁବେରୀ:- ଏହି ବିଦେଶୀ ଫଳ ମଧ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ସହ ପ୍ରତ୍ୟେକ ଅଙ୍ଗକୁ ଉତ୍ତମ ଭାବେ କାର୍ଯ୍ୟକ୍ଷମ କରାଏ ।

ବ୍ରୋକୋଲି:- ସାଲାଡ ଭାବେ ନିୟମିତ ଏହି ପରିବାକୁ ଖାଇଲେ କିମ୍ବା ଏହାକୁ ସିଝାଇ ଖାଇଲେ ଶରୀର ଉପରେ ଉତ୍ତମ ପ୍ରଭାବ ପଡ଼େ ।

ପାଳଙ୍ଗ ଶାଗ:- କ୍ୟାଲେରୀ, ପୋଟିନ୍ ଭରପୂର ପାଳଙ୍ଗ ଶାଗ ନିୟମିତ ଖାଇଲେ ଶରୀରକୁ ଶକ୍ତି ମିଳିବା ସହ ତ୍ୱଚା ଓ କେଶ ପାଇଁ ମଧ ଉପକାରୀ ।



## ହେମୋଗ୍ଲୋବିନ୍ ବୃଦ୍ଧି କରାଇବାର ସରଳ ଉପାୟ



ଶରୀରରେ ହେମୋଗ୍ଲେବିନର ପର୍ଯ୍ୟପ୍ତ ମାତ୍ରା ରହିବା ନିତାନ୍ତ ଜରୁରୀ । ଏହା ଦ୍ୱାରା ଆମ ମୁଖ୍ୟ ଅଙ୍ଗ ମସ୍ତିଷ୍କ, ବୃକକ୍, ହୃଦଯନ୍ତ୍ର ଉତ୍ତମ ଭାବରେ କାମ କରିଥାଏ ବୋଲି ବିଶେଷଜ୍ଞଙ୍କ ମତ ।

ହେକୋଗ୍ଲୋବିନର ମାତ୍ରା କମ୍ ହେଲେ ଖଦ୍ୟପାନୀୟରେ ଅନିୟମିତତା ସମସ୍ୟା ଆରମ୍ଭ ହୋଇଥାଏ । ରୋଗୀ ସବୁ ସମୟରେ ହାଲିଆ ଅନୁଭବ କରିବା ସହ କାର୍ଯ୍ୟ କରିବାର କ୍ଷମତା ନଥାଏ । ତେବେ ଏଥିପାଇଁ କୌଣସି ଔଷଧ ସେବନ କରିବା ପୂର୍ବରୁ ପ୍ରଥମେ ସରଳ ଉପାୟ ଆମ୍ଭ କରନ୍ତୁ । ପ୍ରତ୍ୟେକଙ୍କ ଘରେ ତୁଳସୀ ଗଛ ଥାଏ । ଏଣୁ ନିୟମିତ ଭାବେ ୫.୬ଟି ତୁଳସୀ ପତ୍ର ଚୋବାଇ ଖାଆନ୍ତୁ । ନଚେତ୍ ତୁଳସୀପତ୍ରକୁ ଛେଚି କୌଣସି ପାନୀୟ ଅଥବା ଚା’ରେ ମିଶାଇ ପିଅନ୍ତୁ । ମାସ କେଇଟାରେ ହିଁ ହେମୋଗ୍ଲୋବିନ୍ ସମସ୍ୟା ଦୂର ହେବ ।

ପାଚିଲା ପିଜୁଳିରେ ଲୌହ ତତ୍ତ୍ୱ ଭରପୂର ରହିଥାଏ । ନିୟମିତ ଭାବେ ଗୋଟଏ କିମ୍ବା ଦୁଇଟି ପିଜୁଳି ଖାଇଲେ ମଧ ରକ୍ତହୀନତା ସମସ୍ୟା ଦୂର ହେଉଥିବାର ବିଶେଷଜ୍ଞଙ୍କ ମତ । ଅଙ୍ଗୁର ନାସପାତି ନଡ଼ିଆପାଣି, ପାଳଙ୍ଗଶାଗ, ଜାମୁକୋଳି, ଗୁଡ଼ ଇତ୍ୟାଦି ସେବନ କଲେ ମଧ ହେମୋଗ୍ଲୋବିନ୍ ମାତ୍ରା ଶରୀରରେ ଶୀଘ୍ର ବୃଦ୍ଧି ହୋଇଥାଏ ବୋଲି ବିଭିନ୍ନ ଗବେଷଣାରୁ ପ୍ରକାଶ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପିଲାଙ୍କ ପାଠପଢ଼ା...

କରୋନା ବା କୋଭିଡ୍-୧୯ ମହାମାରୀର ନୂଆ ଭାରିଆଂଟ ଓମିକ୍ରନ୍ ସହିତ ଏହାର ଅନ୍ୟାନ୍ୟ ଭାରିଆଂଟଗୁଡ଼ିକର ପ୍ରାଦୁର୍ଭାବ ବର୍ତ୍ତମାନ ମଧ୍ୟ ଦେଶରେ ବଜାୟ ରହିଛି। ଏବେ ଚାଲିଛି ତୃତୀୟ ଲହର। ତେବେ ପ୍ରାଥମିକ ଅବସ୍ଥାରେ ଏହି ମହାମାରୀକୁ ନେଇ, ବିଶେଷକରି ଦ୍ୱିତୀୟ ଲହର ସମୟରେ ଯେଉଁ ପ୍ରକାରର ଆତଙ୍କିତ ଅବସ୍ଥା ସୃଷ୍ଟି ହୋଇଥିଲା, ବର୍ତ୍ତମାନ ସେପରି କ୍ୱଚିତ୍ ଅଛି। ଏହାର କାରଣ ଜନ ସଚେତନତା ସାଙ୍ଗକୁ ଟିକାକରଣ ଏବଂ ସମ୍ମୁଖ ଭାଗର ଯୋଦ୍ଧା ଏବଂ ବୟସ୍କ ଲୋକମାନଙ୍କୁ ଟିକାର ବୁଷ୍ଟର ଡୋଜ୍ ପ୍ରଦାନ କରିବାକୁ ସରକାରଙ୍କ ନିଷ୍ପତ୍ତି। ତଥାପି ପ୍ରତି ଦିନ ଦେଶରେ ଅଢ଼େଇ ଲକ୍ଷରୁ ଅଧିକ ସଂଖ୍ୟକ ଲୋକ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହେବାର ପରିସଂଖ୍ୟାନ କିଛି କମ୍ କଥା ନୁହେଁ। ମହାମାରୀର ଦ୍ୱିତୀୟ ଲହର ସମୟରେ ଯେଉଁ ସଂଖ୍ୟକ ସଂକ୍ରମଣ ପରିଲକ୍ଷିତ ହେଉଥିଲା, ଏହି ସଂଖ୍ୟା ତା'ଠାରୁ ବିଶେଷ ଦୂର ନୁହେଁ କହିଲେ ଅତ୍ୟୁକ୍ତି ହେବନାହିଁ। ଆଉ ଏହି କାରଣରୁ ହିଁ ବିଭିନ୍ନ ରାଜ୍ୟରେ ପ୍ରଶାସନଗୁଡ଼ିକ ପରିସ୍ଥିତିକୁ ଦେଖି ଲକଡାଉନ୍ ଇତ୍ୟାଦି ଜାରି କରୁଛନ୍ତି। ତେବେ ଯଦି ସେମିତି କିଛି ବଡ଼ ଧରଣର ବିପତ୍ତି ପଡୁନାହିଁ, ତା'ହେଲେ ଯେ କୌଣସି ସଂଖ୍ୟା ମଧ୍ୟ ତା'ର ଗୁରୁତ୍ୱ ହରାଇ ବସିଥାଏ। କହିବାର ତାତ୍ପର୍ଯ୍ୟ-ଓମିକ୍ରନ୍‌କୁ ନେଇ ଯେଉଁ ଆଶଙ୍କା ଦେଖା ଦେଇଥିଲା ଯେ ଏହା ଦ୍ରୁତ ଗତିରେ ସଂକ୍ରମିତ ହେଉଥିବାରୁ ଅଧିକ ସଂଖ୍ୟକ ଲୋକ ହସ୍ପିଟାଲରେ ଭର୍ତ୍ତି ହେବେ ଏବଂ ମୃତ୍ୟୁହାର ଢ଼େର ଅଧିକ ହୋଇପାରେ, ତାହା ଏଯାବତ୍ ସମ୍ପୂର୍ଣ୍ଣ ସତ୍ୟ ହୋଇନାହିଁ। ଯେଉଁ ରାଜ୍ୟଗୁଡ଼ିକରେ ସମ୍ପ୍ରତି ମହାମାରୀର ଏଇ ଲହର ଅଧିକ ଲୋକଙ୍କୁ ସଂକ୍ରମିତ କରିଛି ବା କରିବା ସ୍ଥିତିରେ ରହିଛି, ରିପୋର୍ଟ ଅନୁସାରେ ସେସବୁ ରାଜ୍ୟରେ ହସପିଟାଲମାନଙ୍କରେ ଉପଲବ୍ଧ ଶଯ୍ୟାଗୁଡ଼ିକ ମଧ୍ୟରୁ ୯୫ ପ୍ରତିଶତ ଖାଲି ଅଛି। ପରନ୍ତୁ ଏହାର ଅର୍ଥ ନୁହେଁ ଯେ ଓମିକ୍ରନ୍‌ର ପ୍ରଭାବ ମୃଦୁ ବା ସାମାନ୍ୟ ଅବସ୍ଥାରେ ରହିଛି କିମ୍ବା ଯେଉଁମାନେ ଟିକାର ଦୁଇଗୋଟିଯାକ ଡୋଜ୍ ନେଇ ସାରିଛନ୍ତି, ସେମାନେ ସଂକ୍ରମିତ ହେବାର ଆଦୌ ଆଶଙ୍କା ନାହିଁ, ସେମାନେ ପ୍ରାକ୍-ମହାମାରୀ ଅବସ୍ଥା ଭଳି ବେପରୁଆ ହୋଇ ବୁଲାଚଲା କରିପାରିବେ। କିନ୍ତୁ ଏକଥା ସତ ଯେ ସଂକ୍ରମିତ ହେଉଥିବା ବ୍ୟକ୍ତିମାନେ ସମସ୍ତେ ହସ୍ପିଟାଲରେ ଭର୍ତ୍ତି ହେବା ଆବଶ୍ୟକ କରୁନାହାଁନ୍ତି ଏବଂ ଟିକାଗୁଡ଼ିକ ବର୍ତ୍ତମାନ ସୁଦ୍ଧା ସାଂଘାତିକ ଅସୁସ୍ଥତାରୁ ଲୋକମାନଙ୍କୁ ରକ୍ଷା କରିବାରେ ଅନେକାଂଶରେ ସମର୍ଥ ହୋଇଛନ୍ତି। ନିଃସନ୍ଦେହରେ କୁହାଯାଇପାରେ ଯେ ବିଭିନ୍ନ ରାଜ୍ୟ ସରକାର ଏସବୁକୁ ବିଚାରକୁ ନେଉଛନ୍ତି, ଯେଉଁଥିପାଇଁ ସେମାନେ ସେମାନଙ୍କ ନିଜ ନିଜ ରାଜ୍ୟରେ କଟକଣାକୁ କୋହଳ କରି ବ୍ୟବସାୟିକ ପ୍ରତିଷ୍ଠାନଠାରୁ ଆରମ୍ଭ କରି କଳକାରଖାନା ଇତ୍ୟାଦି ଖୋଲିବାକୁ ଅନୁମତି ପ୍ରଦାନ କରୁଛନ୍ତି।

ତେବେ ବିଗତ ଦୁଇ ବର୍ଷ ଭିତରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ସ୍କୁଲ କଲେଜରେ ଅଧ୍ୟୟନ କରୁଥିବା ପିଲାମାନେ। ସ୍କୁଲଗୁଡ଼ିକ ଏବେ ସୁଦ୍ଧା ଅଧିକାଂଶ ସ୍ଥାନରେ ବନ୍ଦ ରହିଛି ଏବଂ ପ୍ରଶାସକମାନେ ସେଗୁଡ଼ିକୁ ଖୋଲିବା ପାଇଁ ଅନୁମତି ପ୍ରଦାନ କରିବାକୁ କୁଣ୍ଠିତ ହେଉଛନ୍ତି। ଏହାର କାରଣ-ଅଧିକାଂଶ ପିଲା ଟିକା ନେଇ ନାହାନ୍ତି। ଇଣ୍ଡିଆନ୍ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ ଏବଂ ସ୍ୱାଧୀନ ବିଶେଷଜ୍ଞମାନଙ୍କ ଦ୍ୱାରା କରାଯାଇଥିବା ସିରୋଲୋଜି ସର୍ଭେରୁ ଜଣାପଡ଼ିଛି ଯେ ୭୦ ପ୍ରତିଶତରୁ ଅଧିକ ସଂଖ୍ୟକ ପିଲାଙ୍କ ଶରୀରରେ କୋଭିଡ୍-୧୯ ଆଂଟିବଡ଼ି ରହିଛି। ପ୍ରାପ୍ତ ବୟସ୍କମାନଙ୍କଠାରୁ ଏହା କୌଣସି ଦୃଷ୍ଟିରୁ ଭିନ୍ନ ନୁହେଁ। ସମାନ ଧରଣର ଅନ୍ୟାନ୍ୟ ଗବେଷଣାଗୁଡ଼ିକରୁ ମଧ୍ୟ ଜଣାପଡ଼ିଛି ଯେ ପିଲାମାନେ ଯଦିଓ ସଂକ୍ରମିତ ହେବାର ତଥା ସଂକ୍ରମଣର ବାହକ ହେବାର ଯଥେଷ୍ଟ ସମ୍ଭାବନା ରହିଛି, ତେବେ ସେମାନେ ସାଂଘାତିକ ଅସୁସ୍ଥ ହେବାର ସମ୍ଭାବନା ଯଥେଷ୍ଟ କମ୍। ଏହି ପରିପ୍ରେକ୍ଷୀରେ ପିଲାମାନଙ୍କ ସ୍କୁଲ ଖୋଲିବା କଥାକୁ ବିଚାରକୁ ନିଆଯିବା ଉଚିତ, ଯେହେତୁ ମହାମାରୀ ଇତି ମଧ୍ୟରେ ପିଲାମାନେ ଗୁଣାତ୍ମକ ଶିକ୍ଷା ଗ୍ରହଣରୁ କେବଳ ବଂଚିତ ହୋଇ ନାହାନ୍ତି, ବରଂ ସେମାନଙ୍କ ମଧ୍ୟରେ ଶିକ୍ଷା ଗ୍ରହଣରେ ଅସମାନତା ସୃଷ୍ଟି ହୋଇଛି। କାରଣ, ଯେଉଁମାନେ ସ୍ୱଚ୍ଛଳ ବର୍ଗର ପିଲା, ସେମାନେ ଅନ୍‌ଲାଇନ୍‌ରେ ପାଠ ପଢ଼ିବାର ସୁଯୋଗ ପାଇଥିବା ବେଳେ ଅଧିକାଂଶ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀର ପିଲାମାନଙ୍କ କ୍ଷେତ୍ରରେ ତାହା ସମ୍ଭବପର ହୋଇନାହିଁ। ପୁନଶ୍ଚ, କେବଳ ଏହି ପାଠପଢ଼ା ପାଇଁ ନୁହେଁ, ଆର୍ଥିକ ଦୁର୍ବଳ ଶ୍ରେଣୀର ପିଲାମାନେ ପୋଷକ ତତ୍ତ୍ୱସମ୍ପନ୍ନ ଖାଦ୍ୟ ଆହାର କରିବା ନିମନ୍ତେ ମଧ୍ୟ ସ୍କୁଲ ଉପରେ ନିର୍ଭର କରିଥାନ୍ତି। ତେଣୁ ସଂକ୍ରମଣର ସମ୍ଭାବନା ପରିପ୍ରେକ୍ଷୀରେ ବିଚାର କରାଯିବା ସହିତ ବିବେକ ଦୃଷ୍ଟିରୁ ବିଚାର କରାଗଲେ ସ୍କୁଲଗୁଡ଼ିକ ବନ୍ଦ ରଖାଯିବା କ୍ୱଚିତ୍ ସମୀଚୀନ ମନେହୁଏ। ଏକଥା ସତ ଯେ କୋଭିଡ୍-୧୯ ମହାମାରୀ ସମ୍ପୂର୍ଣ୍ଣ ରୂପେ ଲୋପ ପାଇ ଯାଇନାହିଁ ଏବଂ ଆଗକୁ ଯେ ଆଉ ଲହର ନ ଆସିବ, ତାହା କହିହେବ ନାହିଁ। କିନ୍ତୁ ଏହା ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ ଯେ ପୂର୍ବ ତୁଳନାରେ ବର୍ତ୍ତମାନ ଲୋକମାନେ ସମସ୍ତେ ମହାମାରୀକୁ ସାମନା କରିବାକୁ ପ୍ରସ୍ତୁତ ହୋଇସାରିଛନ୍ତି ଏବଂ ଜୀବନ ବଂଚାଇବା ନିମନ୍ତେ ଯାହା କିଛି କରାଯାଇପାରିବ, ସେ ସମ୍ପର୍କରେ ସଚେତନ ହୋଇଛନ୍ତି।

# ଭଡାରେ ସେନାବାହିନୀ

ସୌମେନ୍ଦ୍ର ଜେନା

ବିଗତ ଦିନରେ ନୂଆଦିଲ୍ଲୀର ସୀମାରେ ଚାଲିଥିବା ଚାଷୀ ଆନ୍ଦୋଳନକୁ ଅକସ୍ମାତ ବନ୍ଦ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇ କୃଷି ଆଇନର ପ୍ରତ୍ୟାହାର ଘୋଷଣା କରିବା ଲାଗି କହିଲା ବେଳେ ତାହା ଦେଶରେ ମିଶ୍ରିତ ପ୍ରତିକ୍ରିୟା ସୃଷ୍ଟି କରିଥିଲା । ପାଖାପାଖି ବର୍ଷେକାଳ ଚାଲିଥିବା ଆନ୍ଦୋଳନକୁ ଆଗକୁ ବଢିବାକୁ ନଦେଇ ସରକାର କାହିଁକି ପଛକୁ ଫେରିଲେ ସେ ନେଇ ଅନେକ ସମୀକ୍ଷକଙ୍କ ଭ୍ରୁକୁଞ୍ଚନ ହୋଇଥିଲା । କେହି କେହି ସରକାରଙ୍କୁ ସମାଲୋଚନା କଲାବେଳେ କେହି କେହି ସେହି ପଦକ୍ଷେପକୁ ରାଜ୍ୟଗୁଡିକର ବିଧାନସଭା ନିର୍ବାଚନ ପୂର୍ବରୁ ସରକାରଙ୍କ ପରାଜୟ ବୋଲି କହିବାକୁ ପଛାଇଲେ ନାହିଁ । କିନ୍ତୁ ଅସଲ କଥା ହେଉଛି ଦେଶରେ ଚାଲିଥିବା ଚାଷୀ ଆନ୍ଦୋଳନ ନାମରେ ନିର୍ବାଚନ ପୂର୍ବରୁ ଅସ୍ଥିରତା ସୃଷ୍ଟି କରିବାକୁ ବିଦେଶୀ ଭଡାଟିଆ ସେନାବାହିନୀଙ୍କ ସହ ମୂଳଚାଲ ହେଉଥିବା ନେଇ ଗୋଇନ୍ଦା ଖବର କେନ୍ଦ୍ର ସରକାର ପାଇବାପରେ ବର୍ତ୍ତମାନ ପାଇଁ ଆନ୍ଦୋଳନକୁ ବନ୍ଦ କରିବା ପାଇଁ ବାଟ ତିଆରି କଲେ । କାରଣ ଏବେ ପୃଥିବୀରେ ଆଖିକୁ ଦେଖାଯାଉଥିବା ଗଣଆନ୍ଦୋଳନଗୁଡିକ ଦଳ ବା ସଂଗଠନଗୁଡିକର ନିୟନ୍ତ୍ରଣରେ ହେଉନାହିଁ । ଅନେକ ସ୍ଥାନରେ ଆନ୍ତର୍ଜାତିକ ସ୍ତରରେ କାର୍ଯ୍ୟରତ ବିଭାଜନକାରୀ ଗୋଷ୍ଠୀ କିମ୍ବା ରାଷ୍ଟ୍ରର ନେତୃତ୍ୱ ସେହି ଆନ୍ଦୋଳନରୁ ଫାଇଦା ଉଠାଇବା ପାଇଁ ଷଡଯନ୍ତ୍ରରେ ସାମିଲ ହେଉଛନ୍ତି । ନିଜର ପ୍ରଶିକ୍ଷିତ ସେନା ବାହିନୀକୁ ଆନ୍ଦୋଳନକାରୀଙ୍କ ମଧ୍ୟରେ ସାମିଲ କରାଇ ବ୍ୟାପକ ହିଂସାକାଣ୍ଡ, ଲୁଟତରାଜ ଓ ରକ୍ତପାତର ମାର୍ଗକୁ ପ୍ରଶସ୍ତ କରାଉଛନ୍ତି । ଯାହାଫଳରେ ଅନେକ ଦେଶରେ ସାଧାରଣ ଜନତାଙ୍କ ଆନ୍ଦୋଳନ ସେମାନଙ୍କ ହାତରୁ ବାହାରି ଏହିସବୁ ଗୋଷ୍ଠୀଙ୍କ ହାତକୁ ଚାଲିଯାଉଛି ।

ନିକଟରେ ଜାନୁଆରୀ ମାସର ପ୍ରଥମ ସପ୍ତାହରେ କାଜାଖସ୍ଥାନରେ ହୋଇଥିବା ହିଂସାମୁଖୀ ଆନ୍ଦୋଳନରେ ଏମିତି ଷଡଯନ୍ତ୍ର ଦୃଷ୍ଟିକୁ ଆସିଥିଲା । କାଜାଖସ୍ଥାନର ରାଷ୍ଟ୍ରପତି ଯାହାକୁ ଦେଶବାହାର ସନ୍ତ୍ରାସୀ ଗୋଷ୍ଠୀଙ୍କ କାର୍ଯ୍ୟ ବୋଲି କହିଥିଲେ । ସମ୍ଭବତଃ ତୁର୍କୀର ସାଦତ ଗୋଷ୍ଠୀର ସଂପୃକ୍ତି ଏହି ଆନ୍ଦୋଳନକାରୀଙ୍କ ସହ ରହିଥିବା ଅନୁମାନ କରାଯାଉଛି । କାରଣ ଆଫ୍ରିକା, ମଧ୍ୟ ଏସିଆ ଏବଂ ଇଉରୋପରେ ତୁର୍କୀର ଏହି ଭଟାଡିଆ ସେନା ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରୁଛନ୍ତି । ଠିକ୍ ସେମିତି ଗତବର୍ଷ ଜୁଲାଇ-ଅଗଷ୍ଟ ମାସରେ ଆଫଗାନିସ୍ଥାନରେ କ୍ଷମତା ପରିବର୍ତ୍ତନ ଏବଂ ଆମେରିକା ସେନାଙ୍କ ଆକସ୍ମିକ ପଳାୟନ ନେଇ ଅନେକଙ୍କ ସନ୍ଦେହ ହୋଇଥିଲା । ଅସ୍ତ୍ରଶସ୍ତ୍ର, ଗୁଳିଗୋଳା, ଯୁଦ୍ଧବାହନ ଆଦି ଆଫଗାନିସ୍ଥାନରେ ଛାଡି ଯେମିତି ଆମେରିକା ସେନା ଘୋଷିତ ସମୟର ପନ୍ଦିରଦିନ ପୂର୍ବରୁ ନିଜ ଦେଶକୁ ଚାଲିଗଲେ ଆଉ କୌଣସି ବଡ ପ୍ରତିରୋଧରେ ତାଲିବାନ ସନ୍ତ୍ରାସବାଦୀ ଦେଶକୁ ଦଖଲ କରିନେଲେ ତାହା ଅନେକଙ୍କୁ ଚକିତ କରିଥିଲା । ସେହି ଦଖଲ ପଛରେ ବିଦେଶୀ ଭଡାଟିଆ ସେନାବାହିନୀଙ୍କ ହାତ ରହିଥିବାର ପରେ ଜଣାପଡିଲା । ଆଫଗାନିସ୍ଥାନ ଦଖଲ ପାଇଁ ତାଲିବାନ ସମ୍ମୁଖରେ ଥିଲେ ମଧ୍ୟ ସେମାନଙ୍କ ପରିଚାଳନା, ରଣକୌଶଳ, ଆକ୍ରମଣ ଆଦି କାର୍ଯ୍ୟରେ ବିଦେଶୀ ଭଡାଟିଆ ସେନା ରହିଥିଲେ ବୋଲି ଜଣାପଡିଛି । ସେମିତି ୨୦୨୦ରେ ଆର୍ମେନିଆ-ଆଜରବୈଜାନ ଯୁଦ୍ଧରେ ମଧ୍ୟ ବିଦେଶୀ ଭଡାଟିଆ ସେନା ପ୍ରମୁଖ ଭୂମିକାରେ ରହିଥିବା ଖବର ଦୃଷ୍ଟିକୁ ଆସିଲାଣି । ତୁର୍କୀ ଓ ପାକିସ୍ଥାନର ଭଡାଟିଆ ଅଧିକାରୀ ଆଜରବୈଜାନ ଯୁଦ୍ଧ ପରେ ନିଜ ନିଜ ସେନାଙ୍କୁ ଆଫଗାନିସ୍ଥାନ ଦଖଲ କରିବାକୁ ନିୟୋଜିତ କରିଥିଲେ ବୋଲି ଜଣାପଡିଛି । ଗଣତାନ୍ତ୍ରିକ ସରକାରକୁ କ୍ଷମତାରୁ ହଟାଇ ପୁତ୍ତଳିକା ସରକାରଙ୍କୁ କ୍ଷମତାକୁ ଆଣିବାକୁ ଏହି ସେନାବାହିନୀ ଏବେ ଭିନ୍ନ ଭିନ୍ନ ଦେଶରେ ରାଜନୈତିକ ଅସ୍ଥିରତା ସୃଷ୍ଟି କରିବାରେ ବ୍ୟସ୍ତ । ଆଫ୍ରିକାର ଅନେକ ଛୋଟ ଛୋଟ ଦେଶ ଏହି ଭଡାଟିଆ ସେନାବାହିନୀଙ୍କ ପାଇଁ ବାରମ୍ବାର ଅସ୍ଥିରତାକୁ ସାମ୍ନା କରୁଛନ୍ତି । ଦଶବର୍ଷ ପୂର୍ବେ ଆରବ ଜଗତରେ ଆରମ୍ଭ ହୋଇଥିବା ବସନ୍ତର ବିପ୍ଲବ ପଛରେ ଏହି ସେନାବାହିନୀ ରହିଥିଲେ, ଯେଉଁମାନେ ଭିନ୍ନ ଭିନ୍ନ ରାଷ୍ଟ୍ରରେ ସେଠାକାର ସରକାରଙ୍କୁ କ୍ଷମତାରୁ ହଟାଇବାକୁ ସକ୍ଷମ ହୋଇଥିଲେ ।

ଅତୀତ କାଳରେ ରାଜା-ମହାରାଜା ଏବଂ ସାମନ୍ତ ରାଜାମାନେ ଏମିତି ଭଡାଟିଆ ସେନାଙ୍କୁ ବ୍ୟବହାର କରୁଥିଲେ । ଏବେ ଲୋକଙ୍କୁ ଦମନ କରିବା ପାଇଁ ସେମିତି ଆମେରିକା ଓ ରୁଷିଆ ନିଜର ଲକ୍ଷ୍ୟସାଧନ ପାଇଁ ସେନାଙ୍କୁ ବ୍ୟବହାର ନକରି ଭଡାଟିଆ ସେନାବାହିନୀ ବା ବେସରକାରୀ ସେନାଙ୍କୁ ଉପଯୋଗ କରୁଛନ୍ତି । ଇରାକ୍, ସିରିଆ, ଆଫଗାନିସ୍ଥାନ ଆଦି ଦେଶରେ ଠିକାଦାରମାନଙ୍କ ଦ୍ୱାରା ପରିଚାଳିତ ଭଡାଟିଆ ସେନା ସରକାରଙ୍କ ନିର୍ଦ୍ଦେଶରେ ଲଢିଥିବା ବିଷୟ ସମସ୍ତଙ୍କୁ ଜଣାଅଛି । ଆଜିର ସମୟରେ କମ୍ପାନୀସେନା ବା ଭଡାଟିଆ ସେନାବାହିନୀ ହଜାର ହଜାର କୋଟିର ବ୍ୟବସାୟରେ ପରିଣତ ହୋଇଛି । ଏହି ଭଡାଟିଆ ଯବାନମାନେ ଟଙ୍କା ପାଇଁ ଠିକାଦାର କିମ୍ବା କମ୍ପାନୀ ପାଇଁ ନିୟମିତ ସେନାପରି ଲକ୍ଷ୍ୟନେଇ କାର୍ଯ୍ୟ କରିଥାନ୍ତି । ଏମାନେ ଦେଶପ୍ରତି ନୁହେଁ ନିଜର ନିଯୁକ୍ତିଦାତା ପ୍ରତି ଅନୁରକ୍ତ ରହିଥାନ୍ତି । କାର୍ଯ୍ୟରେ ସ୍ୱଚ୍ଛତା, ଦାୟିତ୍ୱବୋଧ, ମାନବିକତା, ରାଜନୈତିକ ସମ୍ମତିର କୌଣସି ମୂଲ୍ୟ ଏମାନଙ୍କ ନିକଟରେ ନଥାଏ । ଏମାନେ ରାଷ୍ଟ୍ର ପ୍ରେମ ନୁହେଁ ଅର୍ଥ ପ୍ରତି ଶ୍ରଦ୍ଧାକୁ ନେଇ ସଂଘର୍ଷରେ ସାମିଲ ହୋଇଥାନ୍ତି । ଜାତିସଂଘର ଆଇନ ଅନୁସାରେ ବେସରକାରୀ ସେନାବାହିନୀ, ସେନା ଠିକାଦାରୀ ଆଦି ବେଆଇନ ହୋଇଥିଲେ ମଧ୍ୟ ଏବେ ତାହା ୧୦୦ ବିଲିଅନ ଡଲାରର ବ୍ୟବସାୟରେ ପରିଣତ ହୋଇଛି । ଆମେରିକାର ଏମିତି ଏକ ସେନାବାହିନୀ କମ୍ପାନୀ ଏକାଡେମୀ ନାମରେ ରହିଛି ଯାହାର ଯବାନମାନେ ବ୍ଲାକ ୱାଟର ନାମରେ କାର୍ଯ୍ୟକରିଛନ୍ତି । ୨୬ଡିସେମ୍ବର ୧୯୯୬ରେ ଆମେରିକାର ପୂର୍ବତନ ନୌସେନା ଅଧିକାରୀ ଏରିକ ପ୍ରିନ୍ସଙ୍କଦ୍ୱାରା ବ୍ଲାକୱାଟର ସଂସ୍ଥା ଆରମ୍ଭ ହୋଇଥିଲା । ୨୦୦୯ରେ ଏହା ଏକ୍ସଇ ସର୍ଭିସେସ୍ ଏବଂ ୨୦୧୧ ଠାରୁ ଏହା ଏକାଡେମୀ ନାମରେ କାର୍ଯ୍ୟକରୁଛି । ୨୦୦୭ରେ ଏହାର ଯବାନମାନେ ଇରାକର ରାଜଧାନୀ ବାଗ୍‌ଦାଦ୍‌ର ନିସୋର ସ୍କୋୟାରଠାରେ ୧୭ଜଣ ସାଧାରଣ ନାଗରିକଙ୍କୁ ଆଖିବୁଜା ଗୁଳିକରି ହତ୍ୟା କରିବା ସହ ୨୦ଜଣଙ୍କୁ ଆହତ କରିଥିଲେ । କିନ୍ତୁ ଏହି ହତ୍ୟାକାରୀ ଯବାନମାନଙ୍କୁ ୨୨ଡିସେମ୍ବର ୨୦୨୦ରେ ଡୋନାଲଡ୍ ଟ୍ରମ୍ପଙ୍କ ସରକାର ସାତଖୁଣ ମାଫ୍‌କରି ଛାଡି ଦେଇଥିଲେ । ଭର୍ଜିନିଆ ରାଜ୍ୟର ସନ୍‌ରାଇଜ ଭାଲୀ ଠାରେ ଏହି ସଂସ୍ଥାର ମୁଖ୍ୟ କାର୍ଯ୍ୟାଳୟ ରହିଛି । କେଗ୍ର ନିକ୍‌ସନ୍ ଏବଂ ଆଲେନ୍ ସ୍କାଫର ଏହି ସଂସ୍ଥାକୁ ଏବେ ଚଳାଉଛନ୍ତି । ଆମେରିକାର ଗୋଇନ୍ଦା ସଂସ୍ଥା ସିଆଇଏ ପାଇଁ ୨୦୦୩ରୁ ଏହି ସଂସ୍ଥା ସେବା ଯୋଗାଇ ଦେଇଆସିଛି । ୨୦୧୩ରେ ସଂସ୍ଥା ପ୍ରାୟ ୯୨ ମିଲିଅନ ଡଲାରର ଠିକା ସୁରକ୍ଷା ବାବଦକୁ ଆମେରିକାର ସରକାରଙ୍କଠାରୁ ପାଇଥିଲା । ୨୦୧୪ରୁ ଏହ ସଂସ୍ଥା କନ୍‌ଷ୍ଟେଲିସ୍ ଗ୍ରୁପରେ ମିଶି କାର୍ଯ୍ୟ କରୁଛି । ୨୦୧୫ରେ ୟେମେନରେ ହୁଥୀ ବିଦ୍ରୋହୀଙ୍କ ବିରୋଧରେ ଲଢିବା ପାଇଁ ଏମିରେଟ ସରକାର ଅଷ୍ଟ୍ରେଲିଆର ଜଣେ କମାଣ୍ଡରଙ୍କ ନେତୃତ୍ୱରେ କଲମ୍ବିଆରୁ ଯେଉଁ ଭଡାଟିଆ ସେନା ନେଇଥିଲେ ସେମାନଙ୍କ ମଧ୍ୟରୁ ୬ଜଣଙ୍କର ମୃତ୍ୟୁ ହୋଇଥିବା ଖବର ଜଣାପଡିଥିଲା । ୧୭ ଜାନୁଆରୀ ୨୦୧୬ରେ ହୁଥୀ ନେତା ଅଲି ଅଲହୁଥୀ ପ୍ରକାଶ କରିଥିଲେ ଯେ ସେମାନଙ୍କ ଟୋଚ୍‌କା କ୍ଷେପଣାସ୍ତ୍ର ସାଉଦି ନେତୃତ୍ୱରେ ପରିଚାଳିତ ବାହିନୀକୁ ମାରିବଠାରେ ଆଘାତ କରିଥିଲା ଯେଉଁଥିରେ ୧୨୦ରୁ ଅଧିକ ଭଡାଟିଆ ସେନା, ୯ସାଉଦି ଅଧିକାରୀ, ୧୧ ଏମିରେଟ ଅଧିକାରୀ, ୧୧ ବ୍ଲାକୱାଟର ଯବାନଙ୍କ ମୃତ୍ୟୁ ହୋଇଥିଲା । ଆମେରିକାର କୋଲୋନେଲ ନିକୋଲାସ ପେଟ୍ରାସଙ୍କର ମୃତ୍ୟୁ ମଧ୍ୟ କ୍ଷେପଣାସ୍ତ୍ର ମାଡ ଯୋଗୁ ହୋଇଥିଲା । ଇରାକ୍‌ରେ ଲଢିବା ପାଇଁ ପ୍ରାୟ ୩୨୦ ମିଲିଅନ ଡଲାର ଠିକା ବ୍ଲାକ୍ ୱାଟରକୁ ମିଳିଥିଲା ।୨୦୦୦୦ରୁ ୩୦୦୦୦ ଠିକାଦାରଙ୍କୁ ନେଇ କମ୍ପାନୀ ଇରାକ ଆକ୍ରମଣରେ ଲଗାଇଥିଲା ଯେଉଁଥିରେ ୨୧୦୦୦ ଅବସରପ୍ରାପ୍ତ ସ୍ପେସାଲ ଫୋର୍ସ ଓ ଆମେରିକାର ଯବାନ ସାମିଲ ଥିଲେ ।

ରୁଷିଆର ଏମିତି ଭଡାଟିଆ ସେନାବାହିନୀ ହେଲା ୱାଗନର ଗ୍ରୁପ୍ । ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କର ବ୍ୟବସାୟୀ ବନ୍ଧୁ ୟେଭଗେନୀ ପ୍ରିଗୋଟିନ୍ ଏହାର ପ୍ରତିଷ୍ଠାତା । ତେବେ ତାଙ୍କୁ ଲେଫ୍‌ଟନାଣ୍ଟ କୋଲୋନେଲ ଦିମିତ୍ରି ଉଟକିନ ଏବଂ କୋଲୋନେଲ କନଷ୍ଟାଣ୍ଟିନ ପିକାଲୋଭ ଏଥିରେ ସାହାଯ୍ୟ କରୁଛନ୍ତି । ୨୦୧୪ରୁ ଏହି କମ୍ପାନୀ ୧୦୦୦ ଯବାନଙ୍କୁ ନେଇ ଆରମ୍ଭ ହୋଇଥିଲା । ଡିସେମ୍ବର ୨୦୧୭ ବେଳକୁ ପ୍ରାୟ ୬୦୦୦ ଯବାନ କମ୍ପାନୀରେ କାର୍ଯ୍ୟ କରୁଥିଲେ ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# ବିଦ୍ୟାଳୟ ହେଉ ଦଣ୍ଡ ମୁକ୍ତ ପରିବେଶ

ପ୍ରତାପ ଚନ୍ଦ୍ର ସାହୁ

ଆମେ ସଭିଏଁ ମାଡ ଖାଇ ମଣିଷ ହେଇଛେ, ସତ କଥା । ଏ କଥା ଅପ୍ରିୟ ହେଲେ ବି ସମସ୍ତେ ମାନିବେ। କିନ୍ତୁ ଆଜି ଆଉ ସେ ସମୟ ନାହିଁ। ସମୟ ବଦଳି ଯାଇଛି। ୨୦୦୯ ମସିହାରେ ଶିକ୍ଷା ଅଧିକାର ନିୟମ ବଳରେ ବିଦ୍ୟାଳୟ ପରିସରକୁ ଦଣ୍ଡ ମୁକ୍ତ ଅଞ୍ଚଳ ଘୋଷଣା କରଜିବା ସାଙ୍ଗେ ସାଙ୍ଗେ ପିଲେ ଯେପରି ଭୟ ଶୂନ୍ୟ, ଚାପଶୂନ୍ୟ, ନିରାପଦ, ଦଣ୍ଡ ମୁକ୍ତ ଅଞ୍ଚଳରେ ଉଚ୍ଚମାନର ଶିକ୍ଷା ପାଇ ପାରିବେ ଓ ତା ସହ ବାଧ୍ୟତା ମୂଳକ ଶିକ୍ଷା ଓ ସମ୍ପୂର୍ଣ୍ଣ ମାଗଣା ଶିକ୍ଷା ପ୍ରାପ୍ତ ହୋଇ ପାଇବେ, ଏଇ ଆଇନରେ ବ୍ୟବସ୍ଥା ରହିଛି। ଏ ସବୁ ପାଇବା ତାଙ୍କର ମୌଳିକ ଅଧିକାର, ଏଥିରୁ ତାଙ୍କୁ କେହିବି ବଞ୍ଚିତ କରି ପାରିବେ ନାହିଁ। ଶୁନ୍‌ରୁ ଅଠରବର୍ଷ ବୟସର ସବୁ ପିଲା ଏଇ ସବୁ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଶିକ୍ଷା ଅଧିକାରରେ ଉଲ୍ଲେଖ ରହିଛି।

କୌଣସି ପରିସ୍ଥିତିରେ ବି ପିଲାଙ୍କୁ ଶାରୀରିକ ଦଣ୍ଡ ହେଉ କି ମାନସିକ ଚାପ କିମ୍ବା କୌଣସି ପ୍ରକାର ପ୍ରତ୍ୟକ୍ଷ କି ପରୋକ୍ଷ ନିର୍ଯ୍ୟାତନା ଦିଆ ଯାଇ ପାରିବ ନାହିଁ। ବେତ ବା ବାଡ଼ି ସ୍କୁଲ ହତା ମଧ୍ୟକୁ ନେଇ ଯାଇ ପାରିବ ନାହିଁ। ଏପରିକି ଗାଳି, ଗୁଳଜ, କାନ ଧରି ଗାଲରେ ଚାପୁଡା ମାରିବା, ଆଣ୍ଠେଇବା, ବେଞ୍ଚ୍ ଉପରେ ଠିଆ କରେଇବା ଏଇ ସବୁ ନିଷିଦ୍ଧ କରାଯାଇଛି । ବାହାରେ ବି ଏଇ ସବୁ ଦଣ୍ଡ ବିଧାନ କରାଯିବ ନାହିଁ। ଅନ୍ୟ ପିଲା ଦ୍ୱାରା ବି କୌଣସି ପିଲାଙ୍କୁ ଦଣ୍ଡ ଦିଆ ଯାଇପାରିବ ନାହିଁ। ପ୍ରଶ୍ନ ଉଠୁଛି ଯେ ଯେଉଁ ମାନେ ପିଲାଙ୍କୁ ଅନୁଶାସନ ଦୃଷ୍ଟିରୁ ପିଲାଙ୍କୁ ଦଣ୍ଡ ଦେଉଥିଲେ, ସେଇ ମାନେ ବର୍ତ୍ତମାନ ତାଙ୍କର ଆଚରଣ ଓ ଉଚ୍ଚାରଣରେ ପରିବର୍ତ୍ତନ କରିବାର ଆବଶ୍ୟକତା ଅଛି। ଏପରିକି ପିଲାଙ୍କୁ ଅତ୍ୟଧିକ ବହିପତ୍ର ନେଇ ଅସିବାକୁ କହିପାରିବେ ନାହିଁ। ଏହା ତାଙ୍କୁ ସ୍କୁଲ ବ୍ୟାଗ ବୋଝ ହୋଇଯିବ। ସ୍କୁଲ ବ୍ୟାଗ ବୋଝ ହେବାକୁ ହେବନି। ନୂତନ ଜାତୀୟ ଶିକ୍ଷା ନୀତିରେ ପିଲେ ଜାଣିବାକୁ ଚାହିଁବେ କଣ ଶିଖିବେ, କାହିଁକି ଶିଖିବେ ଓ କିପରି ଶିଖିବେ ? ଏଇ ସବୁ ପ୍ରଶ୍ନବାଚୀରେ ସେଇମାନଙ୍କର ପାଠ ପଢା ହେବ। ଛୋଟ ଛୋଟ ଗ୍ରୁପ ଜରିଆରେ ଛାତ୍ର/ଛାତ୍ରୀମାନଙ୍କୁ ବସାଇ ସେମାନେ ନିଜ ନିଜ ଭିତରେ ପ୍ରଶ୍ନ ଜରିଆରେ ଉତ୍ତର ଖୋଜି ବାହାର କରିବେ, ଶିକ୍ଷକ କେବଳ ଗାଇଡ କରିବେ । ଭାରତୀୟ ସମ୍ବିଧାନର ୮୬ ତମ ସଂଶୋଧନରେ ୨୦୦୨ ଅନୁସାରେ ଆର୍ଟ-ଇ-କେଲ୍ ୨୧ଏରେ ଶିକ୍ଷାକୁ ମୌଳିକ ଅଧିକାରରେ ଅନ୍ତର୍ଭୁକ୍ତ କରାଯାଇଛି। ଏଇଥିପାଇଁ ସମସ୍ତ ପିଲା ସୁନ୍ ରୁ ଅଠର ବର୍ଷ ବୟସର ବାଧ୍ୟତାମୂଳକ ଓ ମାଗଣା ଶିକ୍ଷା ଏକ ନିରାପଦ ଦଣ୍ଡ ମୁକ୍ତ ଓ ଚାପ ମୁକ୍ତ ପରିବେଶରେ ଅବାଧରେ ଶିକ୍ଷାପ୍ରାପ୍ତ ହୋଇ ପାରିବେ। ତାଙ୍କୁ ଏଇ ସବୁ ସୁବିଧା ସୁଯୋଗ ଯୋଗାଇ ଦେବା ସ୍କୁଲ୍ କର୍ତ୍ତୃପକ୍ଷଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ। ଏଥି ସକାଶେ 'ସମଗ୍ର ଶିକ୍ଷା'ର ପ୍ରଚଳନ କରାଯାଇଛି। ଶାରୀରିକ ଦଣ୍ଡ ହେଉ କି ମାନସିକ ଚାପ ହେଉ ପିଲାଙ୍କୁ ନକରାତ୍ମକ ଦିଗକୁ ଟାଣି ନେଇଥାଏ। ଏପରିକି କିଛି ପିଲା ମଧ ଦଣ୍ଡ ହେଉ କି ମାନସିକ ଯନ୍ତ୍ରଣା ହେଉ ସହ୍ୟ କରିନପାରି ଆତ୍ମହତ୍ୟା ବି କରିଦେଇଥାନ୍ତି କିମ୍ବା ପ୍ରତିହିଂସା ପରାୟଣ ହୋଇ ଶିକ୍ଷକ/ଶିକ୍ଷୟତ୍ରୀଙ୍କୁ ହତ୍ୟା ବି କରିଥାନ୍ତି। ଏଇ ସବୁ ଘଟଣାମାନ ଆପଣମାନେ ଟିଭିରେ ହେଉ କି ଖବର କାଗଜରେ ହେଉ ଦେଖୁଥିବେ। କିଛି ପିଲାଙ୍କୁ ପେଣ୍ଟ ଓହ୍ଲାଇ ଦେବାକୁ କହି, ସେଇ ପିଲା ପରେ ନାନାଦି ଘଟଣା ଘଟେଇ ଥିବାର ଆପଣମାନେ ଶୁଣି ଥିବେ। ପିଲାଙ୍କୁ ଏଇ ଭଳି ଶାରୀରିକ ତଥା ମାନସିକ ଯନ୍ତ୍ରଣା ଦେବା ବିରୋଧରେ ଫୌଜଦାରି ମକଦ୍ଦମା ଦାୟର୍ ହୋଇପାରିବ। ଯେଉଁଥିପାଇ ଆଇ ପି ସି ଧାରା ସେକ୍ସନ୍ ୮୯, ୩୧୯, ୩୪୯, ୩୫୦ ରହିଛି। ଜେଲ ବି ହୋଇପାରେ, ଏହା ସହ ଆର୍ଥିକ ଜୋରିମାନା ବି ହୋଇପାରେ। ବିହାରରେ ଏପରି ଘଟଣାମାନ ଘଟି ଶିକ୍ଷକ/ଶିକ୍ଷୟତ୍ରୀ ଦଣ୍ଡିତ ହେବାର ନଜିର ରହିଛି । ଶାରୀରିକ ଦଣ୍ଡ ହେଉ କି ମାନସିକ ଯନ୍ତ୍ରଣା ଏଇ ସବୁ କୁତ୍ସିତ ଅନୁଶାସନ କରିବାର ଅନେକ ଉପାୟ ରହିଛି। ପ୍ରଥମଟି ସ୍ନେହ ଓ ଅନ୍ୟଟି ହେଲା ଉତ୍ତମ ବୁଝାମଣା । କେବଳ ସ୍କୁଲ ପରିସର କାହିଁକି ଘର ପରିବେଶ ସେ ଶାରୀରିକ ଦଣ୍ଡ ହେଉ କି ମାନସିକ ନିର୍ଯ୍ୟାତନା ଦିଆଯାଇ ପାରିବ ନାହିଁ । ଦଣ୍ଡ ଦେଇଥିବା ବ୍ୟକ୍ତି ବିଶେଷଙ୍କୁ ୬ମାସ ସଶ୍ରମ କାରାଦଣ୍ଡ ସହ ୫୦୦୦ ଟଙ୍କା ଜୋରିମାନା ହେବାର ଆଇ ପି ସି ଧାରା ୮୯ ରେ ବ୍ୟବସ୍ଥା ରହିଛି। ଏଣୁ ଚାପମୁକ୍ତ ଓ ଦଣ୍ଡମୁକ୍ତ ବିଦ୍ୟାଳୟ ପରିବେଶରେ ପିଲେ ପଢିବେ। ଆମ ଜନସଂଖ୍ୟାର ଅନ୍ୟୁନ୍ ୪୨% ହେଉଛନ୍ତି ୦ ରୁ ୧୮ ବର୍ଷ ବୟସ ମଧ୍ୟରେ। ଏଣୁ ସେମାନଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାର ଆବଶ୍ୟକତା ରହିଛି। ସେମାନଙ୍କ ପ୍ରତ୍ୟେକ କଥାକୁ ପ୍ରାଧାନ୍ୟ ଦେବା ସହ ସମ୍ମାନ ଦେବାକୁ ପଡିବ। ସେମାନଙ୍କର ପ୍ରତ୍ୟେକ କଥାକୁ ସାମାଜିକ ସ୍ୱୀକୃତି ମିଳିବାକୁ ପଡିବ। କୌଣସି ସ୍ତରରେ ବି ସେମାନେ ଯେପରି ଅବହେଳିତ ନହୁଅନ୍ତି, ସେଥିପ୍ରତି ଧ୍ୟାନ ଦେବାକୁ ପଡିବ। ସେମାନେ ହେଉଛନ୍ତି ଆଗାମୀ କାଲିର ଭବିଷ୍ୟତ। ଶାରୀରିକ ଦଣ୍ଡ ହେଉ କି ମାନସିକ ଚାପ ହେଉ, ବିଦ୍ୟାଳୟରେ ଅନୁପସ୍ଥିତ ହାର ବଢ଼ାଇ ଥାଏ। ୨୦୧୩ର ଜାତୀୟ ଶିଶୁ ନୀତି ଅନୁଯାୟୀ ବିଦ୍ୟାଳୟଗୁଡିକରେ ସକାରାତ୍ମକ ବାତାବରଣ ସୃଷ୍ଟି ଦ୍ୱାରା ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଶୃଙ୍ଖଳାଜ୍ଞାନ ଓ ନୈତିକ ମୂଲ୍ୟ ବୋଧର ବିକାଶ ହୋଇପାରିବ ବୋଲି କୁହ ଯାଇଛି । ଏଥିସକାଶେ ଶିକ୍ଷାଦାନ ଶୈଳୀରେ ଆମୂଳଚୂଳ ପରିବର୍ତ୍ତନ କରାଯାଇଛି। ଛାତ୍ର କୈନ୍ଦ୍ରିକ ଶିକ୍ଷା ଦାନ ପଦ୍ଧତି ପ୍ରୟୋଗ କରାଯାଇଛି। ଛୋଟ ଛୋଟ ଗ୍ରୁପ କରି ପିଲାମାନଙ୍କୁ ବସାଇ ସେମାନଙ୍କ ମଧ୍ୟରେ ନିଜେ ନିଜେ ପ୍ରଶ୍ନ କରିବେ, ନିଜେ ନିଜେ ତାର ଉତ୍ତର ବାହାର କରିବେ । ଶିକ୍ଷକ କେବଳ ଗାଇଡ୍ କରିବେ। ଶିକ୍ଷକମାନଙ୍କୁ ତଥା ଛାତ୍ର/ଛାତ୍ରୀ ସମୟାନୁକ୍ରମେ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା କରାଯାଇଛି।

(ଅବଶିଷ୍ଟ ପୃଷ୍ଠା ୭ରେ)




## ଭିନ୍ନ ଦୁନିଆର କ୍ଲାନ୍ତ ପଥିକ ମୁଁ

ଅନିଲ କୁମାର ଲେଙ୍କା

ଭିନ୍ନ ଦୁନିଆର କ୍ଲାନ୍ତ ପଥିକ ମୁଁ
ଏବେ ବି ଅଣ୍ଡାଳେ ସ୍ମୃତି ତୁମର !
ବିଶ୍ୱାସ କେମିତି କରିବି କୁହ ତ
(ତୁମେ) ଅଢେଇଦିନର
ଅତିଥି ମୋର!!

କେମିତି ଭୁଲିବି ସେହି ଅତୀତକୁ
ଯେଉଁଥିରେ ଲେଖା କାହାଣୀ ମୋର ?
ସେହି କାହାଣୀରେ ତୁମେ ଲେଖିଥିଲ
ମୁଁ ତୁମ ରାଜା ତୁମେ
ରାଣୀ ମୋହର ...!!

ଏବେ ବି ଆଖିରେ ତୁମ ସେଇ ସ୍ୱପ୍ନ
କଥା ଥିଲା ଯହିଁ ସାତ ଜନ୍ମର !
କେମିତି କୁହ ଯେ ବିଶ୍ୱାସ କରିବି
ଛାଡି ଚାଲିଯିବ ହାତକୁ ମୋର !!

ଯେଉଁ ଆଖି ଦିନେ ସ୍ୱପ୍ନ ଦେଖୁଥିଲା
ଆଜି ସେ ଆଖିରେ ଲୁହର ଧାର !
କେମିତିକା ତୁମେ କହି ପାରୁଅଛ
ଶାଶ୍ୱତ ପ୍ରେମଟା ମାୟାମୋହର ??

ତୁମ ସ୍ମୃତି ତୁମ ପ୍ରୀତିକୁ ନେଇକି
ଏଯାଏଁ ଚାଲିଛି ଶ୍ୱାସ ମୋହର !
ଏଇ ହୃଦୟର ପ୍ରତିଟି ସ୍ପନ୍ଦନେ
ଲେଖି ଦେଇଛି ମୁଁ ନାମ ତୁମର !!

କେମିତି କୁହ ତ ଲିଭାଇ ପାରିବି
ମିଳନ ଆମର ଯୁଗ ଯୁଗର !
ଜନ୍ମ ନୁହେଁ ସାଥୀ, ସାତ ଜନ୍ମ ପାଇଁ
ଅମର ରହିବ ପ୍ରେମ ଆମର !!

ଭିନ୍ନ ଦୁନିଆର କ୍ଲାନ୍ତ ପଥିକ ମୁଁ
ଭିନ୍ନ ମୋର ପ୍ରେମ ତୁମରି ପାଇଁ !
ମୋ' ପାଇଁ ତୁମେ ମୋ' ଅଭିନ୍ନ ପ୍ରଣୟ
ସ୍ୱପ୍ନ ଦେଖୁଥିବି ତୁମକୁ ନେଇ !!

♥ ନୂଆପଡା

## ମାଉସୀ.... ନିର୍ବାଚନ ଆଉଚି

ଡ. ଦୀପ୍ତିମୟୀ ବେହେରା



ମାଉସୀ......
ମୋ ମଥା ଟିକେ ଦିଅ ଆଉଁସି
କଇଲାଣ କଲେ ଜିତିଯିବି ମୁଁ
ଆଗକୁ ନିର୍ବାଚନ ଆଉଚି ।

ତୁ କିଏ ବା...... ?
ଅକାଳେ ନାଇଁ କି ସକାଳେ ନାଇଁ
ଡାକୁଛି ମାଉସୀ ମାଉସୀ.....

ମାଉସୀ..... ଚିହ୍ନି ପାରୁନ କି
ମୁଁ ତ ନଖିନାନୀ ପୁଅ ଭଗିଆ
ଲୋକେ ବୋଲନ୍ତି ମତେ
ମୁଁ କାଳେ ଖୋଦ କଳିକତିଆ ।

ହଇରେ ଭାଗା..
ପାଞ୍ଚ ବରଷକେ ପଡ଼ିଲା କି ମନେ
ଏ ବୁଢ଼ୀ ମାଉସୀର କଥା
ଦେଶ ସ୍ୱାଧୀନ ଦିନରୁ
ଦେଖି ଆସୁଛି ମୁଁ
ଚାଲୁଚି କିପରି ଶାସନ ବ୍ୟବସ୍ଥା ।

ମାଉସୀ..... ରାଗ ରୁଷା ଛାଡି
ସୁବିଧା ଅସୁବିଧା କିଛି କହିବକି
ତମର ଭାତିଆ ପୁଅର ଚାକିରୀ
ନାତିର ପଢ଼ା, ନାତୁଣୀ ବିବାହ
ସବୁ କରିଦେବି
ଥରୁଟିଏ ମତେ ଭୋଟ ଦେଇ
ଶାସନ ଗାଦିରେ ବସାଇ ଦିଅଟି ।

ହଇରେ.... କୁହା ମୁଣ୍ଡା କପିଳା
ଚହଟ ଚିକ୍କଣ କଥାକହି ଆଉ
ମାଉସୀକୁ କରନା ବାଉଳା
ବାପ ଅଜା ଅମଳରୁ
ଦେଖି ଆସୁଛି ମୁଁ
ତୋ ପରିକା ଧୋବଧାଉଳିଆ
ଶାସନ ଗାଦିରେ ବସିଗଲେ ଥରେ
ଭୁଲି ଯାଆନ୍ତି ସବୁ ମଣିଷପଣିଆ ।

ମାଉସୀ..... ଜାଣିନାହଁ କି
ଗଣତନ୍ତ୍ର ଯାଇ ଆସିଅଛି ଦଳତନ୍ତ୍ର
ନୋଟ ନିଅ, ଭୋଟ ଦିଅ
ଏହାହିଁ ନିର୍ବାଚନୀ ମୂଳମନ୍ତ୍ର ।

ହଇରେ .....ତମେ କ'ଣ
ଲଗେଇଛ ଟଙ୍କା ଗଛ ?
ଏପଟେ ଦଉଛ, ସେପଟେ ନଉଛ
ଭୁଆଁ ବୁଲେଇକି ଶୋଷଣ କରୁଛ
କୋଟିକୋଟି ଟଙ୍କା ଖର୍ଚ୍ଚ କରି ପା
ନିର୍ବାଚନ ଲଢୁଅଛ
ଏକଥା ବା କାହୁଁ ହେଜୁଛ ।

ମାଉସୀ......
ଭାଗା ଉପରେ ଭରସା ନାହିଁକି
ଲୋକଙ୍କ ଉନ୍ନତି
ଗାଁର ଉନ୍ନତି ପାଇଁ କି
ଦଳ ଡିଆଁ ସାରି ଶରଣ ନେଇଛି
ଟାଣୁଆ ନେତା ଗୋସେଇଁ କି ।

ହଇରେ ଭାଗା....
ଶୁଣ ମୋ କଥା
ଆସିଗଲେ ନିର୍ବାଚନ ବେଳ
ରାଜନୈତିକ ଦଳ ବାଣ୍ଟନ୍ତି
ମାଗଣା ଉପହାର
ତା' ସାଥେ ଦିଅନ୍ତି ନିର୍ବାଚନୀ ଇସ୍ତାହାର
ଜିତିଗଲେ ଥରେ
ସାଇତି ରଖନ୍ତି ଅମାପ ସମ୍ପତ୍ତି
ସାତ ପୁରୁଷର ।
ହାତୀ ଦେବି, ଘୋଡ଼ା ଦେବି
କହି ଯାଆନ୍ତି
ପ୍ରତିଶ୍ରୁତି ହୁଏ ପାଣିର ଗାର ।
ଯେବେ ବୁଝିବେ ସଭିଏଁ ଆମ ନିଜର
ସେବେଠୁଁ କାଦୁଅ ଫିଙ୍ଗା
ପ୍ରକୃତି ହେବ ଯାଇ ଦୂର
ତା' ସାଥେ ହଟିବ ନାରୀ ନିର୍ଯ୍ୟାତନା
ଆଉ ଦୁର୍ନୀତି ଭ୍ରଷ୍ଟାଚାର ।

ମାଉସୀ.....
ମୋ ମାନ ମହତ ଟିକେ ରଖିବକି
କଥାରେ ନୁହେଁ କାର୍ଯ୍ୟରେ କରି
ଦେଖାଇ ଦେବି
ଥରୁଟିଏ ଖାଲି ଜିତାଇ ଦିଅଟି ।

ହଇରେ....
ଯୁଆଡେ ଦେଖିବ ସିଆଡେ ଏବେ
ମାଳ ମାଳ ନେତା ଆଉ କୁଜିନେତା
ଭୋଟ ସରିଲେ ନୋଟ କମାନ୍ତି
ଦିଅନ୍ତିନି ଧରାଛୁଆଁ ଆଉ ଦେଖା ।
ରାବଣ ରାଇଜ ଚାଲିବ ଏମିତି
ସତରେ,
ଜନତା କେଡେ ବୋକା ?
ହଇରେ.....
ମାଉସୀର କଥା ମନେ ରଖିଥା
ସମୟ କହିବ ରାଜନୀତିଆଙ୍କ
ବଡ଼ ଗୁମର କଥା
ବେଳ ଥାଉଥାଉ ଉପାୟ ନ କଲେ
ପୁଞ୍ଜିପତି ହାତେଥିବ କ୍ଷମତା
ସଚେତନ ହୁଅ ଜନତା
ଦୃଢ଼ କରି ରଖ ନିଜ ସ୍ୱାଧୀନତା ।

♥ କୋଏଲ ନଗର,
ରାଉରକେଲା
(ମୋ) ୭୫୦୪୮୭୭୫୧୭

## ଗୁଡିର ମନକଥା

ସିଦ୍ଧେଶ୍ୱର ତ୍ରିପାଠୀ

ଛାମୁ ହେ ଜରି ଆଉ କାଗଜ ମିଶାଇ
ଦୁଇଖଣ୍ଡ କାଠି ଅବା ତାର ଖଞ୍ଜିଲ
ଅଠା ଲଗାଇଲ କେବେ ଲାଙ୍ଗୁଡ ଖଞ୍ଜିଲ
ଅବା ରଙ୍ଗ ରଙ୍ଗୋଳିରେ
ତାକୁ ସଜାଇଲ ।

ଜାଗା ଦେଖି ଖଞ୍ଜିଦେଲ ସୂତା
ତୁମେ ଆଗକୁ ଚାଲିଲ
ଗୁଡି ଉପରକୁ ଗଲା
ଆହା କେଡେ ସୁନ୍ଦର ବ୍ୟବସ୍ଥା ।

ଘାଉଁରିଲା ଗୁଡି
ଅଟକିଲା ସବୁ
ଛଂଦିହେଲା ନଟେଇ
ଭାରି ଦହଗଞ୍ଜ
ଏ ଯୋଉ ସମୟ।

ହେ ସୂତା ଧରାଳି
ଗୁଡିକୁ ସୁଖରେ ଉଡେଇ ଦିଅ
ନହେଲେ ମଝିରୁ ଛିଡେଇ ଦିଅ
ସେ ଉପରକୁ ଉଠୁ ନହେଲେ
ତଳେ ପଡୁ।

ମଝି ଆକାଶରେ
ଆଉ ଦହଗଞ୍ଜ କରନି
ମଝି ଆକାଶ ମଝି ସମୟ
ଭାରି ଯନ୍ତ୍ରଣା ଦାୟକ।

♥ ଖୋର୍ଦ୍ଧା

## ପ୍ରବାହ

### ଭରତ ଚନ୍ଦ୍ର ଦାଶ



କେମିତି ଭୁଲିବି କୁହ
ସମୟର ଆତ୍ମୀୟତାକୁ
ବନ୍ଧୁଙ୍କର ଆପଣାର ଭାବ
ପାରିବିକି ପାଦରେ ଆଡେଇ
କାଳର କ୍ରୁରତା ପୁଣି
ସମୟ ସଂପ୍ରୀତିର
ଆବେଗ ଓ ଆଶ୍ଳେଷକୁ ।

ଲୁହ ତ ଦେଇଛ ପୁଣି
ବୁହାଇଛ ଲହୁ
କିପରି ଭୁଲିବି କୁହ
ମଣିଷର କୃତ୍ରିମ ରୂପକୁ
କ୍ଷମତାରେ ଅନ୍ଧ
ଅମଣିଷପଣିଆର ମୁଖା
ସଭ୍ୟତାର ଠିକ୍ ପଛରେ
ଶବ୍ଦଟିଏ ବେଶ୍ ଚର୍ଚ୍ଚାଚର୍ଚ୍ଚିତ
ମଣିଷର ଭାଷାକୋଷ ପରେ
ଏବେ କୁହ ତାଲିବାନ
ତାଲିବାନ ବୋଲି କାଳର ପୃଷ୍ଠାରେ।

ପେଟର କ୍ଷୁଧା ଠୁଁ ବଳିଯାଏ
ଦେହକ୍ଷୁଧା ବନ୍ଧୁକର
ତୀକ୍ଷ୍ଣ ଛୁରିକାରେ ନିଲାମର
ଶବ୍ଦ ଶୁଭେ ଜନାକୀର୍ଣ୍ଣ ରାଜପଥ ପରେ।

ଦିନେ କିମ୍ବା ନୁହେଁ ଶହେଦିନ
ପଚସ୍ତରୀବର୍ଷ ଧରି
ଅ' ଆ' ଡାକଶୁଭେ
ନନ୍ଦ ମାଷ୍ଟ୍ରେ ଚାଟଶାଳୀ ଘରେ
ପଦ୍ମଶ୍ରୀ ମ୍ଳାନ ପଡେ
ଥରିଲା ହାତରେ
ଆଶୀର୍ବାଦର ମୁଦ୍ରା ଯେବେ
ଉଠିଯାଏ ରାଷ୍ଟ୍ରପତି ଶିରେ
ବାର୍ଦ୍ଧକ୍ୟର ପ୍ରଜ୍ଞା ସେ ଯେ
ଯୌବନର ଶକ୍ତି
କେମିତି ଭୁଲିବି କୁହ ଜ୍ଞାନ ବିଜ୍ଞାନରେ
ଏ ଜାତିର ଭକ୍ତି ।

ଆଇନ କି ଯୋଡିପାରେ
ହୃଦୟର ଫାଟ
ଆବିଳତା ଥିଲେ ପ୍ରେମେ
ଖୋଲେ ନାହିଁ ପ୍ରୀତିର କପାଟ।
ସମୟ ହିଁ ସଂଯୋଗର ସେତୁ
ବିରହ ବିଚ୍ଛେଦ ସଂଗେ
ମିଳନର ସଂଗୁପ୍ତ ପ୍ରତ୍ୟୟ
ଧରା ଦେଇ ନେଇଯାଏ
ଦିନ ଦଣ୍ଡ ମାସ ବର୍ଷ
ଚିରସ୍ରୋତା ନଦୀ ପରି
ସମୟର ଚର୍ଚ୍ଚିତ ପ୍ରବାହ ।

ନବ ବର୍ଷ ନବାଗତ ବଧୂ ସମ
ଆସେ ଧୀରେ ପାଦଦେଇ
ଏରୁଣ୍ଡି ବନ୍ଧରେ
ବିଗତର ସ୍ମୃତିସବୁ ମୋ ମନକୁ
ଆବୋରି ବସନ୍ତି
ଜାଡ ଶୀତାର୍ତ୍ତର ଉଷ୍ମ
ଆଶ୍ଳେଷରେ।

♥ ସଦସ୍ୟ , ଓଡିଶା ସାହିତ୍ୟ ଏକାଡେମୀ
ସାରସ୍ୱତ ନିବାସ, ଗୌଡଦିଆ
ସିମୁଳିଆ, ବାଲେଶ୍ୱର - ୭୫୬ ୧୨୬
(ମୋ)୯୪୩୭୩୭୨୧୬୬

## ପକ୍ଷୀ

### ସୁଧାଂଶୁ ଶେଖର ଦ୍ୱିବେଦୀ



ଆମେ ସବୁ ପକ୍ଷୀ ଉନ୍ମୁକ୍ତ ଗଗନର
ଉଡିବା ଆମର କାମ।

ବୃକ୍ଷ, ଡାଳ, ଶାଖା ଅତିକ୍ରମି
ନଦୀ, ପାହାଡ଼ ସମୂହ ଡେଇଁ
ଉଡ଼ିବୁଲୁ ଆମେ ସବୁଠି।

ବୃକ୍ଷ ପଚାରି ନାହିଁ ଜାତି
ଶାଖା ଦେଖିନାହିଁ ଜନ୍ମ
ବାସ, କିଛିକ୍ଷଣ ଆରାମ ବିରାମ।

ଆମକୁ ବାନ୍ଧି ପାରିନାହିଁ
କୁଳ କୁଳୀନର ବନ୍ଧନ
ବେଦ ବିଚାରର ସମ୍ମିଳନ।

ଆମପାଇଁ ସ୍ୱର୍ଣ୍ଣ ପିଞ୍ଜରା ବି ଦୁଃଖ
ଉନ୍ମୁକ୍ତ ଗହନ ଆମ ଜୀବନ
ମୁକ୍ତିରେ ଅଛି ସ୍ପନ୍ଦନ।

♥ ବିସି-୭୪,ସଲଟ ଲେକ,
କଲକତା-୬୪
ମୋ-୯୬୮୧୩୭୩୫୨୨

## ଅନାମିତ କବିତା

### ରାଜେଶ ପୂଜାରୀ



ଆମେ ସେବେ ନମିଶିବା
ଏକ ଛଳନାହୀନ ଦୂରତା
ଏବେ ମିଶିବା ସଂଯୋଗ ବଶତଃ ନୁହେଁ
ହେଇପାରେ ପଛରେ ପକେଇ ଆସିଥିବା
ପାଦଚିହ୍ନ ଖୋଜିବା କୌଶଳ

କବିତା ଭର୍ତ୍ତି ଡାଏରୀର ପ୍ରତିଟି ପୃଷ୍ଠା
ଜାହାଜ ଗଢ଼ି ଉଡ଼େଇ ହୁଏନି ତଥାପି
ମୋ ଆଶା ଆଶଙ୍କା ସବୁ
ତୁମ ଲୁଗାଶୁଖା ତାରରେ ଝୁଲିବା
ଆଉ ତୁମ ବାଲ୍‌କୋନୀ ସ୍ୱଇଚ୍ଛାରେ
ମୋ ଆଖିରେ ବନ୍ଦୀ ହେଇଯିବା
ଏକା କଥା ନୁହେଁ ବୋଲି
ବୁଝେଇ ହୁଏନାହିଁ...

ଜଣେଇ ପାରେନି
ତୁମପାଇଁ ହିଁ
ଅନ୍ଧାରର ଛାତି ଚିରି

ଆଲୁଅ ନିଜ ଆଡ଼କୁ ନିମନ୍ତ୍ରିଛି ମୋତେ
ମହୁ ଖଜଣାର ଚାବି ଶୂନ୍ୟ ହାତରେ
ଯେମିତି ଜୁଟିଛି

ଗୁମର ଫିଟିବା ଭୟରେ
ବିନା ଶିଉଳିରେ ଝୁଣ୍ଟିପଡ଼ନ୍ତି ଶବ୍ଦମାନେ
ଛାତି କାନ୍ଥ ହେଉ ନ ହେଉ
କଉତୁକ ସମୂହ ଚିତ୍ର ବନିଯାନ୍ତି

କିନ୍ତୁ, ଯେବେ ଯେବେ କୁହ
'ପ୍ରେମ ଫ୍ରେମ ବାଜେକଥା -
ବନ୍ଧୁତା ଚିର ସୁନ୍ଦର'
ମୋ ପ୍ରେମ ପାଲଟେ ପୂର୍ଣ୍ଣରୁ ପୂର୍ଣ୍ଣତମ
ଗାଢ଼ରୁ ଗାଢ଼ତର ।

♥ କୁଶମେଲ, ଝାରସୁଗୁଡ଼ା
(ମୋ) ୮୧୪୪୭୭୯୦୬୧

## ଜୀବନ ଯାତନା

### ହଂସନାଥ ମୁଦୁଲି



ଜୀବନ ଯାତନା ଅନେକ ସହିଲି
ଏଥର ନିସ୍ତାର ମିଳୁ
ତୁମକୁ ଅନ୍ତର ଭିତରେ ଥାପିଲି
ପାରିକର ଏ ସଂସାରୁ ।

ସଂସାର ଜଞ୍ଜାଳ କରୁଛି ଅସ୍ଥିର
ପାଉନାହିଁ ବାଟ କିଛି
କେମିତି ଆଗକୁ ବଢ଼ିବି କୁହ ତ
ଉପାୟଟି ଯାହା ଅଛି
ତଥାପି ଭାବିଛି ଆଶ୍ରା ମିଳିଯିବ
ନାମ ଜପ କରୁ କରୁ
ଜୀବନ ଯାତନା.... ।

ଦୁନିଆ କହୁଛି ତୁମ ନାମାମୃତ
ଅନ୍ଧାରେ ଆଲୋକ ଭଳି

ତୁମ ନାମ ଓଠେ ରହିଗଲେ ଥରେ
ଉପାୟ ତ ଯିବ ମିଳି
ଏତିକି କାମନା ତୁମରି ଆଶିଷ
ମୋ ପାଇଁ ସଦା ଝରୁ
ଜୀବନ ଯାତନା.... ।

♥ ଖଣ୍ଡଗିରି (ଡୁମଡୁମା-କ)
ଭୁବନେଶ୍ୱର-୭୫୧୦୩୦
(ମୋ) ୯୭୭୯୬୮୭୧୯

## ଜାଣି ତ ନଥିଲି !

### ବାବୁଲୁ ପଧାନ



ତମର ପଦ୍ମ-ପାଦକୁ ଭଲପାଏ ବୋଲି
ବାଟସାରା ବିଛେଇଦେଲି
ହଜାରେ ମଲ୍ଲୀର ମହକ
ତମ ଆଖିର ଅଥଳ ସମୁଦ୍ରରେ
ପହଁରିବାର ମୋହ ନେଇ
ମୁଁ ଡେଇଁଗଲି, ମୋର ଜନ୍ମ-ଜନ୍ମାନ୍ତର !
ଜାଣିନଥିଲି, ତମେ ହଠାତ୍
ଏମିତି ଦିନେ ଚାଲିଯିବ-
ଡେଣାଝାଡ଼ି, ପରଦେଶୀ-ପକ୍ଷୀଟେ ପରି
ଶୂନ୍ୟରେ ଯାଇ ମିଶିଯିବ,
କାଳକାଳ ପାଇଁ
ମୁଁ ଯୋଜନ ଯୋଜନ ଯାଏ ଖୋଜୁଥିବି,
ବ୍ୟଥିତ ପ୍ରାଣନେଇ
କିଛି ପ୍ରତିଶ୍ରୁତିହୀନ
କଳା ଅନ୍ଧାରକୁ କାନ୍ଧେଇ ।

ହଁ, ମୁଁ ଜାଣି ତ ନଥିଲି
ସ୍ୱପ୍ନ ଗୁଡ଼ିକ ରାଗିଯିବେ ବୋଲି !
ଦିନଗୁଡ଼ାକ ମୁଣ୍ଡ କଚାଡ଼ି
କାନ୍ଦିବେ ଭୋ ଭୋ କରି
ଚାରିଆଡ଼େ ଶୁଭିବ କେବଳ, ଆଦିମ ଆର୍ତ୍ତନାଦ
ଘୁମନ୍ତା ସମୟରେ,
ଘୁମେଇ ଯିବେ ସବୁ ଅସଜଡ଼ା ଶବ୍ଦ ।

ବିଶ୍ୱାସର ସୁଦୀର୍ଘ ବାଟରେ
ବିଦାୟର ବହ୍ନି ଆସି, ହଠାତ୍ ଏମିତି ଗ୍ରାସିଦେବ
କେବେ ଭାବି ତ ନଥିଲି !
ବହ୍ନିର ବଳୟ ଭିତରେ ହୁତ୍'ହୁତ୍ ହୋଇ ଜଳି
ତମର ନାଁ'କୁ ଉଚ୍ଚାରଣ କରୁ କରୁ
ଅଙ୍ଗାରରୁ ପାଉଁଶ ପାଲଟିଯିବି;
କେବେ ଭାବି ତ ନଥିଲି ।

ମତୁଆଲା ମନ ନେଇ
ମୃଗତୃଷ୍ଣା ପଛରେ ଧାଉଁଛି ବୋଲି ଜାଣି ତ ନଥିଲି
ତୃଷାର୍ତ୍ତ ହୃଦୟ, ଆଖିର ପାଣି ସବୁ ଶୋଷିଦେଇ
ମୋତେ ଜଡ଼ କରିଦେବ ବୋଲି,
କଦାପି ଭାବି ମୁଁ ନଥିଲି !

ପାପୁଲିଏ ଉଦାସି ସମୟ ଆସି
ଅଚାନକ୍ ସବୁ କିଛି ଭାଙ୍ଗି, ଚୂର୍ମାର୍ କରିଦେବ;
ବତାସି ପବନର ତାଣ୍ଡବରେ,
ଦରୋଟି ହସସବୁ ଭାସିଯିବ
କେବେ ଭାବି ତ ନଥିଲି !

♥ ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ ବାଲେଶ୍ୱର,
(ମୋ) ୬୩୭୧୩୨୭୭୫୯

## ଆମ ଭାଷା-ଆମ ଗୌରବ

### ମାନଗୋବିନ୍ଦ ବାରିକ୍



ମାତୃଭୂମି, ମାତୃଭାଷା ଜାତି-ସ୍ୱାଭିମାନ,
ଗୌରବର ପରିଭାଷା ସଂସ୍କୃତି-ସମ୍ମାନ।
ଜାତି ପ୍ରଗତି-ରଥର ଅବ୍ୟକ୍ତ- ଅସ୍ମିତା,
ଜାତି ପରିଚୟ ପଥ ଆଲୋକ-ବର୍ତ୍ତିକା।

ଭାଷା-ରିକ୍ତ ସାହିତ୍ୟର ସୌଷ୍ଠବ ନିଷ୍ପ୍ରାଣ,
ଉତ୍କର୍ଷ-ଭାଷା ବିନ୍ୟାସ ସାରସ୍ୱତ-ପ୍ରାଣ।
ଋଦ୍ଧିମନ୍ତ ସାହିତ୍ୟର ଭାଷାହିଁ ସ୍ପନ୍ଦନ ,
ଭାଷା-ବିମଣ୍ଡିତା କାବ୍ୟ ଚିତ୍ତ-ସମ୍ମୋହନ।

ଜାତି ସମ୍ପର୍କ-ସେତୁର ସୁଦୃଢ଼ ଚେତନା,
ଜାତି ଆଶା-ଅଭିଳାଷ,ସ୍ୱପ୍ନ-ସଂଭାବନା।
ମାତୃଭୂମି ମାତୃଭାଷା ଜାତି-ପ୍ରାଣବିନ୍ଦୁ,
ଭବ୍ୟ ପୂର୍ଣ୍ଣତା-ପ୍ରାପ୍ତିର ପୁଣ୍ୟ-ମହାସିନ୍ଧୁ।

ଭାଷା ସମୃଦ୍ଧ-ସାହିତ୍ୟ ଜାତିର ସମ୍ମାନ,
ସାରସ୍ୱତ ଗୌରବର ସୁସ୍ନିଗ୍ଧ-ଦର୍ପଣ।
ଜ୍ଞାନ-ସାଗର ଉର୍ମିର ଉତ୍ତାଳ-ତରଙ୍ଗ,
ସାହିତ୍ୟ-ଅମ୍ବର ବକ୍ଷେ ପୁଲକିତ ରଙ୍ଗ।

ଭାଷା ଅଟେ ସାହିତ୍ୟର ଦୀପ୍ତ-ଅଳଙ୍କାର,
ଅପରୂପ-ଅନୁପ୍ରାସ ବାଣୀର ଭଣ୍ଡାର।
ବର୍ଣ୍ଣ, ହର୍ସ୍ୱ, ଦୀର୍ଘକାର, ଶବ୍ଦ, ଯୁକ୍ତାକ୍ଷର,
ଉପମା,ଜମକ, ପ୍ରତି-ଶବ୍ଦ, ଅଳଙ୍କାର।

ଭାବ, ବର୍ଣ୍ଣନା-ଚାତୁର୍ଯ୍ୟ, ଶବ୍ଦର ମାଧୁର୍ଯ୍ୟ,
କମନୀୟ କଳ୍ପନାର ବ୍ୟଞ୍ଜିତ-ବୈଦୁର୍ଯ୍ୟ
ଛନ୍ଦମୟ-ସର୍ଜନାରେ ଭାଷାର ଗାମ୍ଭୀର୍ଯ୍ୟ,
ସାରସ୍ୱତ-ସୃଜନରେ ମହାର୍ଘ-ଐଶ୍ୱର୍ଯ୍ୟ।

ଭାଷା-ପ୍ରୟୋଗ, ବନାନ, ଶବ୍ଦ-ସଂଯୋଜନା,
ଶୁଦ୍ଧ-ଉଚ୍ଚାରଣ, ଆବୃତ୍ତି, ବୌଦ୍ଧିକ-ବର୍ଣ୍ଣନା।
ଆମ ଲିପି, ଆମ ଭାଷା, ବାଣୀ ଉତ୍କୃଷ୍ଟତା,
ବିଶ୍ୱ ଦରବାରେ ପ୍ରାପ୍ତ ଶାସ୍ତ୍ରୀୟ-ମାନ୍ୟତା।

ମାତୃଭାଷା, ମାତୃଭୂମି ଜାତିର ଗୌରବ,
ସାହିତ୍ୟ-ସମୃଦ୍ଧି ଚାରୁ-ସୁଷମା ସୌରଭ।
ଭାଷା ଆମ ସାହିତ୍ୟର ରମ୍ୟ-ବର୍ଣ୍ଣବିଭା,
ଚେତନା ଓଁକାର-ଧ୍ୱନି, ସାରସ୍ୱତ-ଆଭା।

ନିଶବ୍ଦ-ଶବ୍ଦରେ କର ଭାଷାର ସୁରକ୍ଷା,
ଭାଷା-ପ୍ରେମ ହେଉ ଆମ ଜୀବନର ଦୀକ୍ଷା।
କଥନ, ଲିଖନ, ପଠନ ହେଉ ପ୍ରତିଶ୍ରୁତି,
ବିଦେଶୀ ଭାଷା-ଯନ୍ତ୍ରାରୁ ଲଭୁ ଚିର ମୁକ୍ତି।

ପ୍ରଶାସନ, ସାହିତ୍ୟିକ, ପାଠକ, ଲେଖକ,
ଗଣମାଧ୍ୟମ, ବୁଦ୍ଧିଜୀବୀ, ଭାଷାର ରକ୍ଷକ,
ଭାଷାପ୍ରେମ, ଜାତିପ୍ରେମ ବୌଦ୍ଧିକ-ଦାୟିତ୍ୱ,
ଭାଷା-ସମୃଦ୍ଧିରେ ହେବ ସମୃଦ୍ଧ ସାହିତ୍ୟ।

♥ 'ବାସ-ଶ୍ରେୟା',
ଏମ୍. ଆଇ. ଜି.-୭୫, ବି ଡି ଏ
କଲୋନୀ, ଫେଜ୍-୧,
ପୋଖରୀପୁଟ, ଭୁବନେଶ୍ୱର-୭୫୧୦୨୦

## ତିନୋଟି ମିନି କବିତା

### ଧର୍ମରାଜ ମହାମଲ୍ଲିକ



॥ ୧ ॥
ମୁଁ ଜାଣେ,
ମୋର ଭୋଗିବାର ଋତୁ
ଆହୁରି ମଧ୍ୟ ଜାଣେ,
ମୋର ନିର୍ବାଣ ର ତମାମ ପ୍ରକ୍ରିୟା !

ବ୍ୟାପ୍ତ ଆକାଶ କୁ
ଯେବେ ମୁଁ ଡେଇଁପଡ଼େ ଉନ୍ମୁକ୍ତ ହେଇ
ଫିଟାଇ ଦେଇଥାଏ ମୋର ସମସ୍ତ ଲାଳସା

ଜୀଇଁ ସାରିଥାଏ ଆୟୁଷତକ
ମୋର ପରମ ଆସ୍ଥାନ ରେ
ଆଉ କିଛି ବି ନଥାଏ ମୋର ମାଟିହୁଙ୍କା ଭିତରେ ।

ଏଇନେ କେବଳ,
ବିଧୁଗ ହେଇ ବଦଳୁଥାଏ ଉଇ ରୁ ବତରକିରି ଯାଏଁ !

॥ ୨ ॥
ମୁଁ ଜଣାଣ ଗାଏ
ଶାନ୍ତି ର । ନୀରବତା ର ।

ଅବେଳ ରେ ମାତୃତ୍ୱ ଲଭେ
ଅସଂଖ୍ୟ କୋଟି ନିଃସ୍ୱ ମାନଙ୍କର

ମୋର ଝର୍କା ଦେଇ ଯାଆନ୍ତି ଯେତେସବୁ ଋତୁ
ପ୍ରତିଥର ଭୋଗିଦେଇ ମତେ
ତାଂକର ଭୋଗିବାର ମାନେ ଇ ସମୃଦ୍ଧି

ମଉନାବତୀ ଠୁ ଫୁଲବତୀ ହୁଏ
ମୋର ସଙ୍ଗମ ହୁଏ । ପ୍ରଣୟ ହୁଏ ।
ଠିକ ଏବେ ମୁଁ ପାଲଟି ଯାଏ ସବୁଜ ପରିବେଷ୍ଟିନୀ !

॥ ୩ ॥
ଏ ଆକାଶ ଟା ମୋର
କେବଳ ଓ କେବଳ ମୋର !

ଏ ସୂର୍ଯ୍ୟ ଆଉ ଚନ୍ଦ୍ର ବି ମୋର
ଏ ରାତି କିନ୍ତୁ ତମର !

ସାତ ସମୁଦ୍ର ଡେଇଁ
ତମେ ଆଣିଥିବା ତମର ସମସ୍ତ ଦୌଲତ
କିମ୍ବା,ତମର ସ୍ୱର୍ଶକାତରତା
ଲୋଡ଼ା ନଥିଲା ମତେ ଆଦୌ !

ତମେ କିନ୍ତୁ,
ଶୁଣିବ ନାହିଁ ସେ ପରୀ ରାଇଜ ର କଥା
ଯେଉଁଠି ଅଶରିରୀ ପାଲଟନ୍ତି ଯେତେସବୁ ସ୍ୱପ୍ନ

ତମେ ଆଉ ଖୋଜିବନି ମତେ
କବାଟ ଉହାଡ଼ ରେ,ଏପରିକି ଆଇନା ରେ

କଥା ଦିଅ ମତେ
ମୋର ପସନ୍ଦର ରଂଗ ସବୁ
ତମେ ମାଖି ନେବ ତମ ଦେହସାରା
ଯେତେବେଳେ ମୁଁ ଭୋଗୁଥିବି
ବିରହର ଋତୁ !

♥ କୁସୁର୍ଡା, ବରଗଡ଼



## କୃଷ୍ଣ ବଦଳରେ

### ଡ଼ା. ବିଜୟ କୁମାର ପାତ୍ର



ଲୁହ ଯେବେ ବାଷ୍ପୀଭୂତ ହୁଏ
ଅତୀତର ସବୁ କିଛି
ମିଶିଯାଏ ମେଘମାଳା ମେଳେ,
ଇଚ୍ଛାହୁଏ ଭାସିଯାନ୍ତି
ଭସା ବାଦଲ ସୁଅରେ
ଛୋଟ ତୁମ ସହରକୁ ପୁଣି,
ବର୍ଷିଯାନ୍ତି...
ବର୍ତ୍ତମାନର ସବୁଜିମା
ସମ୍ଭାବନାରେ ।

ସ୍ମୃତିଗୁଡା ସେମିତି ତ ଥିବ ?
ହଜି ତ ନଥିବ କିଛି
କାହା ଅଲକ୍ଷ୍ୟରେ
କୋଳାହଳ ଖୁବ୍ ଚାଲୁଥିବ,
ଖାଲି ଯାହା ମୋ ବ୍ୟତିରେକ ।

ଏବେ ଏବେ ଶକ୍ତିଭେଦ
କ୍ଷତ ସବୁ ଅଛନ୍ତି ଜୀବନ୍ତ,
ମୃତ୍ୟୁ ସଂଜୀବନୀ ଅବା
ବିଶଲ୍ୟକରଣୀ,
ହାତ ପାହାନ୍ତାରେ
ପୁଣି......

ଘର ଠାରୁ ଶହେକୋଶ ବାଟ !
କୋଇଲିର ମୂଲ୍ୟ କିଛି ନାଇଁ
ଫଗୁଣଟା ଚାଲିଯିବା ପରେ,
ଧୂଳିରୁ ଧୂସର ପୁଣି
ଧୂସରରୁ ଧୂଳି,
ବିତିଚାଲେ ଅଜ୍ଞାତବାସରେ ।

ବେଳେ ବେଳେ
ମିଳନରେ ହଜିଯାଏ ସତ୍ତା,
ନଦୀ ତା ଠିକଣା ଖୋଜେ
ମହାସାଗରରେ,
'ବିଛେଦ' ବି ବଞ୍ଚିବାର
ପୁଣ୍ୟ ଏକ ଖୋରାକ ଯୋଗାଏ,
ଯେମିତିକି
ମାଗିଥିଲେ ରାଧା
ଛୋଟ ଏକ ବଂଶୀ,
କୃଷ୍ଣ ବଦଳରେ !

♥ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ
ଢେଙ୍କାନାଳ
(ମୋ) ୭୦୦୮୬୧୭୯୧୨

## ମାଟି ମନସ୍କ ବାପା

### ଯୁବରାଜ କୁଦେଇ



ବାପା କହୁଥିଲେ
ମୁଁ ଯେବେ ମରିଯିବି
ପୋଡିବନି ଜମା
ମାଟିରେ ହିଁ ପୋତିଦେବ ମତେ
ତମ କ୍ଷେତଖଳାକୁ ଜଗି ଥିବି
ଯୁଗ ଯୁଗାନ୍ତର ।

ମାଟି ସଙ୍ଗେ ଲଢି ଲଢି
ସତରେ ବାପା ଯେଉଁ ଦିନ
ଶୋଇଗଲେ ମାଟି ତଳେ ଚିରନିଦ୍ରା...
ଶାଗୁଆ କ୍ଷେତର ରଙ୍ଗ ବଦଳି
ଦିଶିଲା ଧୂସର ଧୂସର ।

ଗୁହାଳରେ ବନ୍ଧା କଳିଆ କସରା
ସରାଗରେ ଖାଇଲେନି ଘାସ କି ପୁଆଳ
କିଛି ନ ଖାଇ ବି ଆହୁରି ବଢିଗଲା ପଶୁ ଦୁଇଟିର
ପାକୁଳି କରିବାର ଏକ ନିଆରା ଅଭ୍ୟାସ
ମିଟି ମିଟି ଆଖିରୁ ଝରିଲା ଅନବରତ
ଗଙ୍ଗା ଯମୁନାର ଧାର...
ସେ ଲୁହରେ ଥିଲା ସମାଜର କାନଭାସ୍‌ରେ ଅଙ୍କା
ମଣିଷ ଓ ପଶୁ ଭିତରେ ଥିବା ସଂପର୍କର
ଏକ ଓଦା ଅବୁଝା ଚିତ୍ରପଟ୍ଟ
ହାୟ...ଏହାକୁ ବୁଝିବା ଲୋକ ହିଁ ବୁଝିବ ।

ଦୁହା ଗାଈ କୁନି ବାଛୁରୀ ସହ
ବେପାରୀ ହାତକୁ ହସ୍ତାନ୍ତର ହେଉଥିବା ବେଳେ
ନିଷ୍ପାପ କୁନି ବାଛୁରୀର ହମ୍ବା ରଡି
ମାଁ ଗାଈ ତା ଛୁଆକୁ ଚର୍‌ଚର୍ ଚାଟୁଥିବା
ଅନାବିଳ ପ୍ରେମ ପରିଭାଷା...

ସେ ଦୃଶ୍ୟ ଥିଲା ହୃଦୟ ବିଦାରକ... ?

ଏବେ ଆମେ ପଡିଶା ଘରୁ ଅଧ ଗ୍ଲାସ ଚାଉଳରେ
ଗ୍ଲାସ ଭର୍ତ୍ତି କ୍ଷୀର କିଣି ଦୁଧମିଶା ଚା' ଖାଉଁ
ପ୍ରତି ସକାଳରେ...
ହେଲେ ଚା' ଲାଗେ କାହିଁକି ଯେ ପାଣିଚିଆ
ବୁଝି ହୁଏ ନାହିଁ...ବୁଝି ହୁଏ ନାହିଁ
ତଥାପି ତ ଏସବୁ ଦେହସୁହା ହେଲାଣି ।

ଭାଗଚାଷୀ ହାତେ ଏବେ ଚାଷ ହୁଏ
ଆମର ସବୁ ତକ ଜମି
ଏକର ପିଛା ସାତରୁ ଆଠ ବସ୍ତା ମିଳେ
ବର୍ଷେ ବର୍ଷେ ମିଳେନି ବି
ଧୁଆ ମରୁଡି ନାଁରେ...
ନାଁ ସେଥିରେ ଆମର ଉଲିଆ ଭଦିରି ପୁରେ
ନାଁ ଧାନ ସିଝା ଯାଇ ଝୁଲି ଚାଉଳର ଭାତ ଗଣ୍ଡେ
ଆମ ଭାଗ୍ୟରେ ଜୁଟେ
ଆମେ ପରଜା ହୋଇ ବି ସୁଖବାସୀ
ହାୟ...ଭାଗ୍ୟର ବିଡମ୍ବନା
ଏ ବେଳରେ ବାପା ଖୁବ୍ ମନେ ପଡନ୍ତି ।

ବାପା ଚାଲିଗଲା ପରେ
ବୋଉ ଏବେ ଖୁବ୍ ଅନ୍ୟମନସ୍କ
ତା ମୁହଁରେ ପରସ୍ତେ ଅବ୍ୟକ୍ତ ଦୁଃଖ
ବୋଉକୁ ଦେଖିଲେ ମନ ଶଙ୍କି ଯାଏ
ତା ସାମ୍ନାରୁ ବାଁରେଇ ଛୁ ମାରିବାକୁ
ମୁଁ ସଦା ତତ୍ପର...।

ଛାଳ ଘର ଛପର ହେଲା
ଛପର ଘର ହେଲା ପକ୍କା
ପକ୍କା ଘରେ ମାର୍ବଲ ବସିଲା
ଏତେ ପଇସା କୋଉଠୁ ଆସିଲା
ବାପା କହୁଥିଲେ କ୍ଷେତରୁ ଆସିଲା
କେଜାଣି କେମିତି ଆସିଲା
ସେ କଥା ବାପାଙ୍କୁ ଜଣା ଏକା ?

କ୍ରମଶଃ ବଦଳିବାକୁ ଲାଗିଥାଏ
ଗୋଟେ ଘରର ମାନଚିତ୍ର
ବାହାରୁ ଲାଗେ ସବୁ ପୁରିଲା ପୁରିଲା
ହେଲେ ଭିତର ଏକଦମ୍ ଫମ୍ପା
ଅଜାଣତେ ଉଜୁଡି ଯାଉଥାଏ
ସେ ଘରର ପ୍ରତିଷ୍ଠା ଯେତକ
ଘରର ମାନ ସମ୍ମାନ ବଞ୍ଚାଇବାକୁ ଯାଇ
ଅନିଚ୍ଛା ସତ୍ତ୍ୱେ ବି ଖୋଳା ଯାଉଥାଏ
ଇଚ୍ଛାର କବର...।

ବାପା ଅହରହ ଗାଉଥିଲେ
ଛୋଟ ପଦେ ଗୀତ
ମାଟିର ସାଥିରେ ସାଲିସ୍ କରି
ଲଢି ଲଢି ତୁ ଯାଆ...
ମାଟିକୁ ଚିହ୍ନି ଥାଆ...
ମାଟି ତୁ ହେଇ ଯାଆ...
ମାଟି ତୁ ହେଇ ଯାଆ...।

ବାପାଙ୍କର ସେ ମଧୁର ମାଟିର ଗୀତକୁ
ଏବେ ଗାଇବାକୁ ଖୁବ୍ ଇଚ୍ଛା ହୁଏ
ହେଲେ ସେ ଗୀତର ସୁର ତାଳ ଲୟ
ହାୟ...ମତେ ଜଣା ନାହିଁ...ମତେ ଜଣା ନାହିଁ ।

♥ ଇଚ୍ଛାପୁର, ଡୁଙ୍ଗୁରିପାଲି,
ସୋନପୁର

## ପାହାଡି କନ୍ୟାର ପ୍ରେମ

### ସ୍ନିଗ୍ଧା. ଜି. ମହାପାତ୍ର



ପାହାଡି କନ୍ୟାଟି ବାପାଠୁ ଦୂରେଇ
ନିରନ୍ତର ବହିଥାଏ
ଲକ୍ଷ୍ୟ ଥାଏ ତାର ସାଗରେ ମିଶିବା
ସ୍ୱପ୍ନ କଣ ସତ ହୁଏ...
ପଥର ପ୍ରାନ୍ତରେ କେତେ ବନଭୂଇଁ
କେତେ ଯେ ଦୁର୍ଗମ ଶିଳା
ତଥାପି କାହିଁକି ମାଡି ଚାଲିଥାଏ
ଭାବି ଈଶ୍ୱରଙ୍କ ଲୀଳା...
ଅନ୍ତିମ ବିଦାୟ ନେଇ ଚାଲିଥାଏ
ପଛକୁ ପାରେନା ଫେରି

ଧ୍ୟାନ ଥାଏ ତାର ପ୍ରିୟତମ ପାଶେ
ବହେ ତାକୁ ହୃଦେ ଧରି...
ଠାଏ ଠାଏ ନଇ ଶାନ୍ତ ହୋଇଥାଏ
କେବେ ପୁଣି ସେ କରାଳ
ପ୍ରେମର ବାରତା ଦେଇ ବହିଥାଏ
ନାଇ ପ୍ରୀତିର କଜ୍ଜଳ...
କେତେ ଅପରୂପା ଶୀତଳ ସ୍ୱରୂପା

ପ୍ରକୃତିର ଶୋଭାରାଣୀ
ନିସ୍ତବ୍ଧ ବନରେ କୁଳୁ କୁଳୁ ନାଦେ
ଗାଏ ପ୍ରେମର ରାଗିଣୀ...
ଯଉଠି ଯେପରି ଭୂମିରୂପ ଦେଖେ
ସେହିପରି ନିଜେ ସାଜେ
ଶସ୍ୟ ସବୁଜିମା କରି ଉପକୂଳ
ପ୍ରିୟତମ ପାଶେ ଚାଲେ....
ସାଗର ପାଶରେ ଏକାକାର ହୋଇ
ଲିଭାଏ ତା ପରିଚୟ
ଏଇ ଅନୁରାଗ ମିଠା ତା' ପ୍ରେମର
ଯୁଗେ ଯୁଗେ ସୁଧାମୟ...

♥ ବାରିପଦା
(ମୋ)୯୪୩୭୬୧୫୨୨୧

## ଶହୀଦ ଦିବସ ଉପଲକ୍ଷେ ଶିକ୍ଷ ବିଭାଗ କର୍ମଚାରୀଙ୍କ ନିରବ ପ୍ରାର୍ଥନା

ଭୁବନେଶ୍ୱର,୩୧/୧ (ନି.ପ୍ର): ଖାରବେଳ ଭବନସ୍ଥିତ ଶିକ୍ଷ ବିଭାଗର ସମ୍ମିଳନୀ କକ୍ଷଠାରେ ଶହୀଦ ଦିବସ ଉପଲକ୍ଷେ ରବିବାର ପୂର୍ବାହ୍ନରେ ସମସ୍ତ କର୍ମଚାରୀଙ୍କୁ ନେଇ ଦୁଇ ମିନିଟ୍ ନୀରବ ପ୍ରାର୍ଥନା ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ସଚିବ ଶୁଭେନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଜି ଦିବସର ଆଭିମୁଖ୍ୟ ସଂପର୍କରେ ବକ୍ତବ୍ୟ ଉପସ୍ଥାପନ ସହିତ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ବଳିଦାନ, ଦେଶପ୍ରେମ, ସ୍ୱାଧୀନତା ସଂଗ୍ରାମ ଓ ସର୍ବୋପରି ରାଷ୍ଟ୍ର ଗଠନରେ ତାଙ୍କର ଭୂମିକାର ସ୍ମୃତିଚାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ସଚିବ ପ୍ରଦୀପ କୁମାର କୁଅଁର, ଉପସଚିବ ଅଶୋକ କୁମାର ରାଉତରାୟ, କେଶବ ଚନ୍ଦ୍ର ସାହୁ, ପ୍ରବୀଣ କୁମାର ପତି ଓ ଅନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପଂଚାୟତ ଓ ପୌର ନିର୍ବାଚନ ପରିଚାଳନା ପାଇଁ କଂଗ୍ରେସ ପକ୍ଷରୁ ସଂଯୋଜକ ନିଯୁକ୍ତ

ଭୁବନେଶ୍ୱର,୩୧/୧ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ ପଂଚାୟତ ଓ ପୌର ନିର୍ବାଚନ ପରିଚାଳନା କମିଟି ନିଷ୍ପତି ଅନୁଯାୟୀ ନିର୍ବାଚନ ପରିଚାଳନା ପାଇଁ ଦଳୀୟ ସାଂଗଠନିକ ଜିଲ୍ଲା ପାଇଁ ସଂଯୋଜକ ନିଯୁକ୍ତି ଦିଆଯାଇଛି। ଏହି ସଂଯୋଜକମାନେ ପିସିସି ତରଫରୁ ଜିଲ୍ଲା ଦାୟୀତ୍ୱରେ କାର୍ଯ୍ୟ କରୁଥିବା ପ୍ରଭାରୀ ଓ ସହପ୍ରଭାରୀ ମାନଙ୍କ ସହଯୋଗରେ ନିର୍ବାଚନ ପରିଚାଳନା କରିବେ ବୋଲି ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ପ୍ରଦେଶ କଂଗ୍ରେସ ନିର୍ବାଚନ ମିଡିଆ ଇନଚାର୍ଜ ମନୋଜ ମହାପାତ୍ର। ଅନୁଗୁଳ ଜିଲ୍ଲା- ରାମଚନ୍ଦ୍ର ଖୁଂଟିଆ, ବାଲେଶ୍ୱର -ନବଜ୍ୟୋତି ପଟ୍ଟନାୟକ, ବରଗଡ଼- ସତ୍ୟ ଭୂଷଣ ସାହୁ ଓ ପ୍ରଦୀପ ଦେବତା, ଭଦ୍ରକ- ମଧୁସ୍ମିତା ସେଠୀ, ଭୁବନେଶ୍ୱର- ଗଣେଶ୍ୱର ବେହେରା ଓ ପଂଚାନନ କାନୁନଗୋ, ବଲାଙ୍ଗିର ଓ ସୋନପୁର- ସମରେନ୍ଦ୍ର ମିଶ୍ର, ବୌଦ୍ଧ- ମନୋରଞ୍ଜନ ଦାଶ, କଟକ- ମାନସ ଚୌଧୁରୀ, କଟକ ସିଟି – ମହମ୍ମଦ ମୋକିମ, ସମ୍ବଲପୁର ଓ ଦେଓଗଡ଼- ଶରତ ପଟ୍ଟନାୟକ, ଢ଼େଙ୍କାନାଳ- ସୁରେଶ ମହାପାତ୍ର ଓ ବାଙ୍କନିଧି ବେହେରା, ଗଞ୍ଜାମ- ରମେଶ ଚନ୍ଦ୍ର ଜେନା, ଗଜପତି- ଦାଶରଥି ଗମାଙ୍ଗୋ, ଜଗତସିଂହପୁର- ଚିରଞ୍ଜିବ ବିଶ୍ୱାଳ, ଯାଜପୁର- ଶରତ ରାଉତ, ଝାରସୁଗୁଡ଼ା- କିଶୋର ଚନ୍ଦ୍ର ପଟେଲ, କଳାହାଣ୍ଡି- ଭକ୍ତଚରଣ ଦାସ ଓ ଅଧିରାଜ ମୋହନ ପାଣିଗ୍ରାହି, କନ୍ଧମାଳ- ବିସ୍ମୟ ମହାପାତ୍ର, କେନ୍ଦ୍ରପଡ଼ା- ମହମ୍ମଦ ମୋକିମ ଓ ଗଣେଶ୍ୱର ବେହେରା, କେଉଁଝର ଓ ମୟୁରଭଞ୍ଜ- ଜୟଦେବ ଜେନା, ଖୋର୍ଦ୍ଧା- ସୁରେଶ କୁମାର ରାଉତରାୟ, କୋରାପୁଟ ଓ ନବରଙ୍ଗପୁର- ତାରାପ୍ରସାଦ ବାହିନୀପତି, ମାଲକାନଗିରି- ଭୂଜବଳ ମାଝୀ, ନୂଆପଡ଼ା- ସନ୍ତୋଷ ସିଂ ସାଲୁଜା, ନୟାଗଡ଼- ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ପୁରୀ- ଜାନକୀ ବଲ୍ଲଭ ପଟ୍ଟନାୟକ, ରାୟଗଡ଼ା- ସପ୍ତଗିରୀ ଉଲ୍ଲାକା, ରାଉରକେଲା- ଜର୍ଜ ତୀର୍କି, ସୁନ୍ଦରଗଡ଼- ଡ.ସିଏସ ରାଜନ ଏକାଙ୍କୁ ପ୍ରଦେଶ ନିର୍ବାଚନ କମିଟି ତରଫରୁ ଦାୟୀତ୍ୱ ଦିଆଯାଇଛି।

## ପ୍ରେମ ନେଲା ଜୀବନ: ଭୁବନେଶ୍ୱରର ନନ୍ଦନ ବିହାର ଅଞ୍ଚଳରେ ପ୍ରେମିକା ପାଇଁ ଜୀବନ ହାରିଲେ ପ୍ରେମିକ

ଭୁବନେଶ୍ୱର,୩୧/୧ (ନି.ପ୍ର): ପ୍ରେମ ନେଲା ଜୀବନ। ପ୍ରେମିକା ପାଇଁ ଜୀବନ ହାରିଲେ ପ୍ରେମିକ। ଭୁବନେଶ୍ୱରର ନନ୍ଦନ ବିହାର ଅଞ୍ଚଳରେ ଘଟିଛି ଏଭଳି ଅଭାବନୀୟ ଘଟଣା। ନନ୍ଦନ ବିହାର ଅଞ୍ଚଳର ପ୍ଲଟ ନମ୍ବର ଏଲଆଇଜି ୧୦୦ରେ ଥିବା ଘର ଭିତରୁ ଜଣେ ଯୁବକଙ୍କ ଝୁଲନ୍ତା ଶବ ମିଳିଛି। ମୃତକଙ୍କ ନାଁ ସୌମ୍ୟ ରଞ୍ଜନ ପାଣିଗ୍ରାହୀ ବୋଲି ଜଣାପଡ଼ିଥିବା ବେଳେ ପ୍ରେମ ପାଇଁ ସେ ଏଭଳି କରିଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସୂଚନା ମୁତାବକ, ଶୋଇବା ଘରେ ଆତ୍ମହତ୍ୟା କରିଛନ୍ତି ସୌମ୍ୟ ରଞ୍ଜନ ପାଣିଗ୍ରାହୀ। ଘଟଣା ବିଷୟରେ ଖବର ପାଇ ପୁଲିସ ସୌମ୍ୟଙ୍କ ଘରେ ପହଞ୍ଚିବା ସହ ଶୋଇବା ଘରୁ ତାଙ୍କର ମୃତଦେହକୁ ଉଦ୍ଧାର କରିଛି। ମୃତଦେହ ପାଖରୁ ଏକ ସୁଇସାଇଡ ନୋଟ ମଧ୍ୟ ପୁଲିସକୁ ମିଳିଥିବା ବେଳେ ପ୍ରେମ ପାଇଁ ଏଭଳି ଘଟିଥିବା ସନ୍ଦେହ କରୁଛି ପୁଲିସ। ସୁଇସାଇଡ ନୋଟରେ ସୌମ୍ୟ ଜଣେ ଯୁବତୀଙ୍କ ବିଷୟରେ ଲେଖିଛନ୍ତି। ତେବେ କେଉଁ କାରଣ ପାଇଁ ସେ ଏଭଳି ଏକ ପଦକ୍ଷେପ ନେଲେ ଏବଂ ଏଥିରେ ଯୁବତୀଙ୍କର କ'ଣ ସଂପୃକ୍ତି ରହିଛି ସେ ନେଇ ମାମଲା ରୁଜୁ କରି ତା'ର ତଦନ୍ତ କରୁଛି ପୁଲିସ।

## ସରକାରୀ ଯୋଜନାକୁ ଦଳୀୟ ବିଜ୍ଞାପନ ଜରିଆରେ ଭୋଟରଙ୍କୁ ପ୍ରଭାବିତ କରୁଛି ବିଜେଡି : ବିଜେପି

ଭୁବନେଶ୍ୱର,୩୧/୧ (ନି.ପ୍ର): ସରକାରୀ କଳ ଓ ବଳ ଏବଂ ଶାସନ କ୍ଷମତାର ଅପବ୍ୟବହାର କରିବା ସହିତ ବ୍ୟାପକ ଭାବେ ନିର୍ବାଚନ ଆଚରଣ ବିଧିକୁ ଖୋଲାଖୋଲି ଉଲ୍ଲଂଘନ କରୁଛି ଶାସକ ବିଜେଡି । ଏପରିକି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମକୁ ଦଳୀୟ ଚିହ୍ନ ଥାଇ ବିଜ୍ଞାପନ ଜରିଆରେ ଭୋଟରମାନଙ୍କୁ ପ୍ରଭାବିତ କରୁଛି ଶାସକ ବିଜେଡି । "ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ କାର୍ଡ" ସରକାରୀ ଯୋଜନା ହୋଇଥିବା ସତ୍ତ୍ୱେ ଶାସକ ବିଜେଡି ନିଜ ଦଳୀୟ ନିର୍ବାଚନ ଚିହ୍ନ ଥିବା ବିଜ୍ଞାପନ ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶ ପାଇଛି । ଏହା ନିର୍ବାଚନ ଆଚରଣ ବିଧିର ଖୋଲାଖୋଲି ଉଲ୍ଲଂଘନ ଏବଂ ନିର୍ବାଚନ କମିଶନ ତୁରନ୍ତ ହସ୍ତକ୍ଷେପ କରି ଆଚରଣ ବିଧି ଉଲ୍ଲଂଘନ କାରଣରୁ ଆଇନ ଖିଲାପକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ନଚେତ୍ ଭାରତୀୟ ଜନତା ପାର୍ଟି ଏହି ପ୍ରସଙ୍ଗରେ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବ ବୋଲି ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର କହିଛନ୍ତି ।

ବିଜେପିର ଏକ ପ୍ରତିନଧି ଦଳ ରାଜ୍ୟ ନିର୍ବାଚନ କମିଶନଙ୍କୁ ଅଭିଯୋଗ କରିଛି ଯେ ମୟୁରଭଞ୍ଜ ଜିଲ୍ଲାରେ ରାଇରଙ୍ଗପୁର ବ୍ଲକ ବିଡିଓ ସାଗର ଚନ୍ଦ୍ର ମୁର୍ମୁ ଏବଂ ସହକାରୀ ଯନ୍ତ୍ରୀ ରାଜେନ୍ଦ୍ର କୁମାର ମାରାଣ୍ଡି ନିଜ ସରକାରୀ ପଦର ବ୍ୟବହାର କରି ବେନିୟମ ଭାବେ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି । ବିଶୋଇ ଅବକାରୀ କନେଷ୍ଟବଳ ଗୌତମ ମହନ୍ତ ଜେଏମଏମ ପାର୍ଟୀର ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତାଙ୍କୁ ମଦ ଯୋଗାଇ ଭୋଟରମାନଙ୍କୁ ପ୍ରଭାବିତ କରୁଛନ୍ତି । ଏହା ବିରୋଧରେ ରାଜ୍ୟ ନିର୍ବାଚନ କମିଶନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେପି ଫେରାଦ ହୋଇଛି ।

ଏହି ପ୍ରତିନିଧି ଦଳରେ ରାଜ୍ୟ ମୁଖପାତ୍ର ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ଗଣମାଧ୍ୟମ ସହମୁଖ୍ୟ ସୁଜିତ୍ କୁମାର୍ ଦାସ, ଲିଗାଲ ସେଲର ରବିଶଂକର ପଟ୍ଟନାୟକ ଏବଂ ମହେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ତିନି ମିନିଟରେ ୨୦୪ ଥର ନିଷ୍ଟାଇକ୍ କରି ପାକିସ୍ତାନ ରେକର୍ଡ଼ ଭାଙ୍ଗିଲେ ଓଡ଼ିଆପୁଅ ସଚିନ

ଭୁବନେଶ୍ୱର,୩୧/୧ (ନି.ପ୍ର): ଭାରତର ନିଷ୍ଟାଇକର ଭାବରେ ସୁପରିଚିତ ସଚିନ ବେହେରା ଗିନିଜ ବୁକରେ ଆଉ ଏକ ନୂତନ ରେକର୍ଡ଼ ସ୍ଥାପନ କରି ଓଡ଼ିଶା ପାଇଁ ଗର୍ବ ଆଣି ଦେଇଛନ୍ତି। ପୂର୍ବରୁ ସଚିନ ଗୋଟିଏ ମିନିଟ୍ ଆଣ୍ଠୁ ପ୍ରଘାତ ବା ନିଷ୍ଟାଇକରେ ଗିନିଜ ବୁକ୍ ଅଫ୍ ୱାଲର୍ଡ଼ ରେକର୍ଡ଼ରେ ନିଜର ନାମକୁ ଲିପିବଦ୍ଧ କରିଥିବା ନୂଆପଡ଼ାର ଏହି ଦୁଃସାହସିକ କ୍ରୀଡ଼ାବିତ ସଚିନ ଭୁବନେଶ୍ୱରସ୍ଥିତ ବୁଦ୍ଧମନ୍ଦିର ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପାଂଚ କେଜି ଏଙ୍କେଲ ୱେଟ୍ ବାନ୍ଧି ତିନି ମିନିଟ ଆଣ୍ଠୁ ପ୍ରଘାତ ବା ନିଷ୍ଟାଇକ କରି ପୂର୍ବରୁ ପାକିସ୍ତାନର ମୁଷ୍ଟିଯୋଦ୍ଧା ମହମ୍ମଦ ରସିଦଙ୍କ ନାମରେ ଥିବା ୧୭୮ନିଷ୍ଟାଇକକୁ ଭାଙ୍ଗି ୨୦୪ ଆଣ୍ଠୁ ପ୍ରଘାତ କରି ନୂତନ ଗିନିଜ୍ ବୁକ୍ ରେକର୍ଡ଼ ସ୍ଥାପନ କରିଛନ୍ତି। ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଜିଲ୍ଲା ଆଥଲେଟିକ୍ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଓଲିଉଡ଼ କଳାକାର ଅଖିଳେଶ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ସଚିନଙ୍କୁ ଉତ୍ସାହିତ କରିଥିଲେ।

ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଲରକା ଗ୍ରାମର ପିତା ଲକ୍ଷ୍ମୀପ୍ରସାଦ ବେହେରା ଏବଂ ଆରତୀ ବେହେରାଙ୍କ ପୁତ୍ର ସଚିନ ବେହେରା ନିଜ ଗ୍ରାମରେ ଥିବା ସ୍କୁଲ୍‌ରେ ଅଧ୍ୟୟନ କରୁଥିଲେ। ସେଠାରେ ଉତମ ଶିକ୍ଷାର ସୁବିଧା ନଥିବାରୁ ସଚିନଙ୍କ ପିତା ତାଙ୍କୁ କଳାହାଣ୍ଡିର କେସିଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ନାମ ଲେଖାଇଥିଲେ। ସେଠାରେ ସଚିନ ହଷ୍ଟେଲ ରହି ଅଧ୍ୟୟନ କରିଥିଲେ। ସ୍କୁଲ ଶିକ୍ଷା ସମାପ୍ତ କରି ଉଚ୍ଚଶିକ୍ଷା ହାସଲ କରିବା ପାଇଁ ସଚିନ ଭୁବନେଶ୍ୱରସ୍ଥିତ ନବଜ୍ୟୋତି ଯୁକ୍ତଦୁଇ କଲେଜରେ ଶିକ୍ଷାଦାନ କରୁଥିଲେ। ଏବେ ସେ ଭୁବନେଶ୍ୱରର ହାଇଟେକ କଲେଜ ଅଫ୍ ଫିଜିଓଥେରାପିରେ ଇଣ୍ଟନସିପ୍ କରୁଛନ୍ତି। ପିଲାଟି ଦିନରୁ କ୍ରୀଡ଼ା ପ୍ରତି ତାଙ୍କର ଆଗ୍ରହ ଥିଲା। ଏଥିପ୍ରତି ସେ କଠିନ ପରିଶ୍ରମ କରୁଥିଲେ। ପ୍ରଥମେ ସେ ୧୦୦ ମିଟର ଧାବକ ଭାବରେ ପରିଚିତ ଥିଲେ। ପୂର୍ବରୁ ପ୍ରଶିକ୍ଷକ ସତ୍ୟପୀର ପ୍ରଧାନଙ୍କ ତତ୍ୱାବଧାନରେ ନିଷ୍ଟାଇକ ଭାବେ ସଚିନ ଗିନିଜ ବୁକରେ ନିଜ ନାମ ଲିପବଦ୍ଧ କରିଥିଲେ। ଖାଲି ସେତିକି ନୁହେଁ ସଚିନଙ୍କ ଇଚ୍ଛା ଥିଲା ସେ ଆଣ୍ଠୁ ପ୍ରଘାତରେ ବିଶ୍ୱରେକର୍ଡ଼ କରି ଓଡ଼ିଶା ତଥା ଦେଶ ପାଇଁ ଗୌରବ ଆଣିବେ। ସେଥିପାଇଁ ସଚିନ ଦିନକୁ ୧୦ଘଂଟାର କଠିନ ପରିଶ୍ରମ କରୁଥିଲେ ଏବଂ ଦୀର୍ଘ ଚାରିମାସ କାଳ ଅକ୍ଳାନ୍ତ ପରିଶ୍ରମ କରି ନିଜ ନାମ ଗିନିଜ ବୁକରେ ଲିପିବଦ୍ଧ କରିବା ପାଇଁ ପ୍ରସ୍ତୁତ ହୋଇଥିଲେ। ଆଜି ତାଙ୍କ ସ୍ୱପ୍ନ ପୂରଣ ହୋଇଛି। ଭୁବନେଶ୍ୱରଠାରେ ଆୟୋଜିତ ଏକ ସମାବେଶରେ ସଚିନ ପାଂଚ କେଜି ଏଙ୍କେଲ ୱେଟ୍ ବାନ୍ଧି ମାତ୍ର ୩ ମିନିଟ୍‌ରେ ୨୦୪ ଥର ଆଣ୍ଠୁ ପ୍ରଘାତ କରି ପୂର୍ବରୁ ପାକିସ୍ତାନର ମୁଷ୍ଟିଯୋଦ୍ଧା ମହମ୍ମଦ ରସିଦଙ୍କ ନାମରେ ଥିବା ରେକର୍ଡ଼କୁ ଭାଙ୍ଗି ନିଜ ନାମରେ କୀର୍ତିମାନ ସ୍ଥାପନ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ହାଇଟେକର ଅଧ୍ୟକ୍ଷ ତିରୁପତି ପାଣିଗ୍ରାହୀ, ନବଜ୍ୟୋତି ଜୁନିୟର ସାଇନ୍ସ କଲେଜର ଅଧ୍ୟକ୍ଷ ଶାନ୍ତନୁ ମହାପାତ୍ରଙ୍କୁ ସଚିନ କୃତଜ୍ଞତା ଜଣାଇଛନ୍ତି । ଏହା ସହିତ ସଚିନ ସମସ୍ତ ସଫଳତାକୁ ପିତାମାତାଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଏକ୍ସପୋର୍ଟ ୱିଟନେସ୍ ଭାବରେ ସୌମ୍ୟରଞ୍ଜନ ଦାସ, ସନ୍ଦିପ ମହାନ୍ତି, କିକ୍‌ପ୍ୟାଡ଼ କିପର ଅମନ ପାଣ୍ଡେ, ଟାଇମ୍ କିପର ଗୁରୁପ୍ରସାଦ ପଟ୍ଟନାୟକ, ସସ୍ମିତା ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟ ସଂଗ୍ରହାଳୟରେ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଶହେ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ

ଭୁବନେଶ୍ୱର,୩୧/୧ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟଠାରେ ରବିବାର ଶହୀଦ ଦିବସ ଏବଂ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଏକଶହ ବର୍ଷ ପୂର୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଭର୍ଚୁଆଲ୍ ମାଧ୍ୟମରେ ଯୋଗଦେଇଥିବା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ବିଭାଗୀୟ ନିର୍ଦ୍ଦେଶକ ରଂଜନ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବାବେଳେ ସମ୍ମାନିତ ବକ୍ତା ଭାବେ ଡ. ପ୍ରୀତିଶ ଆଚାର୍ଯ୍ୟ, ଡ. ନିହାର ରଂଜନ ପଟ୍ଟନାୟକ, ଡ. ଦାଶ ବେନ୍‌ହୁର, ଡ. ପ୍ରହ୍ଲାଦ ସିହ୍ନା ଯୋଗଦାନ କରି ଶହୀଦ ଦିବସର ତାତ୍ପର୍ଯ୍ୟ ଏବଂ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନ ସଂପର୍କିତ ତଥ୍ୟ ଓ ବକ୍ତବ୍ୟ ଉପସ୍ଥାପନ କରିଥିଲେ ।

ଏହି ଅବସରରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟଠାରେ ଗାନ୍ଧୀ ଗ୍ୟାଲେରୀର ଉଦ୍‌ଘାଟନ ସହ ଓଡ଼ିଶା ଲଳିତ କଳା ଏକାଡେମୀ ଦ୍ୱାରା ଗାନ୍ଧିଜୀଙ୍କ ସଂପର୍କିତ ଚିତ୍ରକଳା ପ୍ରଦର୍ଶନୀର ଆୟୋଜନ କରାଯାଇଛି। ଏଥି ସହ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀଙ୍କ ଦ୍ୱାରା ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଦ୍ୱାରା ପ୍ରସ୍ତୁତ ଗାନ୍ଧୀଭିତିକ କଫି ଟେବୁଲ ପୁସ୍ତକ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସ୍ୱତନ୍ତ୍ର ଗାନ୍ଧୀ ବିଶେଷାଙ୍କ କୋଣାର୍କ ପତ୍ରିକା ମଧ୍ୟ ଉନ୍ମୋଚିତ ହୋଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ପ୍ରବୋଧ କୁମାର ରାଉତ କୋଣାର୍କ ପତ୍ରିକା ସଂପର୍କିତ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ ଏବଂ ଓଡ଼ିଶା ଲଳିତ କଳା ଏକାଡେମୀର ସଚିବ ପଂଚାନନ ସାମଲ ଗାନ୍ଧୀ ଚିତ୍ରକଳା ପ୍ରଦର୍ଶନୀ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଏଥି ସହିତ ଗାନ୍ଧିଜୀଙ୍କ ଜୀବନୀ ଆଧାରିତ ଷ୍ଟୋରି ଟେଲିଂ ସିଡି ର ଉନ୍ମୋଚନ କରାଯାଇଥିଲା।

ପ୍ରାରମ୍ଭରେ ସଂଗ୍ରହାଳୟର ଉଦ୍ୟାନ ପରିସରରେ ଏକ ନୀରବ ପ୍ରାର୍ଥନା ସହିତ ସଂଗୀତ ଶିଳ୍ପୀ ଅନିନ୍ଦିତା ଦାସଙ୍କ ନିର୍ଦ୍ଦେଶନାରେ ସଦ୍‌ଭାବନା ପ୍ରାର୍ଥନା ସଭା ଆୟୋଜିତ ହୋଇଥିଲା। ସଂଗ୍ରହାଳୟର ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲଙ୍କ ତତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମଧୁମିତା ମହାନ୍ତି ସଂଯୋଜନା କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଫେସ୍‌ବୁକ୍ ଓ ୟୁଟ୍ୟୁବ୍ ଚାନେଲ୍ ରେ ସିଧା ପ୍ରସାରଣ କରାଯାଇଥିଲା।

## ସଂକ୍ରମଣ କମିଛି, କିନ୍ତୁ ଡେଲଟା ଓ ଓମିକ୍ରନ ଏବେ ବି ଥିବାରୁ ସତର୍କ ରହିବା ଜରୁରୀ

ଭୁବନେଶ୍ୱର,୩୧/୧ (ନି.ପ୍ର): ରାଜ୍ୟରେ ଶୀର୍ଷରେ ପହଞ୍ଚିବା ପରେ ଏବେ କମୁଛି ସଂକ୍ରମଣ। ୧୦ ହଜାର ପାର କରିଥିବା ସଂକ୍ରମଣ ସଂଖ୍ୟା ଏବେ ୫ ହଜାର ତଳକୁ ଖସିଛି। ଆଜି ଗତ ୨୪ ଘଣ୍ଟାରେ ରାଜ୍ୟ, ୩,୩୨୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛି। ରାଜ୍ୟରେ କରୋନା ସ୍ଥିତି ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି ଯେ, ଏବେ ରାଜ୍ୟରେ କରୋନା ସ୍ଥିତିରେ ସୁଧାର ଆସୁଛି । ଦୈନିକ ସଂକ୍ରମଣ ସଂଖ୍ୟା ବି କମୁଛି । ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ବି କମୁଛି । ଧିରେ ଧିରେ କରୋନା ସ୍ଥିତିରେ ସୁଧାର ପରିଲକ୍ଷିତ ହୋଇଛି। ମାତ୍ର ଯାହା ଆମେ ଆଗରୁ କହିଛୁ ଆମକୁ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ । ଓମିକ୍ରନର ସଂକ୍ରମଣ କ୍ଷମତା ଡେଲଟାଠୁ ବହୁତ ଅଧିକ । ତେଣୁ କେତେବେଳେ ବି ଏହା ପୁଣି ଫେରିପାରେ। ତେଣୁ ଆମକୁ ସତର୍କ ରହିବାକୁ ପଡିବ । ବର୍ତ୍ତମାନ ଯାହା କଟକଣା ରହିଛି ତାହା ଲୋକଙ୍କ ଜୀବନ ଜୀବିକା ଉପରେ ସାମାନ୍ୟତମ ପ୍ରଭାବ ପକାଉନି । ସେଥିପାଇଁ ସଂକ୍ରମଣର ଗ୍ରାଫ ସମ୍ପୂର୍ଣ୍ଣ ତଳେ ନ ପହଞ୍ଚିବା ପର୍ଯ୍ୟନ୍ତ ଆମକୁ ସତର୍କ ରହିବାକୁ ହେବ ।

କୋଭିଡ ମୃତ୍ୟୁ ବଢ଼ିବା ନେଇ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ, କରୋନାର ଲହର ଶୀର୍ଷରେ ପହଞ୍ଚିବା ପରେ ମୃତ୍ୟୁ ସଂଖ୍ୟା ଟିକିଏ ବଢ଼େ । ଜାନୁଆରି ମାସରେ ୨ ଲକ୍ଷରୁ ଅଧିକ ସଂକ୍ରମିତ ଚିହ୍ନଟ ହୋଇଥିଲେ ତାହା ତୁଳନାରେ ଆମର ମୃତ୍ୟୁ ବହୁତ କମ ରହିଛି । ଡେଲଟା ଏବେ ବି ରହିଥିବାରୁ କିଛି ଆକ୍ରାନ୍ତଙ୍କ ମୃତ୍ୟୁ ହେଉଛି ।

## ମୁଁ କାହିଁକି ଗାନ୍ଧୀଙ୍କୁ ମାରିଲି ସିନେମା ନିଷିଦ୍ଧ କରିବା ଦାବିରେ ସମାଜବାଦୀ ପାର୍ଟିର ବିକ୍ଷୋଭ

ଭୁବନେଶ୍ୱର,୩୧/୧ (ନି.ପ୍ର): ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୭୪ତମ ମହାପ୍ରୟାଣ ଦିବସରେ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଗାନ୍ଧିଜୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇ ସ୍ଥାନୀୟ ମହାତ୍ମା ଗାନ୍ଧୀ ପାର୍କଠାରେ "ମୁଁ ଗାନ୍ଧୀଙ୍କୁ କାହିଁକି ମାରିଲି" ସିନେମାକୁ ନିଷିଦ୍ଧ କରିବା ଦାବିରେ ଏକ ଗଣ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ ଶୋଭାଯାତ୍ରାରେ ଦଳୀୟ କର୍ମୀମାନେ ଯୋଗଦେଇ 'ଗାନ୍ଧିଜୀଙ୍କ ଅପମାନ ଭାରତ ପାଇଁ ଏକ ଆହ୍ୱାନ', 'ରାଷ୍ଟ୍ରପିତାଙ୍କ ଅପମାନ ସହିବ ନାହିଁ ହିନ୍ଦୁସ୍ଥାନ', 'ଗାନ୍ଧିଜୀଙ୍କୁ ଅପମାନିତ କରିବା ବନ୍ଦ କର', 'ଡୋଂଟ ଗ୍ଲୋରିଫାଏ ନାଥୁରାମ ଗଡ୍‌ସେ', "ମୁଁ ଗାନ୍ଧୀଙ୍କୁ କାହିଁକି ମାରିଲି" ସିନେମାକୁ ନିଷେଧ କରିବା ଆମର ଦାବି ଭାରତରେ ସାମ୍ପ୍ରଦାୟିକ ଉତେଜନା ଚଳିବ ନାହିଁ, ଗାନ୍ଧୀଙ୍କୁ ଅପମାନିତ କରିବାରେ ଆର.ଏସ୍.ଏସ୍. ଓ ବିଜେପିର ଷଡ଼ଯନ୍ତ୍ର ଧିକ୍ ଧିକ୍ ଆଦି ସ୍ଲୋଗାନ ଦେଇ ଦଳୀୟ କର୍ମୀମାନେ ଏହି ସିନେମାକୁ ନିଷେଧ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି କରିଥିଲେ । ସମଗ୍ର ବିଶ୍ୱ ଗାନ୍ଧିଜୀଙ୍କ ଜନ୍ମଦିବସକୁ "ଆନ୍ତର୍ଜାତୀୟ ଅହିଂସା ଦିବସ" ଭାବେ ପାଳନ କରୁଥିଲା ବେଳେ ତାଙ୍କ ଜନ୍ମମାଟି ଭାରତରେ ଗାନ୍ଧିଜୀଙ୍କ ଅପମାନ ହେବା ଏକ ଐତିହାସିକ ବିଡ଼ମ୍ବନା ବୋଲି ଶ୍ରୀ ବେହେରା ମତବ୍ୟକ୍ତ କରିଥିଲେ । ହରିଦ୍ୱାରରୁ ଆରମ୍ଭ କରି ରାୟପୁର ପର୍ଯ୍ୟନ୍ତ ଧର୍ମ ସଂସଦ ନାମରେ ଯେଉଁମାନେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଅପମାନିତ କରିଛନ୍ତି, ତାଙ୍କ ବ୍ୟକ୍ତିତ୍ୱକୁ ମଳିନ କରିବାର ଉଦ୍ୟମ କରିଛନ୍ତି, ସାମ୍ପ୍ରଦାୟିକତାବାଦ୍ ଓ ବିଭାଜନର ବିଷ ମଞ୍ଜି ବୁଣିବାର ଉଦ୍ୟମ କରୁଛନ୍ତି, ସେମାନଙ୍କ ପ୍ରତି ଭାରତ ସରକାର ନିରବଦ୍ରଷ୍ଟା ସାଜିବା ଦେଶର ଜାତୀୟ ସଂହତି ଓ ଅଖଣ୍ଡତା ପ୍ରତି ଏକ ଆହ୍ୱାନ ସୃଷ୍ଟି କରୁଛି ବୋଲି ଦଳ ପକ୍ଷରୁ କୁହାଯାଇଛି । ଗୋଟିଏ ଦିଗରେ ପ୍ରଧାନମନ୍ତ୍ରୀ, ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଜାତୀୟ ତଥା ଅନ୍ତର୍ଜାତୀୟ ଫୋରମ୍‌ରେ ଅବତାରଣା କରୁଥିଲା ବେଳେ ଦେଶ ଭିତରେ ତାଙ୍କ ଦଳର ଏମ୍.ପି. ତଥା ତାଙ୍କ ସରକାରଙ୍କୁ ସମର୍ଥନ ଦେଉଥିବା ବାବାମାତା ମାନେ ଗାନ୍ଧିଜୀଙ୍କୁ ଅପମାନ କରିବା ସମୟରେ ନିଜେ ପ୍ରଧାନମନ୍ତ୍ରୀ ନିରବ ରହିବା ଦେଶର ଗଣତନ୍ତ୍ର ପ୍ରତି ଆଦୌ ଶୁଭଙ୍କର ନୁହେଁ ବୋଲି ଶ୍ରୀ ବେହେରା ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାର୍ଟିର ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, କୋଷାଧ୍ୟକ୍ଷ ସଂଜୟ ନାୟକ, ଯୁବ ଜନସଭାର ଜାତୀୟ ସମ୍ପାଦକ ସୁନୀଲ୍ ମିଶ୍ର, ଯୁବ ଜନସଭା ରାଜ୍ୟ ସଭାପତି ସୁବ୍ରତ ଲେଙ୍କା, ଯୁବନେତା ଦେଶପ୍ରିୟ ଦାସ, ଦେବାଶିଷ ମହାପାତ୍ର, ନାରୀ ନେତ୍ରୀ ସୋନା ମହାରଣା, ଛାତ୍ରନେତା ସ୍ୱୟଂପ୍ରକାଶ ଦାସ ପ୍ରମୁଖ ଏହି ବିକ୍ଷୋଭରେ ଅଂଶଗ୍ରହଣ କରି ଗାନ୍ଧିଜୀଙ୍କ ଅପମାନ ଦେଶପାଇଁ ଯେଉଁ ଆହ୍ୱାନ ସୃଷ୍ଟି କରିଛି, ତାହା ବିରୁଦ୍ଧରେ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ପ୍ରତିବାଦ କରାଯିବ ବୋଲି କହିଥିଲେ। କେନ୍ଦ୍ର ସରକାର ତୁରନ୍ତ "ମୁଁ ଗାନ୍ଧିଙ୍କୁ କାହିଁକି ହତ୍ୟା କଲି" ଚଳଚ୍ଚିତ୍ରକୁ ନିଷେଧ କରିବାକୁ ଏହି ନେତୃମଣ୍ଡଳୀ ଦାବି କରିଥିଲେ ।

# ଆଦିବାସୀଙ୍କ ବିକାଶ ପାଇଁ ଅଭିଯାନ ଆରମ୍ଭ

ଭୁବନେଶ୍ୱର,୩୧/୧ (ନି.ପ୍ର): ସେଣ୍ଟର ଫର ଆଦିବାସୀ ରିସର୍ଚ୍ଚ ଆଣ୍ଡ୍ ଡେଭଲପ୍‌ମେଣ୍ଟ, ଓଡ଼ିଶା( କାର୍ଡ) ଏବଂ ସେଣ୍ଟ୍ରାଲ ୟୁନିଭର୍ସିଟି ଅଫ୍ ଓଡ଼ିଶା ମଧ୍ୟରେ ଆଜି ଏକ ପାଞ୍ଚ ବର୍ଷିଆ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ଆଦିବାସୀଙ୍କ ବିକାଶ ପାଇଁ ଆବଶ୍ୟକ ଗବେଷଣାରେ ସହାୟକ ହେବା ସହିତ ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମଜିକ ଜୀବନ ବିକାଶରେ ସହାୟକ ହେବ। ଏବଂ, ଭାରତର ନୂଆ ବିକାଶ ଓଡ଼ିଶାରୁ ଆରମ୍ଭ ହେଲା ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଭର୍ଚୁଆଲ ମାଧ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ସେଣ୍ଟ୍ରାଲ ୟୁନିଭର୍ସିଟି ଅଫ୍ ଓଡ଼ିଶାର କୁଳପତି ପ୍ରଫେସର ଶରତ କୁମାର ପାଲିତ ଓ କାର୍ଡର ନିର୍ଦ୍ଦେଶକ ଡକ୍ଟର ବିକ୍ରମ କେଶରୀ ଜେନା ପେ ?ରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବରେ ବିକ୍ରମଶିଳା ଆନ୍ତର୍ଜାତିକ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ତଥା ବରିଷ୍ଠ ପ୍ରଶାସନିକ ଅଧିକାରୀ ପ୍ରଫେସର ସୁଦୀପ୍ତ କୁମାର ନନ୍ଦ ଯୋଗଦେଇ କହିଥିଲେ, ଏହି ଚୁକ୍ତି ଫଳରେ ଉଭୟ ଅନୁଷ୍ଠାନ ଆଦିବାସୀମାନଙ୍କ ବିକାଶ କ୍ଷେତ୍ରରେ ସମନ୍ୱୟ ଭାବରେ କାମ କରିବାରେ ସହାୟକ ହେବ। ପରବର୍ତ୍ତୀ ସମୟରେ କାର୍ଡ ସହ ଯୋଡି ହୋଇ ବିଭିନ୍ନ ଅନୁଷ୍ଠାନମାନଙ୍କୁ କାମ କରିବାକୁ ଆହ୍ୱାନ ଦେଇଥିଲେ ସମ୍ବଲପୁର ଆଇଆଇଏମର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ। ଓଡ଼ିଶାରେ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଏହି ଚୁକ୍ତି ଏକ ମଇଲଖୁଣ୍ଟ ସ୍ଥାପନ କରିବ ବୋଲି ସେ ମତପୋଷଣ କରିଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ ନାୟକ କହିଥିଲେ, ଆଦିବାସୀ ବିକାଶ କ୍ଷେତ୍ରରେ ଗବେଷଣାର ଉପଯୋଗିତା ଏକାନ୍ତ ଆବଶ୍ୟକ । ଏହି ଚୁକ୍ତି ନିଶ୍ଚିତ ଭାବରେ ଓଡ଼ିଶାରେ ଆଦିବାସୀମାନଙ୍କ ଶିକ୍ଷା ସ୍ୱାସ୍ଥ୍ୟ ଓ ସାମାଜିକ ଜୀବନରେ ବିକାଶ ପାଇଁ ସହାୟକ ହେବ। ଏହି ଚୁକ୍ତି କାର୍ଡକୁ ଆଉ ପାଦେ ନେଇ ଅଧିକ ସମ୍ବେଦନଶୀଳ ଭାବେ ଆଦିବାସୀ ସମସ୍ୟା ଓ ଶିକ୍ଷାକ୍ଷେତ୍ରରେ ସୃଜନଶୀଳ ପଦକ୍ଷେପ ନେବ ବୋଲି କୋଲକାତା ଏନୟୁଜେଏସ୍ ପ୍ରଫେସର ଶ୍ରୀନିବାସ ଏନ୍ ଏସ୍ କହିଥିଲେ। ଆଦିବାସୀ ସଂସ୍କୃତିର ଅବକ୍ଷୟକୁ ରୋକିରିବ ବୋଲି ବିଶିଷ୍ଟ ସମାଜସେବୀ ଓ ରାଜନୀତିଜ୍ଞ ଶାରଦା ପ୍ରସାଦ ଶତପଥୀ କହିଥିଲେ। ପଦ୍ମଶ୍ରୀ ପ୍ରଫେସର ଦମୟନ୍ତୀ ବେଶ୍ରା ଓଡ଼ିଶାର ବିଭିନ୍ନ ଶିକ୍ଷାନୁଷ୍ଠାନରେ କିପରି ଆଦିବାସୀ ଭାଷାର ବିକାଶ ହୋଇପାରିବ ଓ ଆଦିବାସୀ ଯୁବବର୍ଗ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ, ସେନେଇ ଆଲୋକପାତ କରିଥିଲେ। କଠିନ ପରିଶ୍ରମ ଉଭୟ ଅନୁଷ୍ଠାନ ମଧ୍ୟରେ ସହଯୋଗିତା ନିଶ୍ଚିତ ଏହି ଚୁକ୍ତିର ଉଦ୍ଦେଶ୍ୟକୁ ସାକାର କରିବ ବୋଲି କହିଥିଲେ ନେତାଜୀ ସୁଭାଷ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୌରାଙ୍ଗ ଚରଣ ନନ୍ଦ। ସେହିଭଳି ଗୁଜରାଟ ଏନ୍‌ଆରଟିଆଇ ବରିଷ୍ଠ ଐତିହାସିକ ଚଣ୍ଡୀ ପ୍ରସାଦ ନନ୍ଦ କହିଥିଲେ, ଏହି ଚୁକ୍ତି କୋରାପୁଟକୁ ଦେଶର ଆଦିବାସୀ ରାଜଧାନୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ସମାଜବିଜ୍ଞାନର ବିକାଶ , ଯୁବ ଦକ୍ଷତା ବିକାଶ , ସଂସ୍କୃତିର ବିକାଶ ସହିତ ବିଶ୍ୱ ମାନଚିତ୍ରରେ ଓଡ଼ିଶାର ପ୍ରାଧାନ୍ୟ ବୃଦ୍ଧି କରିବ ବୋଲି ଓଡ଼ିଶା ଲୋକସେବା ଆୟୋଗର ସଚିବ ମତ ରଖିଥିଲେ । ଆଦିବାସୀ ମହିଳା ମାନଙ୍କ ଶିକ୍ଷା ଓ ସାମାଜିକ ସ୍ଥିତିରେ ବିକାଶ ଆଣିବା ଗବେଷଣା ଓ ରାଜନୈତିକ ଜ୍ଞାନ ପ୍ରଦାନ କରିବା କ୍ଷେତ୍ରରେ ଜନସଚେତନତା ସୃଷ୍ଟି କରିବା ପାଇଁ ଚୁକ୍ତି ସହାୟକ ହେବ ବୋଲି କହିଥିଲେ ପ୍ରଫେସର ସଂଗୀତା ରଥ। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର କୁମାର ବାସା, ବିଶିଷ୍ଟ ଲେଖକ ଓ ବକ୍ତା ଚାରୁଦତ୍ତ ପାଣିଗ୍ରାହୀ ଏବଂ ସେଣ୍ଟ୍ରାଲ ଉନିଭର୍ସିଟି ଅଫ୍ ଓଡ଼ିଶାର ରେଜିଷ୍ଟ୍ରର ଡାକ୍ତର ଅସିତ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ କାର୍ଡ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାଶ ସ୍ୱାଗତ ଭାଷଣ ଦେଇଥିବାବେଳେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରଫେସର ଆଶିଷ କୁମାର ଦ୍ୱିବେଦୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଫେସର ବିକଳି ଚରଣ ଦାସ , ପ୍ରଫେସର ସୁଦର୍ଶନ ମିଶ୍ର , ପ୍ରଫେସର ସୁବାସ ବାରିକ , ପ୍ରଫେସର ଲୋକନାଥ ମିଶ୍ର , ପ୍ରଫେସର ଲକ୍ଷ୍ମୀକାନ୍ତ ମିଶ୍ର, ପ୍ରଫେସର ଅମୂଲ୍ୟ ଆଚାର୍ଯ୍ୟ , ଅଧ୍ୟାପକ ଶୁଭମ ଦାସ , ଡ. କମଳ ପ୍ରସାଦ ମହାନ୍ତି , ସମୁଏଲ ଲିମା , ଡ. ପ୍ରୀତିଶ୍ରୀ ରଞ୍ଜନ , ଡ. ନୂପୁର ପଟନାୟକ , ଡ. ଶ୍ରବଣ ବାଗ, ଡ. ନିନା ଦାଶ , କାର୍ଡର ଅନ୍ୟତମ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଚିନ୍ମୟ ସାହୁ କାର୍ଡର ସମସ୍ତ ଉପଦେଷ୍ଟା ଓ ସଦସ୍ୟ ଓ ବିଶ୍ୱବିଦ୍ୟାଳୟ ର ସମସ୍ତ ଅଧ୍ୟାପକ ଅଧ୍ୟାପିକା , କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହାୟତା କରିଥିଲେ।

## ଗତ ୨୪ଘଣ୍ଟାରେ ରାଜ୍ୟରେ ୩,୩୨୯ କରୋନା ପଜିଟିଭ ଚିହ୍ନଟ: ୧୮ ମୃତ

ଭୁବନେଶ୍ୱର,୩୧/୧ (ନି.ପ୍ର): ରାଜ୍ୟରେ କମୁଛି ସଂକ୍ରମଣ। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୩,୩୨୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୯୩୪ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୧୩୯୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୫୦୪ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୬୪୬ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୮୫ ଜଣ, ବାଲେଶ୍ୱରରୁ ୧୪୧ ଜଣ, ବରଗଡ଼ରୁ ୪୬ ଜଣ, ଭଦ୍ରକରୁ ୫୭ ଜଣ, ବଲାଙ୍ଗୀରରୁ ୬୭ ଜଣ, ବୌଦ୍ଧ ଜିଲ୍ଲାରୁ ୪୯, କଟକରୁ ୨୯୩ ଜଣ, ଦେବଗଡ଼ରୁ ୬୭ ଜଣ, ଢେଙ୍କାନାଳରୁ ୬୧ ଜଣ, ଗଜପତିରୁ ୬୪, ଗଞ୍ଜାମରୁ ୪୪ ଜଣ, ଜଗତସିଂହପୁରରୁ ୭୦ ଜଣ, ଯାଜପୁରରୁ ୯୯ ଜଣ, ଝାରସୁଗୁଡ଼ାରୁ ୭୪ ଜଣ, କଳାହାଣ୍ଡିରୁ ୧୦୭ ଜଣ, କନ୍ଧମାଳରୁ ୪୩ ଜଣ, କେନ୍ଦ୍ରାପଡ଼ାରୁ ୭୩ ଜଣ, କେଉଁଝରରୁ ୨୧ ଜଣ, ଖୋର୍ଦ୍ଧାରୁ ୬୪୬ ଜଣ, କୋରାପୁଟରୁ ୫୯ ଜଣ, ମାଲକାନଗିରିରୁ ୩୪ ଜଣ, ମୟୁରଭଞ୍ଜରୁ ୧୪୫ ଜଣ, ନବରଙ୍ଗପୁରରୁ ୯୦, ନୟାଗଡ଼ରୁ ୧୨୦ ଜଣ, ନୂଆପଡ଼ାରୁ ୧୨୯ ଜଣ, ପୁରୀରୁ ୫୬ ଜଣ, ରାୟଗଡ଼ାରୁ ୬୬ ଜଣ, ସମ୍ବଲପୁରରୁ ୧୧୫ ଜଣ, ସୋନପୁରରୁ ୩୫, ସୁନ୍ଦରଗଡ଼ରୁ ୨୩୭ ଜଣ ଓ ଷ୍ଟେଟ ପୁଲରୁ ୧୩୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨,୪୯,୨୪୦ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୧, ୯୩, ୩୬୫ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୪୭,୨୧୦ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି। ଏହା ସହ ରାଜ୍ୟରେ ଆଉ ୧୮ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଅଡିଟ୍ ପ୍ରୋସେସରେ ଆଉ ୧୮ଜଣଙ୍କ ମୃତ୍ୟୁ ନେଇ ସ୍ୱାସ୍ଥ୍ୟ ବିଭାଗର ସୂଚନା ଦେଇଛି। ଏହାକୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୮ ହଜାର ୬୧୨କୁ ବୃଦ୍ଧି ପାଇଛି।

## ଭଡାରେ ସେନାବାହିନୀ.....

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ବିଗତ ୮ବର୍ଷରେ କ୍ରିମିଆର ଡୋନବାସ୍ ଯୁଦ୍ଧ, ୟୁକ୍ରେନ ବିମାନ ବାହିନୀର ଇଲ୍ୟୁସିନ -୭୬ ବିମାନକୁ ନଷ୍ଟ କରିବା, ସିରିଆର ଯୁଦ୍ଧ, ୨୦୧୫-୧୬ର ଲାଟକିଆ ଯୁଦ୍ଧ, ୨୦୧୬ରେ ସିରିଆର ଉତ୍ତର ଆଲେପୋ ଯୁଦ୍ଧ, ସିରିଆର ପାଲମିରା ଯୁଦ୍ଧ, ଇଡଲିବ ଯୁଦ୍ଧ, ସୁଦାନ ଗୃହଯୁଦ୍ଧ, ମାଲି ଯୁଦ୍ଧ, କାବୋ ଡେଲ୍‌ଗାଡୋରେ ଯୁଦ୍ଧ, ଲିବିୟା ଗୃହଯୁଦ୍ଧ ଆଦିରେ ଏହି କମ୍ପାନୀର ଯବାନମାନେ ସଂପୃକ୍ତ ରହିଆସିଛନ୍ତି । ୨୦୧୬ ଡିସେମ୍ବରରେ ରୁଷିଆ ପାଇଁ ସେବା ଯୋଗୁଁ କ୍ରେମଲିନଠାରେ କମ୍ପାନୀର ଅଧିକାରୀ ଆଲେକଜାଣ୍ଡର କୁଜ୍‌ନେତ୍‌ସୋଭ, ଆଣ୍ଡ୍ରି ବୋଗାଟୋଭ, ଆଣ୍ଡ୍ରି ଟ୍ରୋସେଭ ଓ ଭଟକିନ୍‌ଙ୍କୁ ସରକାରଙ୍କ ପକ୍ଷରୁ ସମ୍ମାନ ପ୍ରଦାନ କରାଯାଇଥିଲା, ଯେଉଁଥିରେ ପୁଟିନ ଉପସ୍ଥିତ ରହିଥିଲେ । ୧୫ଏପ୍ରିଲ ୨୦୧୮ରେ ରୁଷିଆର ସାମ୍ବାଦିକ ମାସିକିମ ବୋରୋଦିନଙ୍କର ୟେକଟେରିନ ବର୍ଗଠାରେ ରହସ୍ୟଜନକ ମୃତ୍ୟୁ ହୋଇଥିଲା । ସିରିଆରେ ଆମେରିକା ସମର୍ଥିତ ଗୋଷ୍ଠୀ ବିରୋଧରେ ଲଢି ମୃତ୍ୟୁବରଣ କରିଥିବା ୱାଗନର ଯବାନଙ୍କ ସଂପର୍କରେ ସେ ଖବର ପ୍ରକାଶ କରି ଚର୍ଚ୍ଚାକୁ ଆସିଥିଲେ । ସେମିତି ୩୦ଜୁଲାଇ ୨୦୧୮ରେ ତିନିଜଣ ରୁଷ ସାମ୍ବାଦିକ କିରିଲ ରାଡଚେଙ୍କୋ, ଆଲେକ୍‌ଜାଣ୍ଡର ରସ୍ତୋରଗୁଏଭ, ଓରଖାନ ଝେମାଲଙ୍କୁ କେନ୍ଦ୍ର ଆଫ୍ରିକାନ ରିପବ୍ଲିକ୍ ଠାରେ ହତ୍ୟା କରାଯାଇଥିଲା । ସେମାନେ ୱାଗନର ଯବାନଙ୍କ କାର୍ଯ୍ୟ ସଂପର୍କରେ ରିପୋର୍ଟ ଲେଖିବାକୁ ଯାଇଥିଲେ । ଏହି ଦୁଇଟି ହତ୍ୟାକାଣ୍ଡ ପଛରେ ୱାଗନର ଯବାନମାନେ ରହିଥିବା ଅଭିଯୋଗ ହୋଇଥାଏ । ୱାଗନର କାର୍ଯ୍ୟକଳାପକୁ ନେଇ ଗଣମାଧ୍ୟମରେ ସମ୍ବାଦ ପ୍ରକାଶନକୁ ବନ୍ଦ କରିବାକୁ ସେହି ହତ୍ୟାକାଣ୍ଡ ହୋଇଥିଲା । ସେହି ଖବରପ୍ରକାଶ ଯୋଗୁ ରୁଷିଆର ସରକାର ଦେଶ ଭିତରେ ସମାଲୋଚିତ ହୋଇଥିଲେ । ପୁଟିନଙ୍କୁ ସୁରକ୍ଷା ଦେବା ପାଇଁ ସାମ୍ବାଦିକମାନଙ୍କୁ ଶେଷ କରାଯାଇଥିଲା ବୋଲି କୁହାଯାଏ । ଏହି ଭଡାଟିଆ ସେନାବାହିନୀ ଗଣର କଣ୍ଠରୋଧ ପାଇଁ ନିଜ ଦେଶର ଲୋକଙ୍କୁ ମଧ୍ୟ ହତ୍ୟା କରିପାରନ୍ତି,ସରକାରଙ୍କ ପାଇଁ କାର୍ଯ୍ୟକରି ସାତଖୁଣ ମାଫ୍ ପାଇଥାନ୍ତି, ଯାହା ବର୍ତ୍ତମାନର ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କ ପାଇଁ ସନ୍ତ୍ରାସର ଅନ୍ୟ ଏକ ରୂପରେ ବିପଦ ବୋଲି କୁହାଯାଇପାରେ ।

+ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

## ବିଦ୍ୟାଳୟ ହେଉ ଦଣ୍ଡ ମୁକ୍ତ ପରିବେଶ

(ପୃଷ୍ଠା ୪ର ଅବଶିଷ୍ଟ)ଅନେକ ବିଦେଶ ରାଷ୍ଟ୍ର ବିଦ୍ୟାଳୟରେ ଶାରୀରିକ ଦଣ୍ଡ ବ୍ୟବସ୍ଥା ଉଚ୍ଛେଦ କରି ସାରିଲେଣି । ସେ ସ୍କୁଲ ହେଉ କି ଘର କେଉଁଠି ବି ଏଇ ଘୃଣ୍ୟ ଶାରୀରିକ ଦଣ୍ଡ ବା ମାନସିକ ଯନ୍ତ୍ରଣା ଦେବା ଏଇ ସବୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରି ସାରିଲେଣି। ସମଗ୍ର ବିଶ୍ୱରେ ଏତିକି ବେଳକୁ ୧୨୮ଟି ରାଷ୍ଟ୍ରରେ ଶିକ୍ଷା ପରିବେଶକୁ ଦଣ୍ଡମୁକ୍ତ କରି ସାରିଥିବା ବେଳେ ୬୯ଟି ରାଷ୍ଟ୍ର ଏହା କାର୍ଯ୍ୟ କାରି କରିବାକୁ ଯାଉଛନ୍ତି। ସର୍ବ ପ୍ରଥମେ ପୋଲାଣ୍ଡରେ ୧୭୮୩ ମସିହାରେ ବିଦ୍ୟାଳୟ ଶିକ୍ଷାକୁ ଦଣ୍ଡମୁକ୍ତ କରାଯାଇଥିଲା । ଏସବୁ ପଛରେ ବିଶ୍ୱ ପ୍ରସିଦ୍ଧ୍ ଦାର୍ଶନିକ୍ ତଥା ଶିକ୍ଷାବିତ୍ ଜନ୍‌ଲକଙ୍କର ଅବଦାନ ଉଲ୍ଲେଖ ଯୋଗ୍ୟ। ଏପରି ମଧ୍ୟ ଦେଖା ଯାଇଛି ଯେ ପିଲା ବାରମ୍ବାର ଶାରୀରିକ ଦଣ୍ଡ ହେଉ କି ମାନସିକ ଚାପ୍ ହେଉ, ପାଇବା ଫଳରେ ଉତ୍ତେଜିତ୍ ହୋଇ ପ୍ରତିହିଂସା ପରାୟଣ ହୋଇ କିଛି ବି କରି ବସିଥାନ୍ତି । ଏକରେ ନିଜ ଉପରେ ନହେଲେ ଶିକ୍ଷକଙ୍କ ଉପରେ ପ୍ରତିଶୋଧ ନେବାକୁ ପଛେଇ ନଥାନ୍ତି । ମାନସିକ ଚାପଗ୍ରସ୍ତ ହେବା ଫଳରେ ପାଠ ପଢ଼ାରେ ବି ପଛେଇ ଯାଇ ଥାନ୍ତ । ଯାହାକି ପରବର୍ତ୍ତୀ ସମୟରେ ତାର ଜୀବନଶୈଳୀରେ ଏହା ପ୍ରଭାବ ପକାଇଥାଏ। ଇଉନିସ୍କୋ ମଧ୍ୟ ବିଦ୍ୟାଳୟରୁ ଶାରୀରିକ ଦଣ୍ଡ ଓ ମାନସିକ ଚାପ ସମ୍ପୂର୍ଣ୍ଣ ଭାବେ ବ୍ୟାନ କରିବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ବିଶ୍ୱ ବି ତାର ଘୋଷଣାନାମାରେ ପ୍ରକାଶ କରିଛି ଯେ ଶାରୀରିକ ଦଣ୍ଡ ଅବୈଧ । ଏହାକୁ ସବୁ ଦେଶ ଲାଗୁ କରିବାକୁ ନିର୍ଦ୍ଦେଶନାମା ଜାରି ହୋଇଛି । କେତେକ କାର୍ଯ୍ୟ କାରି କଲେଣି, ଆଉ କେତେ ରାଷ୍ଟ୍ର କରିବା ପାଇଁ ଯାଉଛନ୍ତି । ସାମ୍ପ୍ରତିକ୍ ପରିସ୍ଥିତିରେ ଦଣ୍ଡମୁକ୍ତ ବିଦ୍ୟାଳୟ ହିଁ ଜରୁରୀ।

ନବରଙ୍ଗପୁର
(ମୋ)୯୪୩୭୭୮୮୭୦

## ପଞ୍ଚୁପାଲି ପଞ୍ଚାୟତରେ କଂଗ୍ରେସ ପାଇଁ ସମ୍ମାନର ପ୍ରଶ୍ନ

ଲଙ୍ଗଳେଶ୍ୱର, ୩୧/୦୧ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି ପଞ୍ଚାୟତ ରେ ବିଜେଡି, କଂଗ୍ରେସ ପ୍ରଚାର ଜୋରଦାର କରିଥିବା ବେଳେ ବିଜେପି ପଛରେ ପଡିଯାଇଛି ।ସମସ୍ତଙ୍କ ନଜରରେ ଥିବା ଏଇ ଚର୍ଚ୍ଚିତ ପଞ୍ଚାୟତ ରେ ଅଭିଜ୍ଞ ବନାମ ନୂଆ ମୁହଁ ଲଢେଇ ରୋଚକ ହୋଇଛି । ଗତ ନିର୍ବାଚନରେ ଏଠାରେ କଂଗ୍ରେସ ସମର୍ଥିତ ଦିଲ୍ଲୀପ ଗିରୀଙ୍କ ଧର୍ମପତ୍ନୀ ନମିତା ଗିରି ସରପଞ୍ଚଏବଂ ଗୋପାଳ ଦାସ ସମିତି ସଭ୍ୟ ଭାବେ ହଜାରେ ରୁ ଊର୍ଦ୍ଧ୍ୱ ଭୋଟରେ ଜିତିଥିଲେ। ଏବେ ନିଜେ ଦିଲ୍ଲୀପ ଗିରି ସରପଞ୍ଚ ଓ ଗୋପାଳ ଦାସଙ୍କ ଧର୍ମପତ୍ନୀ ସମିତି ସଭ୍ୟ ଭାବେ ଛିଡା ହୋଇ ଘରକୁ ଘର ବୁଲି ପ୍ରଚାର କରୁଥିବା ବେଳେ ବିଜେଡି ସମର୍ଥନରେ ଦୁଇ ଯୁବ ପ୍ରତିଭା ନିର୍ବାଚନ ରଣାଙ୍ଗନ ଟକ୍କର ଦେଉଛନ୍ତି ।ସରପଞ୍ଚ ଭାବେ ଶିକ୍ଷିତ ନୂଆ ଯୁବକ କୈଳାସ ପ୍ରଧାନ ଏବଂ ଅଶୋକ ବେହେରାଙ୍କ ଧର୍ମପତ୍ନୀ ବିଷ୍ଣୁପ୍ରିୟା ବେହାର ଯୁବ ଶକ୍ତି ଭାବେ ଉଭା ହେଇଛନ୍ତି ।ଘରକୁ ଘର ବୁଲିବା ସହିତ ସାହି ସାହି ରେ ବୈଠକ କରି ପ୍ରଚାର କରୁଛନ୍ତି ।କିନ୍ତୁ ବିଜେପି ଏଠାରେ ପୁରୁଣା ଅଭିଜ୍ଞ କାର୍ଯ୍ୟକର୍ତ୍ତାଙ୍କୁ ଦଳ ଉପେକ୍ଷା କରିଥିବାରୁ ସେମାନେ ଚୁପଚାପ ବସିଥିବାରୁ ବିଜେପି ସମର୍ଥକ ପ୍ରାର୍ଥୀ ପଛରେ ପଡିଯାଇଛି ବୋଲି ଲୋକେ ଚର୍ଚ୍ଚା କରୁଛନ୍ତି ।ତେବେ ଏଠାରେ କିଏ ବାଜିମାତ କରିବ ଦେଖିବାକୁ ବାକି ରହିଲା ।

## ବସ୍ତା ରେଳୱେ ଷ୍ଟେସନରୁ ୨୫ କିଲୋ ଗଞ୍ଜେଇ ସହ ୨ଅଭିଯୁକ୍ତ ଗିରଫ

ବସ୍ତା, ୩୧/୦୧ (ନି.ପ୍ର): କନ୍ଧମାଳ ଅଞ୍ଚଳରୁ ଗଞ୍ଜେଇ ନେଇ ପଶ୍ଚିମବଙ୍ଗ କୁ ଚାଲାଣ ବେଳେ ଦୁଇଜଣ ଙ୍କୁ ଗିରଫ କରିଛି ବାଲେଶ୍ୱର ବସ୍ତା ଅବକାରୀ ବିଭାଗ । ଆଜି ବାଲେଶ୍ୱର ଅବକାରୀ ବିଭାଗ ପକ୍ଷରୁ ବସ୍ତା ରେଲୱେ ଷ୍ଟେସନ ରୁ ୧୦ କେଜି ଗଞ୍ଜେଇ ଜବତ କରାଯାଇଥିଲା । ଗିରଫ ବ୍ୟକ୍ତି ଜଣକ ହେଲେ ଜୁଲଫିକର ମୌଲା ଘର ପଶ୍ଚିମବଙ୍ଗ ମୁର୍ଶିଦାବାଦ, ଘୋଷପଡ଼ା ଗ୍ରାମର ବୋଲି ଜଣାପଡିଛି । ସେହିଭଳି ବାଲେଶ୍ୱର ଅବକାରୀ ମୋବାଇଲ ସ୍କ୍ୱାର୍ଡ ଦ୍ୱାରା ବାଲେଶ୍ୱର ସହଦେବ ଖୁଣ୍ଟା ବସଷ୍ଟାଣ୍ଡ ରୁ ଗଞ୍ଜେଇ ଚାଲାଣ ବେଳେ ଜଣେ ଯୁବକ କୁ ଗିରଫ କରାଯାଇଛି । ଗିରଫ ଯୁବକ ଜଣକ ମୁର୍ଶିଦାବାଦ ଅଞ୍ଚଳର ସୌରଭ ମୌଲା ।ଯୁବକ ନିକଟରୁ ୧୫ କେଜି ଗଞ୍ଜେଇ ଜବତ କରାଯାଇଥିବା ବେଳେ ଯାହାର ଆନୁମାନିକ ମୂଲ୍ୟ ୭୫ ହଜାର ହେବ ବୋଲି ବସ୍ତା ଅବକାରୀ ଅଧିକାରୀ କୁଳମଣୀ ବାରିକ ପ୍ରକାଶକରିଛନ୍ତି ।ତେବେ ଦୁଇ ଅଭିଯୁକ୍ତ ଙ୍କ ନାମରେ ଦୁଇଟି ମାମଲାରୁଜୁକରି କୋର୍ଟ ଚାଲାଣ କରାଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଜମି ବିକ୍ରି ....

ବିକ୍ରି କରାଯାଇଛି ବୋଲି ଡ.ଲେଖାଶ୍ରୀ ଅଭିଯୋଗ କରିଛନ୍ତି । ପ୍ରଭାକରନଙ୍କ ଜମିକୁ ମାତ୍ର ୯ ଦିନ ଭିତରେ ମ୍ୟୁଟେସନ କରାଯାଇଛି । ସେହିପରି ମାତ୍ର ୫୦୦ ଡିସିମିଲ ଜମିରେ ଥିବା ନବୀନ ନିବାସ ଆଜି ଧିରେ ଧିରେ ପ୍ରଭୁ ଶ୍ରୀ ଲିଙ୍ଗରାଜ ଜମିକୁ ମାଡି ବସି ଦେଢ ଏକର ପର୍ଯ୍ୟନ୍ତ ବିସ୍ତାର ହୋଇସାରିଲାଣି । ଏହା ପଛରେ କେଉଁ କେଉଁମାନେ ସଂଶ୍ଳିଷ୍ଟ ଅଛନ୍ତି ଏବଂ ମ୍ୟୁଟେସନ କରି ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଜମିର କିସମକୁ ବଦଳାଇ ଦଲାଲ୍‌ଙ୍କ ହାତକୁ ଟେକି ଦେଉଛନ୍ତି ବୋଲି ଡ.ଲେଖାଶ୍ରୀ ଅଭିଯୋଗ କରିଛନ୍ତି । ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଜମିକୁ ଷଡଯନ୍ତ୍ର କରି ବେଆଇନ ଭାବେ ପ୍ରଭାବଶାଳୀ ଖଣି ସ୍ୱତାଧିକାରୀ ପ୍ରଭାକରନଙ୍କୁ ବିକ୍ରି କରାଯାଇଛି । ଏହି ଜମି ପ୍ରଥମେ ହୃଶିକେଶ ଦାସ ନାମକ ବ୍ୟକ୍ତିଙ୍କୁ ବିକ୍ରି କରାଯାଇଥିଲା ଏବଂ ଗତ ୨୦୨୧ ମସିହା ନଭେମ୍ବର ୫ ତାରିଖ ଦିନ ପ୍ରଭାକରନଙ୍କ ସ୍ତ୍ରୀ ପୃଥୀକା ପ୍ରଭାକରନଙ୍କ ନାମରେ ଟ୍ରାନ୍ସଫର କରାଯାଇଛି । ସେଲ୍ ଡିଡ୍ ରେ ମିଥ୍ୟା ତଥ୍ୟ ଦିଆଯାଇ ଏହି ଜମି ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ନୁହେଁ ବୋଲି ଦଲିଲ୍ ପ୍ରସ୍ତୁତ କରାଯାଇଛି । ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ପ୍ରରୋଚନାରେ ହୋଇଥିବା ଏହି ଜମି ଘୋଟାଲାରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡିଯିବ ବୋଲି ସ୍ଥାନୀୟ ତହସିଲଦାର ଆଶଙ୍କା ପ୍ରକାଶ କରିଛନ୍ତି । ଯାହା ଆମ ସମସ୍ତଙ୍କୁ ଚକିତ କରିଛି ବୋଲି ଡ.ଲେଖାଶ୍ରୀ କହିଛନ୍ତି । ସ୍ଥାନୀୟ ବିଧାୟକ ତଥା ରାଜ୍ୟ ସଂସ୍କୃତି ମନ୍ତ୍ରୀ ନିଜସ୍ୱ ବିଧାୟକ ପାଂଠିରୁ ୧୮ ଲକ୍ଷ ଟଙ୍କା ଅର୍ଥ ବରାଦ କରି ସେହି ବିବାଦୀୟ ସ୍ଥାନକୁ ରାସ୍ତା କରାଯିବା ପଛରେ ବିରାଟ ଷଡଯନ୍ତ୍ର ସ୍ପଷ୍ଟ ହୋଇଛି ଏବଂ ଏ ସଂପର୍କରେ ରାଜ୍ୟ ସରକାର ନିହାତି ଭାବେ ସ୍ପଷ୍ଟୀକରଣ ଦେବା ଉଚିତ୍ ବୋଲି ଡ.ଲେଖାଶ୍ରୀ ଦାବୀ କରିଛନ୍ତି । ଓଡିଶାବାସିଙ୍କ ଆତ୍ମା ଓ ସ୍ୱାଭୀମାନ ଉପରେ କୁଠାରାଘାତ କରାନଯାଉ । ଷଡଯନ୍ତ୍ରକାରୀ ଜମି ଦଲାଲ୍‌ଙ୍କ ବିରୁଦ୍ଧରେ ଆଇନଗତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ରାଜ୍ୟ ସରକାର ହୀନ ଚକ୍ରାନ୍ତରୁ ଓହରିଯାଇ ତୁରନ୍ତ ଏହି ଜମିକୁ ପ୍ରଭୂ ଶ୍ରୀ ଲିଙ୍ଗରାଜଙ୍କ ନାମରେ ନାମିତ କରନ୍ତୁ ବୋଲି ଡ.ଲେଖାଶ୍ରୀ ଦାବୀ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ ଓ ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂ ଉପସ୍ଥିତ ଥିଲେ ।

### ଆଜି ସାଧାରଣ....

ହାରରେ ଆଗକୁ ବଢୁଛି ଦେଶ । ମହାମାରୀ ପୂର୍ବ ସ୍ଥିତିକୁ ଫେରିଆସୁଛି ଦେଶର ଅର୍ଥନୀତି । ନଜର ପକାନ୍ତୁ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପରେ । ମହାମାରୀ ଯୋଗୁଁ ରୋଜଗାର କମିଛି, ଚାକିରି ହରାଇଛନ୍ତି ଲକ୍ଷ ଲକ୍ଷ ଲୋକ । କିପରି ଲୋକଙ୍କ ରୋଜଗାର ବଢ଼ିବ, କିପରି ନୂଆ ନିଯୁକ୍ତି ସୃଷ୍ଟି ହେବ, ସାଧାରଣ ଲୋକଙ୍କ ଉପରୁ ଆର୍ଥିକ ବୋଝ କମିବ, ଏହି ବଜେଟରେ ଆଶା କରୁଛନ୍ତି ଦେଶବାସୀ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଠାରୁ ଅନେକ ଆଶା ରଖିଛନ୍ତି ମଧ୍ୟବିତ । ସବୁଠୁ ବଡ଼ ଆଶା ହେଉଛି, ଆୟକର ସ୍ଲାବରେ ପରିବର୍ତ୍ତନ । ବାର୍ଷିକ ୫ ଲକ୍ଷ ଟଙ୍କା ରୋଜଗାର ଉପରେ ଆୟକର ଛାଡ଼ ପାଇଁ ଦାବି ହୋଇଆସୁଛି । ୨୦୧୪ରୁ ଆୟକର ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ହୋଇନଥିବାରୁ ଏଥର ଅର୍ଥମନ୍ତ୍ରୀ ପଦକ୍ଷେପ ନେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି । କାରଣ ଅଧିକ ଅର୍ଥ ଲୋକଙ୍କ ପାଖରେ ରହିଲେ ମହାମାରୀ ସମୟରେ ଚଳଚଞ୍ଚଳ ହୋଇ ରହିବ ଦେଶର ଅର୍ଥନୀତି । ଏପଟେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଠାରୁ ବେଶ କିଛି ଆଶା ରଖିଛନ୍ତି ଓଡ଼ିଶାବାସୀ । ଓଡ଼ିଶାର ସାଂସଦ ରେଳମନ୍ତ୍ରୀ ହୋଇଥିବାରୁ ଦୀର୍ଘଦିନର ଦାବି ପୂରଣ ହେବ ବୋଲି ଆଶାବାଦୀ ଅଛନ୍ତି ରାଜ୍ୟବାସୀ । ଖୋର୍ଦ୍ଧା-ବଲାଙ୍ଗୀର ରେଳପଥଠାରୁ ଅଧା ପନ୍ତରିଆ ଭାବେ ପଡ଼ିଥିବା ପ୍ରକଳ୍ପକୁ ଆଗକୁ ନେବା ଓ ନୂଆ ରେଳପଥ ଘୋଷଣା କରିପାରନ୍ତି ରେଳମନ୍ତ୍ରୀ ।

### ପୁଣି ଘାତକ ମିଶାଇଲ୍ ....

ଏବଂ ଚୀନର ସୀମାକୁ ଲାଗି ରହିଛି । ଏନେଇ ଦକ୍ଷିଣ କୋରିଆର ମିଲିଟାରି ଏଜେନ୍ସି ମଧ୍ୟ ସ୍ପଷ୍ଟ କରିଛି । ୨୦୧୭ ପରେ ଏହା ସବୁଠୁ ଘାତକ ପରିକ୍ଷଣ ବୋଲି ଜଣାପଡିଛି । ତେବେ ଏଥିରେ ଉତର କୋରିଆର ପଡୋଶୀ ରାଜ୍ୟକୁ କୌଣସି କ୍ଷତି ପହଁଚି ନଥିବା କହିଛି କିମ୍ ଜଙ୍ଗ ଉନ୍ ପ୍ରଶାସନ । ଜାତିସଙ୍ଘର ନିୟମ ବିରୁଦ୍ଧରେ ଯାଇ ଉତର କୋରିଆ ପୁଣିଥରେ ଶକ୍ତିଶାଳୀ କ୍ଷେପଣାସ୍ତ୍ରର ପରୀକ୍ଷଣ କରିଛି । ଏହି ପରୀକ୍ଷଣ ପୁଣି ସେତେବେଳେ କରିଛି, ଯେତେବେଳେ ୟୁକ୍ରେନ – ରୁସ୍ ସମସ୍ୟକୁ ନେଇ ଯୁଦ୍ଧ ମୁହାଁ ହୋଇଛି ବିଶ୍ୱ । ଆମେରିକା ଓ ଦକ୍ଷିଣ କୋରିଆର ଅଧିକାରୀମାନେ ଉତର କୋରିଆର ଏହି ମନମାନିକୁ ସହ୍ୟ କରାଯିବନି ବୋଲି କହିଛନ୍ତି । ଆମେରିକା ରାଷ୍ଟପତି ଜୋ ବାଇଡେନ ଶାସନ ଗାଦି ସମ୍ଭାଳିବା ପରେ ଥରେ ମଧ୍ୟ ନର୍ଥ କୋରିଆର ତାନାଶାହ ସହ ଯୋଗାଯୋଗ କରିନିଥିବାରୁ କିମ ଜଙ୍ଗ ସରକାର ଲଗାତାର ମିସାଇଲ୍ ପରୀକ୍ଷଣ କରିଚାଲିଛି ବୋଲି କୁହାଯାଉଛି ।

### ଫେବ୍ରୁଆରୀ ୪ରେ ବିଭିନ୍ନ ....

ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ଅଧିକାଂଶ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ଆଶଙ୍କା କରାଯାଉଛି। ଏହାଛଡ଼ା ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ଢ଼େଙ୍କାନାଳ, ଯାଜପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ କୁଆପଥର ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଫେବ୍ରୁଆରୀ ୧ ଓ ୨ ତାରିଖରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ ଜିଲ୍ଲାରେ ହୋଇପାରେ। ସେହିପରି ୩ ତାରିଖ ସକାଳେ ଉପକୂଳ ଓଡ଼ିଶାରେ ଗୋଟିଏରୁ ଦୁଇଟି ସ୍ଥାନରେ ଘନ କୁହୁଡି ହେବାର ସମ୍ଭାବନା ରହିଛି। ବାକି ଜିଲ୍ଲାରେ ମଧ୍ୟମ ଧରଣର କୁହୁଡି ହେବାର ସମ୍ଭାବନା ରହିଛି ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

### ପ୍ରେମିକାଙ୍କ ସହ ସାମ୍ନାକୁ ....



ଫଟୋସୁଟ୍ ସାମ୍ନାକୁ ଆସିବା ପରେ ପୁଣି ଦୂତୀଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ସମ୍ପର୍କକୁ ନେଇ ଚର୍ଚ୍ଚାରେ ଥିବା ଦୂତି ଚାନ୍ଦ ଯେ ସାର୍ବଜନୀନ ଭାବେ ଫଟୋସୁଟ୍ କରିଛନ୍ତି ତା ନୁହେଁ, ପ୍ରେମ ସମ୍ପର୍କକୁ ମଧ୍ୟ ଖୋଲାଖୋଲି ସ୍ୱୀକାର କରିଛନ୍ତି । ପତ୍ରିକା ପାଇଁ ଦୂତୀ ଓ ତାଙ୍କ ପ୍ରେମିକାଙ୍କ ଫଟୋସୁଟ୍ ଅବସରରେ ଦୁଇ ଜଣଙ୍କ ସମ୍ପର୍କକୁ ନେଇ ଆଲୋଚନା କରିଥିଲେ କାଦମ୍ବିନୀର ସମ୍ପାଦିକା । ଏହି ଅବସରରେ ଦୂତୀ ପ୍ରଥମ ସାକ୍ଷାତ ଓ ଏହାପରେ ମୋନାଲିସାଙ୍କ ସହ କେମିତି ସମ୍ପର୍କରେ ନିବିଡତା ଆସିଥିଲା ତାହା ବଖାଣିଛନ୍ତି ।

## ସାବଧାନ ଭୋଟର; ବଜାରରେ ବୁଲୁଛି ନକଲି ଟଙ୍କା

ନୀଳଗିରି, ୩୧/୦୧ (ନି.ପ୍ର): ଚଳିତ ତ୍ରିସ୍ତରିୟ ପଂଚାୟତ ନିର୍ବାଚନ ସରଗରମ ହେବାକୁ ଲାଗିଥିବା ବେଳେ ଏବେ ନକଲି ୧୦୦ ଟଙ୍କିଆ ନୋଟ ନୀଳଗିରିରେ ବୁଲୁଥିବା ବେଳେ ଜଣେ ଗ୍ରାହକ ସାଜି ଦୋକାନୀକୁ ଠକି ଦେଇଥିବା ଜଣାପଡ଼ିଛି । ଏହି ନକଲି ଟଙ୍କା ଭୋଟରମାନଙ୍କ ପାଖକୁ ଯିବାର ଯଥେଷ୍ଟ ସମ୍ଭାବନା ରହିଛି । ଏଥିପାଇଁ ଭୋଟରମାନେ ବେଳହୁଁ ସାବଧାନ ନ ହେଲେ ଭବିଷ୍ୟତରେ ପସ୍ତେଇବାର ଆଶଙ୍କା ଦେଖିବାକୁ ମିଳିବ । ପଂଚାୟତ ନିର୍ବାଚନରେ ଅର୍ଥ କାରବାରରେ ନକଲି ଟଙ୍କା ଯେ ବାହାରିବ ତାହା କେହି କହି ପାରିବେ ନାହିଁ । ନକଲି ଟଙ୍କା ପ୍ରତି ସ୍ଥାନୀୟ ପ୍ରଶାସନ ଓ ପୋଲିସ ସଜାଗ ନ ରହିଲେ ନକଲି ଟଙ୍କାର ପାର୍ଦୁର୍ଭାବ ଯେ ବଢ଼ିଯିବ ତାହା କେହି କହି ପାରିବ ନାହିଁ ।

## ୨୨ ନଂ ଜୋନେରେ ତ୍ରିମୁଖୀ ଲଢେଇ

### ବିଜେଡି ଓ ବିଜେପିର ଗୋଷ୍ଠୀ କନ୍ଦଳରୁ ଫାଇଦା ନେବ କି କଂଗ୍ରେସ

ଲଙ୍ଗଳେଶ୍ୱର, ୩୧/୦୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ୍ର ୨୨ ନଂ ଜୋନେ ଏକ ପ୍ରମୁଖ ଆଖିଦୃଶିଆ ଜୋନ ।ଚଳିତ ନିର୍ବାଚନରେ ଏହି ଜୋନ ଟି ଯଦିଓ ଅନୁସୂଚିତ ଜାତି ପାଇଁ ଉଦିଷ୍ଟ ।କିନ୍ତୁ ବିଜେଡି, ବିଜେପି ଓ କଂଗ୍ରେସ ତିନିଦଳ ଅଭିଜ୍ଞ ପ୍ରାର୍ଥୀ କରିଛନ୍ତି। ଜଗତିପୁର, ରତାଇ, ଜମ୍ବୀରାଇ, ପଞ୍ଚୁପାଲି,ବଣିଆଡିହା,ବଳଙ୍ଗ, ସାଉଡି,କୁଣ୍ଡୁଳି ଆଠଟି ପଞ୍ଚାୟତ କୁ ନେଇ ଗଠିତ ଏହି ଜୋନ ରେବିଜେଡି, ବିଜେପି କଂଗ୍ରେସ ଦଳରୁ ତିନିଜଣ ଜିଲ୍ଲା ପରିଷଦ ପ୍ରାର୍ଥୀ ଭାବେ ଲଢୁଛନ୍ତି । ରାଜନୈତିକ ଧ୍ରୁବିକରଣ ଘଟି ଏଠାରେ ବିଜେପି କଂଗ୍ରେସକୁ ପଛରେ ପକାଇ ବିଜେଡି ଆଗରେ ଥିଲା ।ଗତ ପଞ୍ଚାୟତ ନିର୍ବାଚନରେ ବିଜେଡିର ଅନୁପମା ସାହୁ ଜିତିଥିବା ବେଳେ କଂଗ୍ରେସ ଦ୍ୱିତୀବିଜେପି ନିକଟ ତୃତୀୟ ସ୍ଥାନରେ ଥିଲା ।ପୂର୍ବଥର ମଧ୍ୟ ବିଜେଡି ହାତରେ ଏହି ଜୋନ ଥିଲା ।ତେଣୁ କ୍ରମାଗତ ଭାବେ ତୃତୀୟ ଥର ଦଖଲ କରିବାକୁ ବିଜେଡି ଉଦ୍ୟମ କରୁଥିବା ବେଳେ,ପୂର୍ବରୁ ୨୦୦୭ମସିହାରୁ ୨୦୦୧୨ଯାଏ କଂଗ୍ରେସ ଅକ୍ତିଆର ଥିବା ଏଇ ଜୋନ ପୁଣି ନିଜ ଦଖଲକୁ ନେବାକୁ କଂଗ୍ରେସ ଉଦ୍ୟମ କରୁଛି। ବାଲିଆପାଳ ବ୍ଲକ ର ଅନ୍ୟ ଜୋନ ମାନଙ୍କ ଠାରୁ ଭଲ ସ୍ଥିତିରେ ଥିବା ବିଜେପି ମଧ୍ୟ କଡା ଟକ୍କର ଦେବାକୁ ଚେଷ୍ଟା କରୁଚି । ୨୦୦୨ରୁ୨୦୦୭ଯାଏଁ ଏଠି ବିଜେପି ର ସ୍ୱର୍ଗତ ପୁରୁଷୋତ୍ତମ ବେହେରା ମଧ୍ୟ ଜିତିଥିଲେ। ତେବେ ଚଳିତ ନିର୍ବାଚନରେ ବିଜେଡି ଜୋନ ବାହାରର ଲୋକ ନିଶା କର ସେଠି ଙ୍କୁ ପ୍ରାର୍ଥୀ କରିଥିବାରୁ ଦଳୀୟକର୍ମୀ ସମେତ ଭୋଟର ମାନେ ନାପସନ୍ଦ କରିଛି। ତେବେ ସେ ଜଣେ ଅଭିଜ୍ଞ ରାଜନେତା ।ପୂର୍ବରୁ ସେ ୨୧ ନଂ ଜୋନ ରେ ଜିଲ୍ଲା ପରିଷଦ ଥିଲେ। ବିଜେଡି ଜିଲ୍ଲା ସଭାପତି ରବୀନ୍ଦ୍ର ଜେନାଙ୍କ ସେ ଏକାନ୍ତ ଅନୁଗତ ଯୋଗୁଁ ଟିକଟ ପାଇଥିବା ଚର୍ଚ୍ଚା ହେଉଛି ।ବିଜେଡିର ପଞ୍ଚାୟତର ସ୍ତରରେ ଗୋଷ୍ଠି କନ୍ଦଳ କୁ ଏକତ୍ରିତ କରି ସରକାଙ୍କର ସଫଳ ଯୋଜନା କୁ ପ୍ରଚାର କରି ଘରକୁଘର ବୁଲି ପ୍ରଚାର କରୁଛନ୍ତି। କଂଗ୍ରେସ ରୁ ପ୍ରାର୍ଥୀ ହୋଇଥିବା ମୃତ୍ୟୁଞ୍ଜୟ ଧଳ ଜଣେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ।ଜୁନ ର ରତାଇ ପଞ୍ଚାୟତ ରେ ତାଙ୍କ ଘର ।ପୂର୍ବରୁ ତାଙ୍କ ଧର୍ମପତ୍ନୀ ରତାଇ ପଞ୍ଚାୟତ ରେ ସରପଞ୍ଚ ଥିଲେ ।ଗତ ଥର ଆଠ ଟି ପଞ୍ଚାୟତ ମଧ୍ୟରୁ କଂଗ୍ରେସ ଚାରିଟି ପଞ୍ଚାୟତ ଦାଖଲ କରିବା ସହିତ ସୁଦୃଢ଼ ସ୍ଥିତି ରେ ଅଛନ୍ତି ।ସେ ଜିତିଲେ କୃଷକ ମାନଙ୍କ ବିକାଶ ସମେତ ସମାଜରେ ଦୁର୍ନୀତି ହଟାଇବାକୁ ପ୍ରତିଶୃତି ନେଇ ନିର୍ବାଚନ ମଇଦାନରେ ଭୋଟ ଭିକ୍ଷା କରି ଜିତିବାର ଆଶା ରଖିଛନ୍ତି। ଏଇ ଦୁଇ ପ୍ରାର୍ଥୀଙ୍କୁ ଟକ୍କର ଦେଇ ଲଢୁଛନ୍ତି ବିଜେପିର ଜଗବନ୍ଧୁ ମଲ୍ଲିକ ।ସେ ବଳଙ୍ଗ ପଞ୍ଚାୟତ ର ଦୁଇ ଥର ସରପଞ୍ଚ ଏବଂ ଥରେ ସମିତି ସଭ୍ୟ ଜିତଥିଲେ ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଫଳତା କୁ ପାଥେୟ କରି ନିର୍ବାଚନରେ ଜିତିବାର ଆଶା ରଖିଛନ୍ତି ।ତେବେ ବିଜେପିର ପ୍ରବଳଗୋଷ୍ଠିକନ୍ଦଳ ତାଙ୍କୁ ଅଡୁଆରେ ପକାଇଛି ।ପୁରୁଣା କାର୍ଯ୍ୟକର୍ତ୍ତାଙ୍କୁ ବିଜେପି ଜିଲ୍ଲା ସଭାପତି ଏବଂ ସାଂସଦ ଉପେକ୍ଷା କରି,ସଂଗଠନରୁ ବାଦ ଦେଇ ଦଳ ବଦଳ କାରୀଙ୍କୁ ଅଗ୍ରାଧିକାର ଦେଇଥିବାରୁ କାର୍ଯ୍ୟକର୍ତ୍ତା ମଧ୍ୟରେ ଅସନ୍ତୋଷ ରହିଛି ।ତେବେ ଏଇ ତ୍ରିମୁଖୀ ଲଢେଇ ରେ ବିଜେପି ବିଜେଡି ର ଗୋଷ୍ଠିକନ୍ଦଳ କଂଗ୍ରେସ ବାଜି ମାରିନେବ ବୋଲି ଚର୍ଚ୍ଚା ଚାଲିଛି।

## ନୀଳଗିରି ଏନ.ଏ.ସି.ର ପୂର୍ବତନ ନିର୍ବାହୀ ଅଧିକାରୀଙ୍କ ପିତୃ ବିୟୋଗ

ନୀଳଗିରି, ୩୧/୦୧ (ନି.ପ୍ର): ନୀଳଗିରି ଏନ.ଏ.ସି.ରପୂର୍ବତନ ନିର୍ବାହୀ ଅଧିକାରୀ ଅଜୟ ମହାପାତ୍ର ଙ୍କ ପିତା ଶ୍ୟାମସୁନ୍ଦର ମହାପାତ୍ର (୮୧) ଙ୍କ କଟକ ଶାନ୍ତି ହସପିଟାଲରେ ମୃତ୍ୟୁ ହୋଇଯାଇଛି । ୰ଶ୍ୟାମସୁନ୍ଦର ମହାପାତ୍ର ନିଜ ସରକାରୀ ଚାକିରୀ ଜୀବନରେ ନୀଳଗିରି ତହସିଲଦାର ନାଜର, ନୀଳଗିରି ବ୍ଲକରେ ବଡ଼ବାବୁ, ବାଲେଶ୍ୱର ତହସିଲରେ ବଡ଼ବାବୁ, ଜଳେଶ୍ୱର ବ୍ଲକ ଓ ଶେଷ ଉକିରି ରେମୁଣାବ୍ଲକରେ କଟିଥିଲା । ତାଙ୍କର ମର ଶରୀର ପାଖରେ ୫ପୁଅ, ୨ଝିଅ, ନାତିନାତୁଣୀ ବନ୍ଧୁବର୍ଗ ଉପସ୍ଥିତ ଥିଲେ । ୰ଶ୍ୟାମସୁନ୍ଦର ମହାପାତ୍ର ନିଜର ଚାକିରି କ୍ଷେତ୍ରରେ ବେଶ ସୁନାମ ଅର୍ଜନ କରିଥିଲେ । ମେରୁଣା ବ୍ଲକର ବିୟୁରିଆ ଗ୍ରାମର ଜନ୍ମ ଗ୍ରହଣ କରିଥିବାବେଳେ ତାଙ୍କ ମୃତ୍ୟୁରେ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

## ଟାଉନ ହାଇସ୍କୁଲ ଶିକ୍ଷୟତ୍ରୀ ସୁଷମା ପଣିଗ୍ରାହୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବାଲେଶ୍ୱର, ୩୧/୦୧ (ନି.ପ୍ର): ଟାଉନ ହାଇସ୍କୁଲର ଶିକ୍ଷୟତ୍ରୀ ସୁଷମା ପଣିଗ୍ରାହୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି ।ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ନମିତା ମହାପାତ୍ର ଅଧକ୍ଷତା ସହ ବିଦାୟୀ ଶିକ୍ଷୟତ୍ରୀ ଶ୍ରୀମତୀ ପାଣିଗ୍ରାହୀଙ୍କୁ ଶିକ୍ଷକତା କ୍ଷେତ୍ରରେ ଅତୁଳନୀୟ ଅବଦାନ ସମ୍ପର୍କରେ ସୂଚନା ଦେଇଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ପୁରାତନ ଛାତ୍ର ସଂସଦ ପକ୍ଷରୁ ବିଦାୟୀ ଶିକ୍ଷୟତ୍ରୀ ଶ୍ରୀମତୀ ପାଣିଗ୍ରାହୀଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଟାଉନ ହାଇସ୍କୁଲର ଶିକ୍ଷକତା କାଳରେ ଜଣେ ଆଦର୍ଶ



ଶିକ୍ଷୟିତ୍ରୀ ଭାବେ ସେ ସମସ୍ତଙ୍କର ପ୍ରିୟପାତ୍ର ହୋଇ ପାରିଥିଲେ ବୋଲି ସମ୍ବର୍ଦ୍ଧନା ପର୍ବରେ ଉପସ୍ଥିତ ବ୍ୟକ୍ତିମାନେ କହିଥିଲେ। ସମସ୍ତେ ତାଙ୍କର ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ। ସମ୍ବର୍ଦ୍ଧିତ ଅବସରରେ ଶ୍ରୀମତୀ ପାଣିଗ୍ରାହୀ ଭାବବିହ୍ୱଳ ହେବା ସହ ଟାଉନ ହାଇସ୍କୁଲରେ ଶିକ୍ଷକତା କାଳରେ ଛାତ୍ରଛାତ୍ରୀଙ୍କ ଶ୍ରଦ୍ଧା ଓ ଭକ୍ତି, ସହକର୍ମୀଙ୍କ ସହଯୋଗୀ ମନୋଭାବ ଓ କାର୍ଯ୍ୟଧାରା ତାଙ୍କର ସବୁଦିନ ମନେ ରହିବ ବୋଲି କହିଥିଲେ। ଏବଂ ବିଦ୍ୟାଳୟରେ ଶିକ୍ଷଣୀୟ ପରିବେଶ ତାଙ୍କର ସର୍ବଦା ମନେ ରହିବ ବୋଲି କହିଥିଲେ। ଶିକ୍ଷକ ଅକ୍ଷୟ କୁମାର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ଦାମୋଦର ପଣ୍ଡା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜଳେଶ୍ୱର ପୌରପାଳିକା ନିର୍ବାହୀ ଅଧିକାରୀଙ୍କ ପିତୃ ବିୟୋଗ

ଜଳେଶ୍ୱର, ୩୧/୧(ନିପ୍ର): ଜଳେଶ୍ୱର ପୌରପାଳିକାରେ କାର୍ଯ୍ୟନିର୍ବାହୀ ଅଧିକାରୀଭାବେ କାର୍ଯ୍ୟରତ ଅଜୟ ମହାପାତ୍ରଙ୍କ ପିତା ଶ୍ୟାମସୁନ୍ଦର ମହାପାତ୍ର ଆଜି ୮୦ ବର୍ଷ ବୟସରେ ଇହଧାମ ତ୍ୟାଗ କରିଛନ୍ତି । ସେ ଗତ କିଛିଦିନ ଧରି ହୃଦ୍‌ରୋଗ, ବୃକକ୍ ରୋଗରେ ପିଡିତ ଥିଲେ । ପରେ କରୋନା ସଂକ୍ରମିତ ହେବାରୁ ତାଙ୍କୁ କଟକସ୍ଥିତ ଶାନ୍ତି ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଆଜି ଦ୍ୱିପ୍ରହରରେ ମୃତ୍ୟୁବରଣ କରିଛନ୍ତି । ସ୍ୱର୍ଗତ ଶ୍ୟାମସୁନ୍ଦର ମହାପାତ୍ର ଜଳେଶ୍ୱର ତହସିଲରେ ଦୀର୍ଘବର୍ଷ କାର୍ଯ୍ୟ ତୁଲାଇ ସମସ୍ତଙ୍କର ପ୍ରିୟପାତ୍ର ହୋଇ ପାରିଥିଲେ । ତାଙ୍କ ମୃତ୍ୟୁଖବର ପାଇ ଆଜି ଜଳେଶ୍ୱରର ବହୁ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି । ତାଙ୍କର ପୁଅ, ଝିଅ ମିଶି ୭ଜଣ ଥିବା ବେଳେ ଜଳେଶ୍ୱର ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ର କଟକଠାରେ ମୁଖାଗ୍ନି ଦେବେ ବୋଲି ଜଣାଯାଇଛି ।

## ଜଳେଶ୍ୱରରୁ ୧୫ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ଜବତ୍ : ୪ ଗିରଫ

ଜଳେଶ୍ୱର, ୩୧/୧(ନିପ୍ର): ଜଳେଶ୍ୱର ପୁଲିସ୍ ପଂଝାରେ ଏବେ କେତେକ ଧଳାଜହର ବ୍ୟବସାୟୀ ରହିଛନ୍ତି । ଗତ ୨ ଦିନ ତଳେ ୩୧୫ ଗ୍ରାମର ଧଳାଜହର ସହିତ ଜଳେଶ୍ୱର ଥାନା ଇଲାକାରୁ ୨ଜଣ ଓ ବୈଶିଙ୍ଗା ଥାନା ଅଂଚଳରୁ ୧ଜଣକୁ ପୁଲିସ୍ ଗିରଫ କରିବାରେ ସଫଳ ହୋଇଥିଲା । ଜବତ୍ ହୋଇଥିବା ଧଳାଜହରର ମୂଲ୍ୟ ୩୫ଲକ୍ଷ ହେବ ବୋଲି କୁହାଯାଇଥିଲା । ଜଳେଶ୍ୱର ପୁଲିସ୍ ବିଭିନ୍ନ ସ୍ଥାନ ଚଢାଉ କରି ଆଜି ସୋମବାର ସଂଧ୍ୟାରେ ୧୫୦ ଗ୍ରାମ ଓଜନର ଧଳାଜହର ସହ ଖଡି ବିବି ନାମକ ଜଣେ ମହିଳାଙ୍କ ସହିତ ୪ଜଣଙ୍କୁ ଗିରଫ କରିବାରେ ସମର୍ଥ ହୋଇଛି । ସବିଶେଷ ତଥ୍ୟ ହସ୍ତଗତ ହୋଇପାରିନଥିବା ବେଳେ ଏବେବି ପୁଲିସ୍ ଚଢାଉ ଜାରି ରଖିଛି । ପ୍ରକାଶଯୋଗ୍ୟ ପୁଲିସ୍‌ର ବାରମ୍ବାର ଚଢାଉ ଯୋଗୁଁ ଜଳେଶ୍ୱର ଅଂଚଳର କେତେକ ଚୋରା ବ୍ୟବସାୟୀ ଗ୍ରାମାଭିମୁଖୀ ହୋଇଥିବା ଜଣାଯାଇଛି ।

## ପଂଚାୟତ ନିର୍ବାଚନରେ ଗଣତନ୍ତ୍ରର ସୁରକ୍ଷା ଲାଗି କମ୍ୟୁନିଷ୍ଟ ଦଳର ଆହ୍ୱାନ

ଜଳେଶ୍ୱର, ୩୧/୦୧ (ନି.ପ୍ର): ସାମ୍ପ୍ରତିକ ସମାଜରେ ନିର୍ବାଚନ ବୈତରଣୀ ପାରି ହେବାଲାଗି ବିଜେଡି ଓ ବିଜେପି ବହୁ ପ୍ରତିଶୃତି ଓ ଅନୈତିକର କାର୍ଯ୍ୟରେ ଲିପ୍ତ ଥାଇ ନିର୍ବାଚିତ ହେଉଛନ୍ତି । ଫଳରେ ବ୍ୟାପକ ଦୁର୍ନିତି ଓ ଅନୈତିକ କାର୍ଯ୍ୟରେ ସେମାନେ ଲିପ୍ତ ରହୁଛନ୍ତି । କିନ୍ତୁ ଗଣତନ୍ତ୍ରରେ ବିଶ୍ୱାସ ରଖିଥିବା ସିପିଆଇ(ଏମ୍) ପଂଚାୟତକୁ ଦୁର୍ନିତୀମୁକ୍ତ ରଖିବା, ପଲ୍ଲିସଭା ମାଧ୍ୟମରେ ଉନ୍ନୟନ କାର୍ଯ୍ୟ କରିବା, ବାର୍ଦ୍ଧକ୍ୟଭତ୍ତା ୩ହଜାର ଟଙ୍କା କରିବା, ଧାନର କ୍ରୟମୂଲ୍ୟ ୩ହଜାର ଟଙ୍କା କରିବା, ଆବାସ ଯୋଜନାରେ ଦୁର୍ନିତୀ ସଂପୂର୍ଣ୍ଣ ବନ୍ଦ ରଖିବାଲାଗି ଦଳୀୟ କର୍ମୀଙ୍କୁ ଦଳୀୟ ରାଜ୍ୟ ସଂପାଦକ ମଣ୍ଡଳି ସଂପାଦକ ମଣ୍ଡଳି ସଦସ୍ୟ ସନ୍ତୋଷ ଦାସ ଆହ୍ୱାନ ଦେଇଛନ୍ତି । ଜଳେଶ୍ୱର ବ୍ଲକର ୯ନଂ ଜିଲପରିଦେ ଜୋନ୍‌ର ଏକ କର୍ମୀ ସମ୍ମିଳନୀ ନୂଆବଜାରସ୍ଥିତ ଭଂଜ ମଣ୍ଡପରେ ଅନୁଷ୍ଠିତ ହୋଇଛି । ଏଥିରେ ଦିଲ୍ଲିପ ଗିରି ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ରାଜ୍ୟ ନେତା ଶିଶିର ହୁଇ, ସୀତାଂଶୁ ସେନାପତ. କୁନିମଣି ଦାସ. ପଲ୍ଟୁ ଦାସ, ମଦନ ମହାଲି, ସନ୍ତୋଷ ଦାସ, ଯତିନ୍ ଦାସ, ଅଂକୁର ବେହେରା, ଅନିତା ଦାସ, ସରସ୍ୱତି ପଲାଇ, ଅଂଜଳି ସିଂ, ବର୍ଷା ସିଂ, ସୁମିତ୍ରା ଦେ, ଗଗନ ଗିରି, ଗଣେଶ ଜେନା, ଧିରେନ୍ଦ୍ର ଦେ, ଜଗନ୍ନାଥ ପରିଡା, ରବିନ୍ଦ୍ର ବାରିକ, ରାମଚନ୍ଦ୍ର ଦେ, ଅଧିର ହୁଇ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ନେତୃସ୍ଥାନୀୟ ବ୍ୟକ୍ତିମାନେ ୮, ୯, ୧୦ ଜୋନ୍‌ର ଜିଲା ପରିଷଦ ପ୍ରାର୍ଥୀ ସୁମିତ୍ରା ମୁଖୀ, କୁନିମଣି ଦାସ ଓ ପୂର୍ଣ୍ଣଚନ୍ଦ୍ର ସିଂକୁ ଦଳୀୟ ଚିହ୍ନରେ ଭୋଟ ଦେଇ ଜିତାଇବାକୁ ଆହ୍ୱାନ ଜଣାଇଥିଲେ ।

## ନୀଳଗିରି ବିଧାୟକଙ୍କ ମାରାଥନ ପ୍ରଚାର

ନୀଳଗିରି, ୩୧/୦୧ (ନି.ପ୍ର): ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ଆଜି ନୀଳଗିରିର ବିଜେପି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ବିଭିନ୍ନ ପଂଚାୟତର ମରାଥନ ପ୍ରଚାର ଆରମ୍ଭ କରିଛନ୍ତି । ନୀଳଗିରି ବ୍ଲକର ସଜନାଗଡ଼ ପଂଚାୟତର ସରପଂଚ ପ୍ରାର୍ଥୀ ଚିନ୍ମୟ ସିଂ ଙ୍କ ବାସଭବନରେ ଉକ୍ତ ପଂଚାୟତର ବିଜେପି ଦଳ ସମର୍ଥିତ ସମସ୍ତ ପ୍ରାର୍ଥୀ ଓ ପ୍ରାର୍ଥୀନୀ, ବିଜେପିର ତୁଙ୍ଗ କର୍ମୀଙ୍କୁନେଇ ଏକ ମାରାଥନ ବୈଠକ କରିଛନ୍ତି । ଏହି ବୈଠକରେ ପାଖାପାଖି ୨୦୦ଜଣରୁ ଊର୍ଦ୍ଧ୍ୱ କର୍ମୀ ଉପସ୍ଥିତି ଥିବା ବେଳେ ଉକ୍ତ ପଂଚାୟତରେ ବିଜେଡି ଦଳକୁ ଏକ ଶକ୍ତ ଧକ୍କା ଲାଗିଥିବା ଶୁଣିବାକୁ ମିଳିଛି । ଅନୁରୂପ ଭାବେ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଜଡ଼ିଦା ପଂଚାୟତର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜନ ହୋଇଥିଲା ବେଳେ ଉକ୍ତ ବୈଠକରେ ଜଡ଼ିଦା ପଂଚାୟତର ସରପଂଚ ପ୍ରାର୍ଥୀ ରଂଜିତା ଦଣ୍ଡପାଟ, ସମିତି ସଭ୍ୟ ପ୍ରାର୍ଥୀ ମାୟାଧର ମଢ଼େଇ, ୧୨ନଂ. ଜିଲ୍ଲା ପରିଷଦ ପ୍ରାର୍ଥୀ ଅନିତା ସିଂ, ଗଙ୍ଗାଧର ମିଶ୍ର, ଅଶୋକ ନାୟକ, ରାମଚନ୍ଦ୍ର ସିଂ, କୈଳାସ ମହାନ୍ତି, ବିନୋଦ ମହାନ୍ତି, ନିରଂଜନ ପାତ୍ର ସମେତ ବହୁ ବିଜେପି କର୍ମୀଙ୍କୁ ନେଇ ଏକ ମାରାଥନ ବୈଠକ କରିଥିଲେ । ଉକ୍ତ ପଂଚାୟତରେ ବିଜେପି ଦଳ ସମର୍ଥୀତ ସମସ୍ତ ପ୍ରାର୍ଥୀଙ୍କୁ ବିଜୟ କରିବାର ବଜ୍ର ଶପଥ ନେଇଥିଲେ । ଉକ୍ତ ବୈଠକରେ ୨୦୦ରୁ ଊର୍ଦ୍ଧ୍ୱ କର୍ମୀ ଉପସ୍ଥିତ ରହିଥିବା ବେଳେ ବିଜେପିର ସ୍ଥିତି ସୁଦୃଢ଼ ଥିବା ଦେଖିବାକୁ ମିଳିଛି ।

# ଗୋଟିଏ ଦିନରେ ୩୩୨୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୩୧/୦୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୩୨୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୪୯୨୪୦ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୫୦୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୧ ଲକ୍ଷ ୯୩ ହଜାର ୩୬୫ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୭୨୧୦ ରହିଛି । ଆଜି ଚିହ୍ନଟ ହୋଇଥିବା ୩୩୨୯ ଜଣଙ୍କ ମଧ୍ୟରୁ ୧୯୩୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୩୯୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୬୪୬ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୮୫ , ବାଲେଶ୍ୱର ଜିଲ୍ଲାରୁ ୧୪୧ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୪୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୫୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୬୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୪୯ , କଟକରୁ ୨୯୩ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୬୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୬୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୬୪, ଗଂଜାମ ଜିଲ୍ଲାରେ ୪୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୭୦, ଯାଜପୁରରୁ ୯୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୭୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୧୦୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୪୩, କେନ୍ଦ୍ରାପଡ଼ା ଜିଲ୍ଲାରୁ ୭୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ବିଜେପି ନିର୍ବାଚନୀ ପ୍ରଚାର ଗୀତ, ପୋଷ୍ଟର ଏବଂ ଭିଡିଓ ଉନ୍ମୋଚିତ

ଭୁବନେଶ୍ୱର, ୩୧/୦୧ (ନି.ପ୍ର): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ରାଜ୍ୟ ସଭାପତି ସମୀର ମହାନ୍ତି ସୋମବାର ଦିନ ରାଜ୍ୟ କାର୍ଯ୍ୟାଳୟରେ ଦଳୀୟ ନିର୍ବାଚନୀ ପ୍ରଚାର ଗୀତ, ପୋଷ୍ଟରଏବଂ ଭିଡିଓକୁ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି କରୋନା ସଂକ୍ରମଣ କଟକଣା ଦୃଷ୍ଟିରୁ ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପ୍ରଚାରକୁ ଡିଜିଟାଲ ଓ ସାମାଜିକ ଗଣମାଧ୍ୟମ ଜରିଆରେ ବ୍ୟାପକ କରାଯିବ । ତେଣୁ ପ୍ରଚାର କାର୍ଯ୍ୟକୁ ଅଧିକ ଗତିଶୀଳ କରିବାପାଇଁ ବିଜେପି ତରଫରୁ ଡିଜିଟାଲ ପ୍ରଚାରକୁ ପ୍ରାଧାନ୍ୟ ଦିଆଯାଉଛି । କେନ୍ଦ୍ରରେ ମୋଦି ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ସୁଫଳର ପ୍ରଚାରକୁ ଲୋକମାନଙ୍କ ପାଖରେ ପହଂଚାଯିବା ସହିତ ଦୀର୍ଘ ୨ ବର୍ଷ ଧରି ଶାସନ କ୍ଷମତାରେ ରହି ସୁଦ୍ଧା ଲୋକଙ୍କୁ ତାଙ୍କ ମୌଳିକ ସୁବିଧା ଦେବାରେ ବିଫଳ ରାଜ୍ୟ ସରକାରଙ୍କ ବିଷୟରେ ଲୋକଙ୍କୁ ଅବଗତ କରାଯିବ । ଭର୍ଚୁଆଲ ପରିପ୍ରେକ୍ଷୀରେ ଆଜିର ଏହ ଉନ୍ମୋଚନ ରାଜ୍ୟସରକାରଙ୍କ ଅପାରଗତା, ଦୁର୍ନୀତି ଓ ଭ୍ରଷ୍ଟାଚାର ଆଧାରରେ ପ୍ରସ୍ତୁତଗୀତ, ଭିଡିଓ ଓ ପୋଷ୍ଟର ନିଶ୍ଚିତ ଭାବେ ରାଜ୍ୟର ସାଢେ ଚାରି କୋଟି ଓଡିଆଙ୍କ ମନକୁ ଆନ୍ଦୋଳିତ କରିବା ସହ ପରିବର୍ତ୍ତନର ସ୍ୱର ଆଦୃତ ହେବ। ଏଥି ସହ ଜନସେତନା ସୃଷ୍ଟି କରି ବିଜେପି ସପକ୍ଷରେ ଭୋଟ ଦେଇ ଗାଁଗାଁରେ ବିଜେପି ସରକାର ପ୍ରତିଷ୍ଠା କରିବା ପାଇଁଶ୍ରୀମହାନ୍ତି ଅନୁରୋଧ କରିଛନ୍ତି । ଏହି ଅବସରରେ ରାଜ୍ୟ ସାଧାରଣ ସମ୍ପାଦିକାଡ.ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପଂଚାନନ ନାଏକ, ଗଣମାଧ୍ୟମ ମୁଖ୍ୟ ଦିଲିପ୍ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ପରେ ଏବେ ପୁଲିସ ହାଇସ୍କୁଲରେ ଗଛକଟା

## ସାମୁହିକ ପ୍ରତିବାଦ ପାଇଁ ବାଲେଶ୍ୱର ସିଭିଲ ସୋସାଇଟିର ପ୍ରସ୍ତୁତି



ବାଲେଶ୍ୱର,୩୧/୦୧ (ନି.ପ୍ର): ସୌନ୍ଦର୍ଯ୍ୟକରଣ ଆଳରେ ହାଇସ୍କୁଲ ପରିସର ଓ ପାଚେରୀ ପାର୍ଶ୍ୱରେ ଥିବା ବହୁ ପୁରାତନ ବଡ଼ବଡ଼ ଗଛକୁ କଟାଯିବାକୁ ନେଇ ସିଭିଲ ସୋସାଇଟି ଉଦବେଗ ପ୍ରକାଶ କରିଛି। ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସଂପାଦକ ମନୋଜ ନାୟକ ଯୋଗଦେଇ ପ୍ରଶାସନର ଗଛକଟା ନୀତିକୁ ସମାଲୋଚନା କରିଥିଲେ। ଗତ ଡିସେମ୍ବର ମାସରେ ବାଲେଶ୍ୱର ଜିଲାପାଳଙ୍କ ଦପ୍ତର ମୁଖ୍ୟ ଫାଟକ ପାର୍ଶ୍ୱରେ ଥିବା ବହୁ ପୁରାତନ ଗଛକୁ କାଟି ଦିଆଯାଇଥିଲା। ସେ ସମୟରେ ପ୍ରଥମେ ସିଭିଲ୍ ସୋସାଇଟି ଓ ଅନ୍ୟ କେତେକ ସାମାଜିକ ସଂଗଠନ ଏହାର ଦୃଢ଼ ପ୍ରତିବାଦ କରିଥିଲେ। ପୁନଶ୍ଚ ଜିଲା ପ୍ରଶାସନ ଏବଂ ଜଙ୍ଗଲ ଓ ପରିବେଶ ଅଧିକାରୀଙ୍କ ଜ୍ଞାତସାରରେ ପୁଲିସ ହାଇସ୍କୁଲ୍ ପାର୍ଶ୍ୱରେ ଗଛ କଟାଯାଇଛି। ବର, ନିମ୍ବ, ଇଉକାଲିପଟାସ ଓ ଅନ୍ୟାନ୍ୟ ଗଛଗୁଡ଼ିକୁ କାଟିଦିଆଯାଉଛି। ସମଗ୍ର ବିଶ୍ୱରେ ପରିବେଶର ସୁରକ୍ଷା ପାଇଁ ସବୁଜବଳୟ ସୃଷ୍ଟ ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ସରକାରଙ୍କ ପକ୍ଷରୁ ବନୀକରଣ ଉପରେ ବିପୁଳ ଅର୍ଥ ଖର୍ଚ୍ଚ କରାଯାଉଛି। ଏଭଳି ସ୍ଥିତିରେ ବାଲେଶ୍ୱର ସହରରେ ଏପରି ଲଗାତର ଗଛକଟାକୁ ବୈଠକରେ ଦୃଢ଼ ନିନ୍ଦା କରାଯାଇଛି। କରୋନା ସଂକ୍ରମଣର ୧ମ ଓ ୨ୟ ପର୍ଯ୍ୟାୟରେ ଅମ୍ଳଯାନ ଅଭାବରୁ ବହୁ ବ୍ୟକ୍ତି ମୃତ୍ୟୁବରଣ କରିଥିବା ଘଟଣା ମାନବ ସମାଜକୁ ବୃକ୍ଷର ଜରୁରୀ ଆବଶ୍ୟକତା ସଂପର୍କରେ ସଚେତନ କରାଇଥିବାବେଳେ ସରକାରୀ ଅଧିକାରୀମାନେ ବିକାଶ ଆଳରେ ଗଛଗୁଡ଼ିକ କାଟିବାକୁ ଅନୁମତି ଦେବା ଘଟଣାରେ ସିଭିଲ୍ ସୋସାଇଟି ବିସ୍ମୟ ପ୍ରକାଶ କରିଛି। ଗଛଗୁଡ଼ିକୁ ରକ୍ଷା କରାଯାଇ କିପରି ବିକାଶକାର୍ଯ୍ୟ ହୋଇପାରିବ ସେ ସଂପର୍କରେ ଜିଲାପାଳ କିମ୍ବା ଉପ-ଜିଲ୍ଲାପାଳ ଧ୍ୟାନ ଦେବା ଜରୁରୀ ବୋଲି ବୈଠକରେ ମତପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନର ଏତାଦୃଶ କାର୍ଯ୍ୟକୁ ବିଭିନ୍ନ ସାମାଜିକ ସଂଗଠନ ଓ ପରିବେଶବିତ ବୁଦ୍ଧିଜୀବୀମାନେ ପ୍ରତିବାଦ କରିବାକୁ କମିଟି ନିବେଦନ କରିଛି। ଉଠାଜଳସେଚନ କର୍ମଚାରୀ ଭବନରେ ଆୟୋଜିତ ସୋସାଇଟ ବୈଠକରେ ଲକ୍ଷ୍ମୀଧର ବେହେରା, ସୁଦର୍ଶନ ଦାସ, ଗୌରାଙ୍ଗ ପାଣିଗ୍ରାହୀ, ସୀତାରାମ ପ୍ରଧାନ, ରଘୁନାଥ ଲେଙ୍କା, ସନ୍ଧ୍ୟା ଭୂୟାଁ, ପରମାନନ୍ଦ ପଣ୍ଡା, ସଙ୍ଗୀତ କୁମାର ପତି, ଭରତ ଚନ୍ଦ୍ର ସେଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶ୍ୟାମସୁନ୍ଦର ଜେନା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଗୁରୁ ଛାତ୍ରର ପରମ୍ପରାକୁ ଭୁଲି ନାହାନ୍ତି କରୁଣାକର



ଖଇରା,୩୧/୦୧ (ନି.ପ୍ର): ଆଜିକା ଦିନରେ ବିଭିନ୍ନ ଗଣ ମାଧମରେ ପ୍ରକାଶ ପାଉଛି ଅଭିଭାବକ ଗୁରୁଙ୍କ ନାମରେ ଥାନାରେ ଅଭିଯୋଗ କରୁଛନ୍ତି ପିଲା ଉପରେ ମାଡ ହେଉଛି । କଥାରେ ଅଛି ଛାଟ ନାହିଁତ ପାଠ ନାହିଁ । ଛାତ୍ର ମାନେ ଗୁରୁମାନଙ୍କୁ ସମ୍ମାନ ଦେବା ଭୁଲି ଗଲେଣି । ଗୁରୁଙ୍କୁ ସମ୍ମାନ ଦେବତ ଦୂରର କଥା ଛାତ୍ର ମାନେ ଗୁରୁଙ୍କ ମୁହଁରେ ଜବାବ ଦେବାକୁ ପଛାଉ ନାହାନ୍ତି । ମାତ୍ର ଜଣେ ଗୁରୁ ବତ୍ସଳ ଛାତ୍ର ଖଇରା ବ୍ଲକ ନୟାଖଣ୍ଡି ପଂଚାୟତ କଡମିଆ ଗ୍ରାମର ୫୭ବର୍ଷ ବୟସର କରୁଣାକର ପାଣି ଗୁରୁ ଗୁରୁଜନ ପିତା ମାତାଙ୍କ ପ୍ରତି ସମ୍ମାନ ଭୁଲି ନାହାନ୍ତି । ସେ ପ୍ରଥମ ଶ୍ରେଣୀରୁ ବିଏ ପର୍ଯ୍ୟନ୍ତ ପାଠ ପଢିଥିବା ସମସ୍ତ ଗୁରୁ ମାନଙ୍କୁ ଏକତ୍ରିତ କରି ପୂଜ୍ୟ ପୂଜା କରିବା ସହିତ ଉପଢୋକନ ପ୍ରଦାନ କରିଥିଲେ । ଆଜିର ସମାଜ ପାଇଁ ସେ ଉଦାହରଣ ପାଲଟିଛନ୍ତି । ସମସ୍ତ ଗୁରୁଙ୍କୁ ଏପରି ଛାତ୍ର ମିଳନ୍ତୁ । ସୁସ୍ଥ ସମାଜ ଗଠନ ହେବା ନେଇ ଉପସ୍ଥିତ ଥିବା ଗୁରୁମାନେ ପ୍ରକାଶ କରିଛନ୍ତି ।ଗୁରୁ ମାନଙ୍କ ମଧ୍ୟରେ ରାଧାଶ୍ୟାମ ପଣ୍ଡା, ସୁରେନ୍ଦ୍ର ସାମଲ, ଗଜେନ୍ଦ୍ର ପ୍ରସାଦ ଦାସ, ବସନ୍ତ କୁମାର ଜେନା, ଦିବାକାର ରଥ, ଚକ୍ରଧର ପଣ୍ଡା, ମୂରଲୀଧର ପାଣିଗ୍ରାହୀ, ପଦନ ଚରଣ ମଲ୍ଲିକ, ମହେନ୍ଦ୍ର ପ୍ରସାଦ ବେହେରା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଜନାର୍ଦ୍ଦନ ମହାପାତ୍ର, ବିଶ୍ୱନାଥ ପଣ୍ଡା, ଦୀନବନ୍ଧୁ ନାୟକ, ଗୋବିନ୍ଦଚନ୍ଦ୍ର ସାହୁ, ଦୀନବନ୍ଧୁ ପାଣି, ଲମ୍ବୋଦର ପାଣି, ଅନ୍ତର୍ଯ୍ୟାମୀ ଶତପଥୀ,ରକ୍ମିଣୀ ପାଣି ଉପସ୍ଥିତ ଥାଇ ପଥ ଭ୍ରଷ୍ଟ ଛାତ୍ରଙ୍କୁ ଏହି ମାର୍ଗରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ ।

# ଆନ୍ତଃରାଜ୍ୟ ରାଧାଗୋବିନ୍ଦ ଜୀଉ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଜଳେଶ୍ୱର, ୩୧/୦୧ (ନି.ପ୍ର): ଆଜି ଅପରାହ୍ନରେ ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ କୁଅଁରପୁର ପମ୍ପହାଉସ୍ ପଡିଆଠାରେ ପ୍ରତିବର୍ଷପରି ଚଳିତବର୍ଷ ରାଧାଗୋବିନ୍ଦ ଜିୟୁ ଭଲିବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି । ଏଥିରେ ବାଲେଶ୍ୱର ଜିଲାର ସରସିଦା, ଚନ୍ଦନେଶ୍ୱର, ବାରିପଦା, ବାଲେଶ୍ୱର ଓ ପଶ୍ଚିମମେଦିନୀପୁର ଜିଲାର ବେଲଟି ଓ ୬ଷ୍ଟାର ଦଳ ଖେଳରେ ଭାଗ ନେଇଛନ୍ତି । ଉଦ୍‌ଘାଟନୀ ମ୍ୟାଚ୍‌ରେ ସରସିଦା ଭଲିବଲ ଟିମ୍‌କୁ ହରାଇ ପଶ୍ଚିମବଂଗର ୬ଷ୍ଟାର କ୍ଲବ ବିଜୟ ହୋଇଛି । ଏହି ଖେଳକୁ ବିଶିଷ୍ଟ ଭଲିବଲ ଖେଳାଳି ଦିଲ୍ଲିପ କୁମାର ଚୌହାନ ଓ ଖୋକନ୍ ଚୌହାନ ମିଳିତଭାବେ ଉଦ୍‌ଘାଟନ କରିଥିଲେ । ରାଧାଗୋବିନ୍ଦ ଜିୟୁ କ୍ଲବର ସଭାପତି ଦାରାସିଂ ଚୌହାନଙ୍କ ସଭାପତିତ୍ୱରେ ଏହା ଉଦ୍‌ଘାଟନ ହୋଇଥିବା ବେଳେ ଉତ୍ତମ ଘୋଷ, ରାକେଶ ଚୌହାନ, ଗୁରୁପଦ ଘୋଷ, କାହ୍ନୁଚରଣ ଦାସ, ସଂଜିବ ପାଳ, ମନୋଜ ପାଳ ପ୍ରମୁଖ ପରିଚାଳନା କରିଥିଲେ । ଏଥିରେ ଅବସରପ୍ରାପ୍ତ ଶିକ୍ଷକ ଅଶୋକ ଘଡେଇ ମୁଖ୍ୟ ଅତିଥିଭାବେ ଓ ଅରୁଣ କୁମାର ପଣ୍ଡା ମୁଖ୍ୟ ବକ୍ତାଭାବେ ଯୋଗ ଦେଇ ଖେଳ ଦ୍ୱାରା ବଂଧୁତ୍ୟ ସୃଷ୍ଟି ହୋଇଥାଏ ବୋଲି କହିଥିଲେ ।

# ଲାବଣ୍ୟାକୁ ନ୍ୟାୟ ପ୍ରଦାନ ଦାବିରେ ଆନ୍ଦୋଳନ ତେଜିଲା

ଭୁବନେଶ୍ୱର, ୩୧/୦୧ (ନି.ପ୍ର): ତାମିଲନାଡୁର ତଂଜାବୁର ସାକ୍ରେଡ୍ ହାର୍ଟସ ହାଇସ୍କୁଲର ଛାତ୍ରୀ ଲାବନ୍ୟା, ସ୍କୁଲ୍ କର୍ମଚାରୀ, ରାକଲିନ୍ ମେରି ଏବଂ ସାଗାୟା ମେରିଙ୍କ ଦ୍ୱାରା ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିବାକୁ ନିର୍ଯାତନା ହେତୁ ଆତ୍ମହତ୍ୟା କରିଥିଲେ ଏବଂ ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧାର ଜିଲ୍ଲାପାଳଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କ ନିକଟରେ ଏକ ସ୍ମାରକପତ୍ର ଦାଖଲ କରିବା ସହ ନିରପେକ୍ଷ ଭାବରେ ଘଟଣାର ତଦନ୍ତ କରିବାକୁ ଦାବି କରାଯାଇଛି। ମୃତ ଛାତ୍ରୀ ଜଣକ ତାଙ୍କ ଭିଡିଓ ବିବୃତିରେ ଉଲ୍ଲେଖ କରିଛନ୍ତି ଯେ ଭଉଣୀ ରାକଲିନ୍ କିପରି ତାଙ୍କ ଧର୍ମ ଗ୍ରହଣ କରିବାକୁ ତାଙ୍କ ପିତାମାତାଙ୍କୁ ଚାପ ଦେଇଥିଲେ। ଏହା ଦୁର୍ଭାଗ୍ୟଜନକ ଯେ ଛାତ୍ରଙ୍କ ଭିଡିଓ ସାମ୍ନାକୁ ଆସିବା ଏବଂ ତାଙ୍କ ମାଙ୍କ ସାକ୍ଷ୍ୟ ସତ୍ତ୍ୱେ ରାଜ୍ୟ ସରକାର ଏବଂ ପୋଲିସ ପ୍ରଶାସନ କୌଣସି ପଦକ୍ଷେପ ନେଇ ନାହାଁନ୍ତି । ଏହି ଘଟଣାକୁ ଏବିଭିପି ଦୃଢ଼ ନିନ୍ଦା କରିଛି ଏବଂ ଏହି ଆତ୍ମହତ୍ୟା ଘଟଣାର ନିରପେକ୍ଷ ତଥା ସ୍ୱଚ୍ଛ ତଦନ୍ତ କରିବାକୁ ଦାବି କରାଯାଇଛି। ଏବିଭିପିର ରାଜ୍ୟ ସମ୍ପାଦକ ସୌଭାଗ୍ୟ ମହାନ୍ତି କହିଛନ୍ତି ଯେ, ' ଧର୍ମାନ୍ତରୀକରଣର ଚାପ ଯୋଗୁଁ ତାମିଲନାଡୁର ତଂଜାବୁର ଜିଲ୍ଲାର ଜଣେ ଛାତ୍ରୀ ଆତ୍ମହତ୍ୟା ଅତ୍ୟନ୍ତ ଦୁଖଦାୟକ। ନ୍ୟାୟ ପାଇଁ ଏହି ସଂଗ୍ରାମରେ ଆମେ ମୃତ ଛାତ୍ରୀର ପରିବାର ସହିତ ଛିଡ଼ା ହୋଇଛୁ ଏବଂ ଏହି ଘଟଣାର ନିରପେକ୍ଷ ତଥା ସ୍ୱଚ୍ଛ ଅନୁସନ୍ଧାନ ପାଇଁ ଚେଷ୍ଟା କରନ୍ତୁ ଏବଂ ଧର୍ମ ପରିବର୍ତ୍ତନକୁ ବନ୍ଦ କରିବା ପାଇଁ ଯଥାଶୀଘ୍ର ନୂତନ ଆଇନ ଆଣନ୍ତୁ।

# ନିର୍ବାଚନ ଆଚରଣ ବିଧିକୁ ଫୁ : ସରକାରୀ ହୋର୍ଡିଂ ହଟିବ କେବେ ?

ଜଳେଶ୍ୱର, ୩୧/୧(ନିପ୍ର): ରାଜ୍ୟରେ ତ୍ରିସ୍ତରୀୟ ନିର୍ବାଚନ ଲାଗି ଆଦର୍ଶ ନିର୍ବାଚନ ଆଚରଣ ଲାଗୁ ହେବାର ଏକ ମାସରୁ ଉର୍ଦ୍ଧ୍ୱ ବିତି ଯାଇଥିଲେ ମଧ୍ୟ ଜଳେଶ୍ୱର ବ୍ଲକ ଅଂଚଳରେ ବିଭିନ୍ନ ସ୍ଥାନରେ ସରକାରୀ ହୋର୍ଡିଂ ମାଳ ମାଳ ଦେଖିବାକୁ ମିଳୁଛି । ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ସରକାରୀ ହୋର୍ଡିଂ ଭୋଟର ମାନଙ୍କୁ ପ୍ରଭାବିତ କରୁଛି ବୋଲି ସଚେତନ ନାଗରିକମାନେ ଦୃଷ୍ଟି ଆକର୍ଷଣ କରିଛନ୍ତି । ଆରୁହା ପଂଚାୟତର ଶାଳିକୋଠା ଛକ ଜଳେଶ୍ୱର-ପଶ୍ଚିମବାର୍ଡ ମୁଖ୍ୟରାସ୍ତା ପାର୍ଶ୍ୱରେ ଏପରି ହୋର୍ଡିଂ ଦେଖିବାକୁ ମିଳିଛି । ଫଳରେ ପ୍ରଶାସନ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ଅନୁକମ୍ପା ଦେଖାଉଥିବା ଅଭିଯୋଗ ହେଉଛି । ଏହାକୁ ହଟାଇବାକୁ ସାଧାରଣରେ ଦାବି ହେଉଛି । ଏ ସମ୍ପର୍କରେ ବିଡିଓ ଅଶ୍ୱିନୀ ନାଥ ଦାସଙ୍କୁ ପଚାରିବାରୁ ସେ ସମ୍ପର୍କରେ ଅନୁଧ୍ୟାନ କରିବେ ବୋଲି କହିଛନ୍ତି ।

# ମହାତ୍ମା ଗାନ୍ଧୀଙ୍କ ୭୪ତମ ଶହୀଦ ଦିବସ ପାଳନ

## ଖୋର୍ଦ୍ଧା ସହରରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବି



ଖୋର୍ଦ୍ଧା, ୩୧/୦୧ (ନି.ପ୍ର): ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଖୋର୍ଦ୍ଧା ଜିଲ୍ଲା ଶାଖା, ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ, ଖୋର୍ଦ୍ଧାର ମିଳିତ ଆନୁକୂଲ୍ୟରେ ଖୋର୍ଦ୍ଧା ସହର ଗାନ୍ଧୀ ମାର୍କେଟସ୍ଥିତ, ଚନ୍ଦ୍ରାଲୋକ କ୍ଲବ ପରିସରରେ ସ୍ଥାପିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ ସକାଳ ୯ ଘଟିକାରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀ ସ୍ଥାପନ କରିଥିବା ଚନ୍ଦ୍ରାଲୋକ କ୍ଲବର ପୁଷ୍ପରାଜ (ଲାଲା) ପଟ୍ଟନାୟକ, ଗଙ୍ଗାଧର ମିଶ୍ର, ତୁଷାରକାନ୍ତ ସାହୁ, ବିରଞ୍ଚି ନାରାୟଣ ଜେନା, ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟର ଅଧ୍ୟକ୍ଷ ରାମଶଙ୍କର, ବରିଷ୍ଠ ନାଗରିକ ବୈକୁଣ୍ଠନାଥ ରାଜଗୁରୁ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଗାନ୍ଧୀ ମାର୍କେଟ ସମ୍ପାଦକ ସୁଧାକର ତ୍ରିପାଠୀ, ପ୍ରମିଳା ମିଶ୍ର, ଚତ୍ତରଂଜନ ସେଠୀ. ସୁଦୀପ୍ତ କୁମାର ସିଂହ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଖୋର୍ଦ୍ଧା ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ବ୍ୟକ୍ତିଗତ ଭାବେ ଖୋର୍ଦ୍ଧା ସହରରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀ ଥିବା ସ୍ଥାନର ଠିକଣା ଜିଲ୍ଲା ପ୍ରଶାସନ ମାଧ୍ୟମରେ ସଂଗ୍ରହ କରି ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଆସି ପୁଷ୍ପମାଲ୍ୟ ଅର୍ପଣ କରିଥିବାରୁ ଆୟୋଜକଙ୍କ ତରଫରୁ ଜିଲ୍ଲାପାଳଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି । ଏହି ପ୍ରସଙ୍ଗରେ ସୂଚେଇଦେବାକୁ ଚାହୁଁ ଯେ, ଖୋର୍ଦ୍ଧା ସଦର ମହକୁମାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀ ସ୍ଥାପନ ପାଇଁ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ୧୮.୧୦.୨୦୧୯ ରିଖରେ ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ ତରଫରୁ ଲିଖିତ ଅନୁରୋଧ କରାଯାଇଥିଲା । ପତ୍ରର ନକଲ ଜିଲ୍ଲା ପ୍ରଶାସନର ଅବଗତି ନିମନ୍ତେ ପୁନର୍ବାର ଦାଖଲ କରିବା ପାଇଁ ଅନୁଷ୍ଠାନ ତରଫରୁ ସ୍ଥିର କରାଯାଇଛି । ଖୋର୍ଦ୍ଧା ସହରାଞ୍ଚଳରେ ପୌରପରିଷଦ ତରଫରୁ କୌଣସି ଜଣେ ହେଲେ ବରପୁତ୍ରଙ୍କ ପ୍ରତିମୂର୍ତ୍ତୀ ସ୍ଥାପନ କରାଯାଇ ନାହିଁ ବୋଲି ସୂଚନା ଅଧିକାର ଆଇନ୍ ଅନୁଯାୟୀ ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟର ଅଧ୍ୟକ୍ଷ ରାମଶଙ୍କରଙ୍କୁ ଖୋର୍ଦ୍ଧା ପୌରପରିଷଦ ତରଫରୁ ତଥ୍ୟ ପ୍ରଦାନ କରାଯାଇଛି । ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ବାବା ସାହେବ ଆମ୍ବେଦକର, ଉତ୍କଳ ଗୌରବ ମଧୁସୂଦନ ଦାସ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ୰ ନବକୃଷ୍ଣ ଚୌଧୁରୀ, ସଚ୍ଚି ରାଉତରାୟଙ୍କ ଭଳି ବରପୁତ୍ରଙ୍କର ପ୍ରତିମୂର୍ତ୍ତୀ ଖୋର୍ଦ୍ଧା ସହରର ବିଭିନ୍ନ ସ୍ଥାନରେ ସ୍ଥାପନ କରିବା ପାଇଁ ଖୋର୍ଦ୍ଧା ଜିଲ୍ଲାପାଳ ଓ ଖୋର୍ଦ୍ଧା ପୌରପରିଷଦ ଯଥାଶୀଘ୍ର ପଦକ୍ଷେପ ନେବା ପାଇଁ ଅପରାହ୍ନ ୩ ଘଟିକାରେ ଆୟୋଜିତ ଆଲୋଚନା ଚକ୍ର "ଗାନ୍ଧୀ ବିଚାର"ରେ ଯୋଗଦେଇଥିବା ବୁଦ୍ଧିଜୀବି, ଶିକ୍ଷାବିତ୍ ଦାବି କରିଛନ୍ତି ।

# ଡାକ୍ତର ଆରତୀ ବେହେରାଙ୍କ ପରଲୋକରେ ଶୋକ

ବାଲେଶ୍ୱର,୩୧/୦୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବିଶିଷ୍ଟ ସ୍ତ୍ରୀ-ପ୍ରସୂତି ରୋଗ ବିଶେଷଜ୍ଞ ଡା. ଆରତୀ ବେହେରା କୋଭିଡ୍‌ରେ ଆକ୍ରାନ୍ତ ହୋଇ ଶନିବାର ପ୍ରାଣ ହରାଇଛନ୍ତି। ଏଣୁ ସହର ସମେତ ଜିଲ୍ଲାର ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ଡାକ୍ତର ଆରତୀ ବେହେରା ଅଣ୍ଟୁଗଣ୍ଠି ଜନିତ ରୋଗରେ ଆକ୍ରାନ୍ତ ଥାଇ ଦିଲ୍ଲୀ ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ହେଉଥିଲେ। ସେଠାରେ ଆଣ୍ଠୁରେ ଅସ୍ତ୍ରୋପଚାର କରାଯାଇଥିଲା ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର କୋଭିଡ୍ ପଜିଟିଭ୍ ରିପୋର୍ଟ ଆସିଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ଆଇସିୟୁ ଓ ପରେ ତାଙ୍କୁ ଭେଂଟିଲେଟରରେ ରଖଯାଇ ଚିକିତ୍ସା କରାଯାଉଥିଲା। ମାତ୍ର ସେଠାରେ ଶନିବାର ସନ୍ଧ୍ୟା ୬ଟାରେ ତାଙ୍କର ପରଲୋକ ହୋଇଯାଇଛି । ମୃତ୍ୟୁ ସମୟରେ ତାଙ୍କର ପରିବାରବର୍ଗ ଉପସ୍ଥିତ ଥିଲେ । ଏ ଦୁଃଖଦ ଘଟଣାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ୍ ଜଗଦେବ ଗଭୀର ଶୋକ ପ୍ରକାଶ କରିଛନ୍ତି । ଦିବଂଗତ ଡାକ୍ତର ପୂର୍ବରୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଥିଲେ। ପରେ ମୟୂରଭଞ୍ଜ ମୁଖ୍ୟ ଚିକିତ୍ସାଧିକାରୀ ଭାବେ ବାରିପଦାରେ ଅବସ୍ଥାପିତ ହୋଇ ଅବସର ଗ୍ରହଣ କରିଥିଲେ ।

# ଜନତା ବିକାଶ ବାହିନୀ ପକ୍ଷରୁ ବାରିପଦା ବ୍ଲକରୁ ଜନ ସଚେତନତା ଅଭିଯାନ ଆରମ୍ଭ




ବାରିପଦା, ୩୧/୦୧ (ନି.ପ୍ର): ବାରିପଦାର ଜନତା ବିକାଶ ବାହିନୀ ସଂଗଠନ ପକ୍ଷରୁ ବର୍ଷ ତମାମ ଚାଲିବାକୁ ଥିବା ଜନ ସଚେତନତା ଅଭିଯାନ ଆଜି ବାରିପଦା ବ୍ଲକର ହାତିକୋଟ ଗ୍ରାମପଂଚାୟତରୁ ଆରମ୍ଭ ହୋଇ ଥିବାର ଜଣା ଯାଇଛି । ଜନତା ବିକାଶ ବାହିନୀର କର୍ମକର୍ତା ଶ୍ରୀକାନ୍ତ ରାଉତ, ଦୀପକ କୁମାର ନାୟକ, ରମାକାନ୍ତ ରାଉତ, ଦିଲ୍ଲିପ କୁମାର ପାତ୍ର, ବାରିପଦା ବ୍ଲକ ସଂଯୋଜକ ଗଣେଶ ଚନ୍ଦ୍ର ମହାନ୍ତ ପ୍ରମୁଖ ବାରିପଦା ବ୍ଲକର ହାତିକୋଟ, ନୂଆଡିହି, ବତାକଟା, କଂଚନପାଳ, ବେଣାଶୋଳ ଆଦି ଗ୍ରାମରେ ସଂଗଠନ ପକ୍ଷରୁ ବିଗତ ଦିନରେ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହିତ ଲୋକଙ୍କୁ ନିଜ ଅଧିକାର ବିଷୟରେ ସଚେତନ କରିଥିଲେ । ଏହା ସହିତ ଲୋକଙ୍କର ରହିଥିବା ବିଭିନ୍ନ ମୌଳିକ ସମସ୍ୟା ଗୁଡିକର ସମାଧାନ ପାଇଁ ସେମାନଙ୍କୁ ଏକଜୁଟ ହେବାକୁ ପରାମର୍ଶ ଦେଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମ ବର୍ଷ ତମାମ ଚାଲିବ ଏବଂ ଲୋକଙ୍କୁ ନିଜ ମୌଳିକ ସମସ୍ୟାର ସମାଧାନ ଦିଗରେ ସଂଗଠନ ପକ୍ଷରୁ ଆଇନଗତ ଓ ଅନ୍ୟାନ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି କୁହା ଯାଇଛି । ଏହି ଜନ ସଚେତନତା ଅଭିଯାନରେ ବିଭିନ୍ନ ଗ୍ରାମର ସାଧାରଣ ନାଗରୀକ ମହିଳା ମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ୪୪୬ ବୋଥ୍ ମଧ୍ୟରୁ ୬୧ ଉତ୍ତେଜନା ପ୍ରବଣ ଓ ୪ଟି ଅତି ଉତ୍ତେଜନା ପୂର୍ଣ୍ଣ

ଜଳେଶ୍ୱର, ୩୧/୦୧ (ନି.ପ୍ର): ଆସନ୍ତା ୧୬ ତାରିଖରେ ଜଳେଶ୍ୱର ବ୍ଲକରେ ତ୍ରୀସ୍ତରୀୟ ପଂଚାୟତ ନିର୍ବାଚନର ଭୋଟ ଗ୍ରହଣ ର ବ୍ୟବସ୍ଥା ହୋଇଛି । ଏଥିଲାଗି ବ୍ୟାପକ ପ୍ରସ୍ତୁତି କାର୍ଯ୍ୟମଧ୍ୟ ଶେଷ ହୋଇଛି। ମୋଟ ୪୪୬ଟି ବୁଥିରେ ୧ଲକ୍ଷ୫୮ହଜାର ୯୯୮ ଭୋଟର ମତଦାନ କରିବେ ବୋଲି ଜଣାଯାଇଛି। ବିଦ୍ୟାଳୟ ଗୁଡିକରେ ମତଦାନର ବ୍ୟବସ୍ଥା କରାଯାଇଛି । ବୁଥ ଗୁଡିକ ମଧ୍ୟରେ ୬୧ଟି ଉତ୍ତେଜନା ପ୍ରବଣ ରହିଛି । ନଛିମପୁର ପଂଚାୟତର ୩, ୫, ୬, ୧୦ ୱାର୍ଡ ଉତ୍ତେଜନା ପ୍ରବଣ ହୋଇଥିବା ବେଳେ ୩ନଂ ୱାର୍ଡ ନାଙ୍ଗୁଡସାହି ପ୍ରାଥମିକ ବିଦ୍ୟାଳୟଟି ଅତି ଉତ୍ତେଜନା ପ୍ରବଣ ବୋଲି ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି । ବାଇଗଣ ବାଡିଆ ପଂଚାୟତର ୧, ୯, ୧୦ ୱାର୍ଡ ଉତ୍ତେଜନା ପ୍ରବଣ । ବରଡିଆ ପଂଚାୟତର ୧ ,୨ , ୭, ୧୩, ୧୪, ୧୫, ୧୬, ୧୯ ୱାର୍ଡ ଉତ୍ତେଜନା ପ୍ରବଣ। ବର୍ତ୍ତନାର ୨ ଓ ୩ ୱାର୍ଡ, ଗଡସାହି ବାଲିଆପାଳର ୨, ୪, ୮ ୱାର୍ଡ ଉତ୍ତେଜନା ପ୍ରବଣ ବୋର୍ଥଭାବେ ପରିଗଣିତ ହୋଇଛି। ଗୋପିମୋହନପୁର ପଂଚାୟତର ୨, ୭, ୧୨ ୱାର୍ଡ ଉତ୍ତେଜନା ପ୍ରବଣ ହୋଇଥିବା ବେଳେ ମାଧବଚନ୍ଦ୍ର ଶିବନାରାୟଣ ପ୍ରାଥମିକ ବିଦ୍ୟାଳୟ ଓ ସରକାରୀ ଉନ୍ନିତ ବିଦ୍ୟାଳୟ ୨ଟି ଅତି ଉତ୍ତେଜନାପୂର୍ଣ୍ଣ ବୋଲି ଦର୍ଶାଯାଇଛି । ଗୋବରଘଟାର ୧୧ନଂ ୱାର୍ଡ, ଝାଡପିମ୍ପଳର ୧ ଓ ୫, କଳମାର ୧, ୨, ୫, ୯, ୧୧, କାଳିକର ୨ ଓ ୩, ଖୁଆଡର ୧, ୨, ୧୨, ୧୩, ଖୁଲୁଡାର ୨ ଓ ୪ ୱାର୍ଡ ଉତ୍ତେଜନା ପ୍ରବଣ । ଲକ୍ଷ୍ମଣନାଥର ୩ ଓ ୭, ମହମ୍ମନଗରପାଟଣାର ୧, ୨, ୩, ୫, ୮, ୧୦ ୱାର୍ଡ ଉତ୍ତେଜନା ପ୍ରବଣ । ନାମ୍ପୋର ୩, ୫, ୮ ଉତ୍ତେଜନା ପ୍ରବଣ ହୋଇଥିବା ବେଳେ ପାଇକସିଦାର ୧୨ ପଶ୍ଚିମବାର୍ଡର ୨ ଓ ୬ ୱାର୍ଡ ଉତ୍ତେଜନା ପ୍ରବଣ । ରାୟାଁରାମଚନ୍ଦ୍ରପୁରର ୧୨ ରାଇବଣିଆର ୭, ରାଜପୁରର ୧, ୩, ୬, ୯, ୧୧ ୱାର୍ଡ ଉତ୍ତେଜନା ପ୍ରବଣ ହୋଇଥିବା ବେଳେ ସରକାରୀ ପଂଚାୟତ ଉଚ୍ଚ ବିଦ୍ୟାଳୟ ବୁଥିଟି ଅତି ଉତ୍ତେଜନା ପୂର୍ଣ୍ଣ ଅଟେ । ଶିଖରପୁରର ୨ନଂ ୱାର୍ଡ ଉତ୍ତେଜନା ପ୍ରବଣ ବୋଲି ବ୍ଲକ ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ । ଅତି ଉତ୍ତେଜନା ପ୍ରବଣ ୪ଟି ବୁଥିରେ ୨ଜଣ ପୁଲିସ୍ କର୍ମଚାରୀ ନିୟୋଜିତ ହେବ ବୋଲି ଜଣାଯାଇଛି ।

# ବିଜେଡି ୧୩ନଂ ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କ ମାରାଥନ ପ୍ରଚାର

ନୀଳଗିରି, ୩୧/୦୧ (ନି.ପ୍ର): ନିର୍ବାଚନ ଯେତେ ପାଖେଇ ଆସୁଛି ରାଜନୀତି ସେତେ ଗାଁ ଗହଳିରେ ଉଷ୍ମତା ପାଉଛି । ନୀଳଗିରି ବ୍ଲକ କେ.ପି.ଲାଖରାଜ ପଂଚାୟତର ତୈଳାସାହିରେ ଆଜି ବିଜେଡିର ୧୩ନମ୍ବର ଜିଲ୍ଲା ପରିଷଦ ପ୍ରାର୍ଥୀ ଗତିକୃଷ୍ଣ ନନ୍ଦ ଙ୍କ ମାରାଥନ ପ୍ରଚାର ଆରମ୍ଭ କରିଛନ୍ତି। ଏହି ଅବସରରେ ଏକ ପଥପ୍ରାନ୍ତ ସଭା ଆୟୋଜନ ହୋଇଥିଲା । ଉକ୍ତ ପଥପ୍ରାନ୍ତ ସଭାରେ ଯୁବ ବିଜେଡି ନୀଳଗିରି ବ୍ଲକ ସଭାପତି ଧିରେନ୍ଦ୍ର ଲେଙ୍କା ସଭାପତିତ୍ୱ କରିଥିଲେ । ଉକ୍ତ ସଭାରେ ଜିଲ୍ଲା ପରିଷଦ ପ୍ରାର୍ଥୀ ଗତିକୃଷ୍ଣ ନନ୍ଦ, ସମିତି ସଭ୍ୟା ପ୍ରାର୍ଥୀ ତପସିନି ସିଂ, ସରପଂଚ ପ୍ରାର୍ଥୀ ଗିରିଶ ଚନ୍ଦ୍ର ସିଂ, ୱାର୍ଡ ସଭ୍ୟ ପ୍ରାର୍ଥୀ ଟିକିନା ଦାସ ପ୍ରମୁଖ ଉପସ୍ଥିତ ରହି ଆଗାମୀ ପଂଚାୟତ ନିର୍ବାଚନରେ ପ୍ରାର୍ଥୀମାନଙ୍କୁ ବିଜୟ କରିବା ସହିତ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ସହିତ ଜିଲ୍ଲା ପରିଷଦ, ସମିତି ସଭ୍ୟ, ସରପଂଚ, ୱାର୍ଡମେମ୍ବର ମାନଙ୍କୁ ଜିତାଇଲେ ବିକାଶ କାର୍ଯ୍ୟ ଆଗକୁ ଯାଇପାରିବ। ଶଙ୍ଖ ଚିହ୍ନ ଜିତିଲେ ବିଜେଡର ସୁପ୍ରିମ ନବୀନ ପଟ୍ଟନାୟକ ଙ୍କ ହାତ ମୁଠାକୁ ଟାଣ କରିବା ସହିତ ନୀଳଗିରିର ବିକାଶର କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ପାରିବ । ଏହି ଅବସରରେ ଉକ୍ତ ପଂଚାୟତର କର୍ଟି ମହାର୍ଣ୍ଣା, ଗୋବିନ୍ଦ ମାହାର୍ଣ୍ଣା, ପଂଚାନନ ଲେଙ୍କା, ସୁକୁମାର ମଲିକ, ଟିକିନା ସିଂ, ବାବୁ ବାରିକ, ରାଙ୍ଗା ମୁଦୁଲି, ମୁଷା ନାୟକ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo